

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043
Cantonment Road, Cuttack, Mob-9238307044 | Amalapada, Lane-2, Angul, Mob-9090066000, 8147485152



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI | ♦VOLUME- 43 ♦ISSUE-105 ♦SATURDAY ♦11 OCTOBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୦୫ ♦ଶନିବାର ♦୧୧ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


## ମାରିଆ ମାଚାଡ଼ୋଙ୍କୁ 'ନୋବେଲ ଶାନ୍ତି'



**ଟ୍ରମ୍ପ ନିରାଶ**

■ **ଷ୍ଟକହାମ୍, ୧୦।୧୦ (ଏଜେନ୍ସି):** ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ନିଜ ସପକ୍ଷରେ ବିଶ୍ୱବ୍ୟାପୀ ସମର୍ଥନ ଜୁଟାଇବାର ବହୁ ପ୍ରୟାସ ଓ ପ୍ରଚାର ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିରାଶ ହେବାକୁ ପଡ଼ିଛି। ଲାଟିନ ଆମେରିକୀୟ ଦେଶ ଭେନେଜୁଏଲାର ଆଇରନ ଲେଡି ଭାବେ ପରିଚିତ ୫୮ ବର୍ଷୀୟା ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ବିରୋଧୀ ଦଳ ନେତ୍ରୀ ମାରିଆଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଏବେ ଅଜ୍ଞାତବାସରେ ଅଛନ୍ତି। ଦେଶରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଦୀର୍ଘ ୨୦ ବର୍ଷଧରି ନିରବଚ୍ଛିନ୍ନ ଭାବେ ପ୍ରୟାସ କରିଆସୁଥିବା ମାରିଆଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇବେ ବୋଲି ସ୍ୱିଡିଶ ଏକାଡେମୀ ପକ୍ଷରୁ ▶ପୃଷ୍ଠା-୧୦

**ପୁଲିସ ଚାକିରି ବିକ୍ରି**

## ପୂର୍ବତନ ଜେଲ୍ ଅଧିକାରୀଙ୍କୁ ପଚରାଉଚରା

■ **ଭୁବନେଶ୍ୱର, ୧୦।୧୦ (ସମିସ):** ପୁଲିସ୍ ଏସ୍ଆଇ ଚାକିରି ବିକ୍ରି ଘଟଣା ଓଡ଼ିଶା ସୀମା ଡେ଼ଇଁ ଜାତୀୟସ୍ତରରେ ପହଞ୍ଚିଛି। ଯୋଜନାବଦ୍ଧ ଭାବରେ ହୋଇଥିବା ଏହି ଚାକିରି ବିକ୍ରି ଷଡ଼ଯନ୍ତ୍ର ମଧ୍ୟପ୍ରଦେଶର କୁଖ୍ୟାତ ବ୍ୟାପମ୍ ସ୍କାମକୁ ବି ଟପି ଯାଇଥିବା କୁହାଯାଉଛି। ଏହି କ୍ରମରେ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଆଜି ଜଣେ ପୂର୍ବତନ ଜେଲ ଅଧିକାରୀଙ୍କୁ ପଚାରାଉଚରା କରିଛି। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଏହି ଘଟଣା ସମ୍ପର୍କରେ ତାଙ୍କୁ ପ୍ରାୟ ୪୫ ମିନିଟ ଧରି ବିଭିନ୍ନ ପ୍ରସଙ୍ଗରେ ପଚାରି ବୁଝିଛନ୍ତି। ପୁଲିସ ଚାକିରି ପାଇଁ ଜଣ ପିଛା ୨୫ରୁ ୩୫ ଲକ୍ଷ ଟଙ୍କା ଲେଖାଏଁ ରେଟ୍ ଛିଡ଼ିଥିବା ଓ ପ୍ରାୟ ୫ରୁ ୧୦ ଲକ୍ଷ ଟଙ୍କା ଅଗ୍ରୀମ ନିଆଯାଇଥିବା କୁହାଯାଉଛି। ସେହିପରି ଜେଲ୍ ବିଭାଗ ଡିଜି ସମ୍ପ୍ରତି ଓପିଆର୍‌ବି ଅଧ୍ୟକ୍ଷ ଥିବାରୁ ଏହି ଘଟଣାରେ ଜେଲ୍ ବିଭାଗର ସମ୍ପୃକ୍ତ ଅଧିକାରୀଙ୍କ ଭୂମିକା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ତେଣୁ କ୍ରାଇମବ୍ରାଞ୍ଚ ଆଜି ତାଙ୍କୁ ଜେରା କରିଥିବା କୁହାଯାଉଛି। ▶ପୃଷ୍ଠା-୧୦

**ଗିରଫ ୧୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅଛନ୍ତି ପୂର୍ବ ଡିଆଇଜିଙ୍କ ପୁଅ**

**ପରୀକ୍ଷା ସବ୍‌ଲେଟ୍ ସମ୍ପର୍କରେ ସବୁ ଜାଣି ଚୁପ୍ ଥିଲା ଓପିଆରବି**

**ଟେଣ୍ଡର ନେଇଥିବା ଆଇଟିଆଇ ଲିମିଟେଡ୍‌କୁ ପଠାଇଲା ନୋଟିସ**

## ଦିଲ୍ଲୀରୁ ଫେରିଲେ ନବୀନ



**ଖୁବ୍‌ଶୀଘ୍ର ନୂଆପଡ଼ା ଉପନିର୍ବାଚନ ପ୍ରାର୍ଥୀଙ୍କ ନାମ ଘୋଷଣା**

■ **ଭୁବନେଶ୍ୱର, ୧୦।୧୦ (ସମିସ):** ଶୁକ୍ରବାର ଅପରାହ୍ନରେ ଦିଲ୍ଲୀରୁ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗତମାସରେ ନବୀନ ବ୍ୟକ୍ତିଗତ କାର୍ଯ୍ୟବଶତଃ ନୂଆଦିଲ୍ଲୀ ଯାଇଥିଲେ ଓ ନିଜ ବାସଭବନରେ ଅବସ୍ଥାନ କରୁଥିଲେ। ଏହି ସମୟରେ ସେ ନିଜ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କୁ ମଧ୍ୟ ଭେଟିଥିଲେ। ଦିଲ୍ଲୀରେ ଏସିଆନ୍ ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଏବଂ ଏସିଆନ୍ ହାର୍ଟ ଇନଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପଦ୍ମଭୂଷଣ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ୱାଇଲ୍ଡଲାଇଫ୍ ଫଟୋ ପ୍ରଦର୍ଶନୀ ସହ ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଚାଲିଥିବା 'ଭୟେଜେସ୍, ଦି ଆନ୍ସିଏଣ୍ଟ ମେରିଟାଇମ୍ ସିଲ୍କ ରୁଟ୍' କଳା ପ୍ରଦର୍ଶନୀରେ ମଧ୍ୟ ନବୀନଙ୍କୁ ଦେଖିବାକୁ ମିଳିଥିଲା। ଏହା ସତ୍ତ୍ୱେ ନବୀନ ଓଡ଼ିଶାରେ ଘଟୁଥିବା ଘଟଣାକ୍ରମ ଉପରେ ତୀକ୍ଷ୍ଣ ନଜର ରଖୁଥିବା ଓ ନିୟମିତ ଭାବରେ ସାମାଜିକ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ଦେଉଥିବା ଦେଖା ଯାଇଥିଲା। ▶ପୃଷ୍ଠା-୧୦




with you hamesha 1800-209-6006 | xmart | UDAY | ଦଶ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା

ପ୍ରଦର୍ଶିତ ସହ-ଉପକରଣସବୁ ମାନକ ଉପକରଣର ଭାଗ ନୁହେଁ।
*GST ମୂଲ୍ୟ ହ୍ରାସ ଯୋଗୁଁ ନୂଆ ମୂଲ୍ୟ ୨୨ ସେପ୍ଟେମ୍ବର ୨୦୨୫ ରୁ ଲାଗୁ। *ନିୟମ ଏବଂ ସର୍ତ୍ତାବଳୀ ପ୍ରଯୁଜ୍ୟ।

**BASANTI AUTO AGENCY:** BALASORE, BHADRAK, BARIPADA, JALESWAR: 7574808557,
**UTKAL AUTOMOBILES:** BARBIL, KEONJHAR: 9873942631





ସକାଳ
THE SAKALA
www.sakalaepaper.com

## ନାଟୋରୁ ସ୍ପେନ୍‌କୁ ବିଦା କରିବାକୁ କହିଲେ ଟ୍ରମ୍ପ



ନ୍ୟୁୟର୍କ, ୧୦।୧୦ (ଏଜେନ୍ସି): ସାମରିକ ମେଣ୍ଟ ନାଟୋରୁ ସ୍ପେନ ଭଳି ୟୁରୋପୀୟ ଦେଶକୁ ବାଦ ଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଯଦି ସ୍ପେନ୍ ନିଜର ପ୍ରତିରକ୍ଷା ବ୍ୟୟ ଅର୍ଥାତ ଡିଫେନ୍ସ ବଜେଟ୍ ବୃଦ୍ଧି ନକରେ ତେବେ ଏଭଳି କଠୋର ନିଷ୍ପତ୍ତି ନେବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡର ଷ୍ଟବ୍‌ଙ୍କ ସହ ଏକ ବୈଠକ ପରେ ଟ୍ରମ୍ପ ସାମ୍ବାଦିକମାନଙ୍କୁ ଏହି କଥା କହିଛନ୍ତି। ପୂର୍ବରୁ ଜୁନ୍‌ରେ ଟ୍ରମ୍ପ ଏ ସଂକ୍ରାନ୍ତରେ ସ୍ପେନ୍‌କୁ ଧମକ ମଧ୍ୟ ଦେଇଥିଲେ। ଗତ କିଛି ମାସ ହେବ ଟ୍ରମ୍ପ ନାଟୋରେ ସାମିଲ ଥିବା ଦେଶଗୁଡିକୁ ନିଜ ପ୍ରତିରକ୍ଷା ବ୍ୟୟ ବଢ଼ାଇବାକୁ କ୍ରମାଗତ ଭାବେ ଚାପ ପକାଇ ଆସୁଛନ୍ତି। ନାଟୋ ଶିଖର ସମ୍ମିଳନୀରେ ଟ୍ରମ୍ପ ସବୁ ଦେଶକୁ ଡିଫେନ୍ସ ବଜେଟକୁ ଜିଡିପିର ୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବାକୁ କହିଥିଲେ। କିନ୍ତୁ ସେତେବେଳେ ସ୍ପେନ ଏହାକୁ ଖାରଜ କରିଥିଲା। ଡିଫେନ୍ସ ବଜେଟ ବୃଦ୍ଧି କଲେ ଦେଶର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ନକରାତ୍ମକ ଭାବେ ପ୍ରଭାବିତ ହେବ। ଏଥିରେ ଖର୍ଚ୍ଚ କାଟ କରିବାକୁ ହେବ ଓ ଆଦୌ ଠିକ୍ ନୁହଁ ବୋଲି ସ୍ପେନ ପ୍ରଧାନମନ୍ତ୍ରୀ ପଡ୍ରୋ ସାଞ୍ଚେଜ ଯୁକ୍ତି ବାଢ଼ିଛନ୍ତି। କିନ୍ତୁ ନାଟୋ ପ୍ରତି ସ୍ପେନ ସମର୍ପିତ ରହିଛି ଓ ଆମେରିକା ଭଳି ନିଜ ଲକ୍ଷ୍ୟ ହାସଲ କରିବାକୁ ପ୍ରୟାସ କରିବ ବୋଲି ସେ କହିଛନ୍ତି।

## ଆମେରିକାକୁ ବଗରାମ ଏୟାରବେସ୍ ଦେବନି ତାଲିବାନ୍

ନୂଆଦିଲ୍ଲୀ, ୧୦।୧୦ (ଏଜେନ୍ସି): ପ୍ରଥମଥର ପାଇଁ ଭାରତ ଗସ୍ତରେ ଆସିଥିବା ତାଲିବାନ ବିଦେଶମନ୍ତ୍ରୀ ଅମିର ଖାନ ମୁତ୍ତାକି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବଡ଼ ଝଟ୍‌କା ଦେଇଛନ୍ତି। ଆମେରିକାକୁ ବଗରାମ ଏୟାରବେସ ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ଏହା ସହିତ କୌଣସି ଦେଶ ବିରୋଧରେ ଆଫଗାନ ମାଟିକୁ ବ୍ୟବହାର କରିବାକୁ ଦେବୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହା ପୂର୍ବରୁ ଗତ ମାସରେ ଟ୍ରମ୍ପ ଏହି ଏୟାରବେସ ପୁଣି ଫେରି ପାଇବାକୁ ଦାବି କରିଥିଲେ। ଏପରି ନ କଲେ ଗମ୍ଭୀର ପରିଣାମ ଭୋଗିବାକୁ ପଡିବ ବୋଲି ଧମକ ଦେଇଥିଲେ। ଏହାକୁ ନେଇ ମୁତ୍ତାକି କହିଛନ୍ତି ଯେ ନିଜ ଦେଶରେ ବିଦେଶୀ ସେନାକୁ ଆଫଗାନ ନାଗରିକ ସ୍ୱୀକାର କରିବେ ନାହିଁ। ମାତ୍ର କୂଟନୈତିକ ଭାବେ ଆଫଗାନ ସହ କୌଣସି ଦେଶ ସମ୍ପର୍କ ବୃଦ୍ଧି କରିପାରିବେ। ଏହା ସହିତ ଚାବାହର ବନ୍ଦରରୁ କଟକଣା ହଟାଇବା ପାଇଁ ମୁତ୍ତାକି ଆମେରିକାକୁ ଅନୁରୋଧ କରିଛନ୍ତି। ଏ ନେଇ ଭାରତ-ଆମେରିକା ଚର୍ଚ୍ଚା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଏହି କଟକଣା ହଟିଲେ ପାକିସ୍ତାନ ନ ଯାଇ ସିଧାସଳଖ ଆଫଗାନ ସହ କାରବାର କରିହେବ।

## ଆଫଗାନିସ୍ତାନରେ ପୁଣି ଦୂତାବାସ ଆରମ୍ଭ କରିବ ଭାରତ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଭାରତ ପୁଣି ଥରେ ଆଫଗାନିସ୍ତାନରେ ଦୂତାବାସ ଆରମ୍ଭ କରିବ। ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଓ ଆଫଗାନିସ୍ତାନର ତାଲିବାନ ସରକାରଙ୍କ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକି ଶୁକ୍ରବାର ଦ୍ୱିପାକ୍ଷିକ ବୈଠକରେ ମିଳିତ ହୋଇଥିଲେ ଓ ଏ ସଂକ୍ରାନ୍ତରେ ଆନୁଷ୍ଠାନିକ ଭାବେ ଘୋଷଣା କରିଥିଲେ। ଏହି ବୈଠକରେ ଭାରତ କିମ୍ବା ଆଫଗାନିସ୍ତାନର ପତାକା ଦେଖିବାକୁ ମିଳି ନଥିଲା। ଭାରତ ଏପର୍ଯ୍ୟନ୍ତ ଆଫଗାନିସ୍ତାନର ତାଲିବାନ ସରକାରଙ୍କୁ ମାନ୍ୟତା ପ୍ରଦାନ କରି ନଥିବାରୁ ବୈଠକର ପ୍ରଚ୍ଛଦରେ କୌଣସି ପତାକା ଦେଖିବାକୁ ମିଳି ନଥିଲା। ତାଲିବାନ କ୍ଷମତାକୁ ଆସିବା ପରେ ୨୦୨୧ରେ ଭାରତ ତା'ର ଦୂତାବାସକୁ ବନ୍ଦ କରିଥିଲା। କାବୁଲରେ ଥିବା ବୈଷୟିକ ମିସନକୁ ଭାରତ ଏବେ ଦୂତାବାସରେ ପରିଣତ କରିବ। ଦୂତାବାସକୁ ବନ୍ଦ କରିବାର ଗୋଟିଏ ବର୍ଷ ପରେ ଭାରତ ଚିକିତ୍ସା ସହାୟତା ଓ ମାନବୀୟ ସହାୟତା ଉପଲବ୍ଧ କରାଇବାକୁ କାବୁଲରେ ଏକ ଛୋଟ ମିଶନ ଖୋଲିଥିଲା। ଆଫଗାନିସ୍ତାନର ବିକାଶରେ ଭାରତ ରୁଚି ରଖୁଛି ବୋଲି ଜୟଶଙ୍କର କହିଛନ୍ତି। ମୁତ୍ତାକି ମଧ୍ୟ ବିଭିନ୍ନ ପ୍ରକାର ସହାୟତା, ସହଭାଗିତା ଓ ବନ୍ଧୁତା ପାଇଁ ଭାରତକୁ କୃତଜ୍ଞତା ଜଣାଇଛନ୍ତି। ଆଫଗାନିସ୍ତାନରେ ଯେତେବେଳେ ଭୂକମ୍ପ ଆସିଥିଲା ଭାରତ ପ୍ରଥମ ଦେଶ ଭାବେ ସାହାଯ୍ୟ ଓ ସୁବିଧା ସୁଯୋଗ ଉପଲବ୍ଧ କରାଇଥିଲା ବୋଲି ମୁତ୍ତାକି କହିଛନ୍ତି। ମୁତ୍ତାକି ତାଜମହଲ ଓ ଦେଓବନ୍ଦ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।

## କରୁର ଦଳାଚକଟା: ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ



ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): କରୁର ଦଳାଚକଟା ମାମଲାରେ ସୁପ୍ରିମକୋର୍ଟ ସିବିଆଇ ଯାଞ୍ଚ କରିବା ଓ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରା ଏସ୍‌ଆଇଟି ଗଠନ ଆଦେଶକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନର ରାୟକୁ ସୁରକ୍ଷିତ ରଖିଛନ୍ତି। ତାମିଲ ଅଭିନେତା ବିଜୟଙ୍କ ନବଗଠିତ ପାର୍ଟି ଟିଭିକେ ଓ ବିଜେପି ନେତା ଉମା ଆନନ୍ଦନ ଏହି ଅବେଦନ ଦାଖଲ କରିଥିଲେ। ଟିଭିକେ ତରଫରୁ ଆଡଭୋକେଟ ଗୋପାଳ ସୁବ୍ରମନିୟମ ଓ ସିଏ ସୁନ୍ଦରନ ତର୍କ ଉପସ୍ଥାପନ କରିଥିଲେ। ସେପଟେ ତାମିଲନାଡୁ ସରକାରଙ୍କ ତରଫରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଙ୍ଘଭି ସିବିଆଇ ଯାଞ୍ଚର ଆବଶ୍ୟକତା ନାହିଁ ବୋଲି କହିଥିଲେ। ଏହି ଦଳାଚକଟା ଘଟଣାରେ ପୁଲିସର ବିଫଳତା ସାବ୍ୟସ୍ତ ହୋଇନାହିଁ ବୋଲି ସେ ତର୍କ ଦେଇଥିଲେ। ଏହି ମାମଲାରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଭର୍ତ୍ସନା କରିଛନ୍ତି। ସକାଳୁ ଭିଡ଼ ହୋଇଥିବାରୁ ଏହି ଦଳାଚକଟା ହୋଇଥିଲା ବୋଲି କୁହାଯାଇଥିଲା। କିନ୍ତୁ ବିଜୟ ସନ୍ଧ୍ୟା ୭ଟାରେ ପହଞ୍ଚିଥିଲେ। ଉଲ୍ଲେଖଥାଉ କି, ସେପ୍ଟେମ୍ବର ୨୭ରେ ହୋଇଥିବା ଏହି ଦଳାଚକଟାରେ ୪୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦୦ଜଣ ଆହତ ହୋଇଥିଲେ। ଅକ୍ଟୋବର ୪ରେ ବିଜୟଙ୍କ ପାର୍ଟି ଉତ୍ତରଦାୟିତ୍ୱରୁ ବର୍ତ୍ତି ପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ। ବିଜୟଙ୍କ ପାର୍ଟି ଏସ୍‌ଆଇଟି ଗଠନକୁ ବିରୋଧ କରିଥିଲା।

## ଜାମ୍ମୁ- କଶ୍ମୀରକୁ ରାଜ୍ୟ ମାନ୍ୟତା: କେନ୍ଦ୍ରକୁ ଜବାବ ତଲବ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଜମ୍ମୁ-କଶ୍ମୀରକୁ ପୁଣି ଥରେ ରାଜ୍ୟ ମାନ୍ୟତା ଦେବା ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶୁକ୍ରବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ତେବେ ଏ ନେଇ କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନ ମଧ୍ୟରେ କଥାବାର୍ତ୍ତା ଚାଲିଛି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଶୁଣାଣି ବେଳେ କହିଥିଲେ। ଜମ୍ମୁ-କଶ୍ମୀରରେ ବିକାଶ ତ୍ୱରାନ୍ୱିତ ହୋଇଛି ଓ ୯୯.୯ ପ୍ରତିଶତ ଲୋକ ସରକାରଙ୍କ ସହ ରହିଛନ୍ତି। କିନ୍ତୁ କିଛି ଲୋକ ମିଛ ଖବର ପ୍ରଚାର କରୁଛନ୍ତି ଓ ଲୋକଙ୍କୁ ଭ୍ରମିତ କରିବାକୁ ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ପୂର୍ବରୁ ଅଗଷ୍ଟ ୧୪ରେ ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ ୮ ସପ୍ତାହ ମଧ୍ୟରେ ଏହି ମାମଲାରେ ଲିଖିତ ଜବାବ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଥାଉ କି, ୬ ବର୍ଷ ତଳେ ୨୦୧୯ ଅଗଷ୍ଟ ୫ରେ ୩୭୦ ଧାରା ହଟାଇବା ପରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ କେନ୍ଦ୍ର ଶାସିତ ପ୍ରଦେଶର ମାନ୍ୟତା ଦେଇଥିଲେ। ଏହାପରେ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିକୋର୍ଟରେ ଆବେଦନ ହୋଇଥିଲା।

## ବିଷାକ୍ତ କଫ୍ ସିରଫ୍ ମାମଲା: ରଙ୍ଗନାଥନ୍‌ଙ୍କୁ କୋର୍ଟରେ ଆକ୍ରମଣ

ଭୋପାଳ, ୧୦।୧୦(ଏଜେନ୍ସି): ବିଶାକ୍ତ କଫ୍ ସିରପ୍ ସେବନ ଯୋଗୁଁ ଶିଶୁ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ଶ୍ରୀସାନ ଫାର୍ମାସିଟିକାଲ କମ୍ପାନୀର ନିର୍ଦ୍ଦେଶକ ଗୋବିନ୍ଦନ ରଙ୍ଗନାଥନଙ୍କ ଉପରେ ପରାସିଆ କୋର୍ଟରେ ଆକ୍ରମଣ ହୋଇଛି। ଓକିଲଙ୍କ ସମେତ ସେଠାରେ ଏକାଠି ହୋଇଥିବା ଲୋକ ତାଙ୍କୁ ଫାସୀ ଦେବାକୁ ଦାବି କରିଛନ୍ତି। ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ରଙ୍ଗନାଥନଙ୍କୁ ଶୁକ୍ରବାର ଅପରାହ୍ଣ ୧୧ଟାରେ ପରାସିଆ କୋର୍ଟରେ ହାଜର କରିଥିଲା। ଶ୍ରୀସାନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଶାକ୍ତ କଫ୍ ସିରପ ସେବନ କରି ମଧ୍ୟପ୍ରଦେଶରେ ୨୫ ଜଣ ପିଲା ମୃତ୍ୟୁବରଣ କରିଥିଲେ। ସେପଟେ ଏହି ମାମଲାରେ ସିବିଆଇ ଦ୍ୱାରା ଯାଞ୍ଚ ପାଇଁ ହେଉଥିବା ଦାବିକୁ ସୁପ୍ରିମକୋର୍ଟ ପ୍ରତ୍ୟାଖାନ କରିଛନ୍ତି। ରଙ୍ଗନାଥନଙ୍କ ପାଇଁ କୌଣସି ଓକିଲ କୋର୍ଟରେ ଲଢ଼ିବେ ନାହିଁ ବୋଲି ପରାସିଆ ବାର ଆସୋସିଏସନ ଅଧ୍ୟକ୍ଷ ଶ୍ୟାମ କୁମାର ସାହୁ କହିଛନ୍ତି। ପୁଣି ଯଦି ବାହାରୁ କୌଣସି ଓକିଲ ତାଙ୍କ ପାଇଁ କେସ୍ ଲଢ଼ନ୍ତି, ତାଙ୍କୁ ବିରୋଧ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କୋର୍ଟ ପରିସରରେ ଲୋକଙ୍କ ଭିଡ଼ ବଢୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ମଧ୍ୟପ୍ରଦେଶ ଓ ତାମିଲନାଡୁ ପୁଲିସର ମିଳିତ କାର୍ଯ୍ୟାନୁଷ୍ଠାନ କ୍ରମେ ଶ୍ରୀସାନ ଫାର୍ମା କମ୍ପାନୀର ନିର୍ଦ୍ଦେଶକ ଗୋବିନ୍ଦନ ରଙ୍ଗନାଥନଙ୍କୁ ଗୁରୁବାର ଗିରଫ କରାଯାଇଥିଲା। ସେପଟେ ତାମିଲନାଡୁରେ ପ୍ରସ୍ତୁତ ହେଉଥିବା କଫ୍ ସିରିପ ତଥା ଔଷଧର ଯାଞ୍ଚକୁ ଅଣଦେଖା କରାଯାଇଛି ବୋଲି କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ସିଏଜି) ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଡ୍ରଗ୍ ଟେଷ୍ଟିଂରେ ସାଂଘାତିକ ଅବହେଳା କରାଯାଇଛି ବୋଲି କୁହାଯାଇଛି।

### ଅବସରପ୍ରାପ୍ତ ସିଭିଲ ଇଞ୍ଜିନିୟରଙ୍କ ଲୋକାୟୁକ୍ତ ଚଢ଼ାଉ

## ୨.୬ କେଜି ସୁନା, ୧୭ ଟନ୍ ମହୁ ଜବତ





ଭୋପାଳ, ୧୦।୧୦ (ଏଜେନ୍ସି): ମଧ୍ୟପ୍ରଦେଶ ଭୋପାଳରୁ ବାସ୍ତବ ଜୀବନର ଏକ କ୍ରାଇମ-ଥ୍ରିଲର ସାମ୍ନାକୁ ଆସିଛି। ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି)ର ଅବସରପ୍ରାପ୍ତ ମୁଖ୍ୟ ଇଞ୍ଜିନିୟର ଜିପି ମେହେଟାଙ୍କ ଘର ଏବଂ ଅନ୍ୟ ଠିକଣାରେ ଗୁରୁବାର ଦୁର୍ନୀତି ବିରୋଧୀ ସଂସ୍ଥା ଲୋକାୟୁକ୍ତ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ଚଢ଼ଉରୁ ଧନର ପାହାଡ଼ର ସନ୍ଧାନ ମିଳିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତରୁ ଆରମ୍ଭ ହୋଇଥିବା ଏହି କାହାଣୀ ରାଜ୍ୟର ପ୍ରମୁଖ ଦୁର୍ନୀତିରେ ସାମିଲ ହୋଇଯାଇଛି। ଘରୁ ଏତେ ଧନ ସମ୍ପତ୍ତି ମିଳିଛି ଯେ ତାହା ଦେଖି ଅଧିକାରୀ ଜଳକା ହୋଇଯାଇଛନ୍ତି। ଏତେ ଟଙ୍କା ଜବତ ହୋଇଛି ଯେ ତାହାକୁ ଗଣିବା ପାଇଁ ଗଣତି ମେସିନ ମଗାଯାଇଛି। ସୁନା ଏବଂ ରୁପା କେଜି ଆକାରରେ ଜବତ ହୋଇଛି। ମାତ୍ର ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ମେହେଟାଙ୍କ ଫାର୍ମ ହାଉସରୁ ୧୭ ଟନ୍ ମହୁ ଜବତ କରାଯାଇଛି। ଏହାକୁ ମହଜୁଦ କରି ସଜାଇ ରଖାଯାଇଥିଲା।

ସୂଚନା ଅନୁଯାୟୀ ଲୋକାୟୁକ୍ତର ୪ ଡିଏସ୍‌ପି ର୍‌ୟାଙ୍କ ଅଧିକାରୀ ଗୁରୁବାର ବଡି ଭୋରରେ ମେହେଟାଙ୍କ ଭୋପାଳ ଏବଂ ନର୍ମଦାପୁରମ ସ୍ଥିତ ଚାରି ଠିକଣାରେ ଚଢ଼ଉ କରିଥିଲେ। ମଣିପୁର କଲୋନୀରେ ଥିବା ତାଙ୍କ ଘରୁ ୮.୭୯ ଲକ୍ଷ ଟଙ୍କା, ୫୦ ଲକ୍ଷର ଅଳଙ୍କାର, ୫୬ ଲକ୍ଷର ଫିକ୍ସଡ ଡିପୋଜିଟ ମିଳିଥିଲା। କିନ୍ତୁ ଅସଲ ସମ୍ପତ୍ତି ତାଙ୍କ ଦ୍ୱିତୀୟ କୋଠାରେ ଥିଲା। ଦାନାପାନି ନିକଟରେ ଥିବା ବିଳାଶପୂର୍ଣ୍ଣ ଆପାର୍ଟମେଣ୍ଟରୁ ବିପୁଳ ସୁନା ମିଳିଥିଲା। ଏଠାରୁ ୨୬ ଲକ୍ଷ ଟଙ୍କା, ୩.୦୫ କୋଟି ଟଙ୍କାର ୨.୬ କେଜି ସୁନା ଏବଂ ୫.୫ କେଜି ରୁପା ମିଳିଥିଲା। ସହରର ସମ୍ପତ୍ତିଗୁଡ଼ିକ ଦେଖି ଆଖି ଖୋସି ହେଉଥିଲେ ମଧ୍ୟ ସୋହାଗପୁର (ନର୍ମଦାପୁରମ) ତହସିଲର ସାଇନି ଗ୍ରାମରେ ମେହରାଙ୍କ ଫାର୍ମହାଉସରୁ ସମ୍ପତ୍ତିର ବଡ଼ ସାମ୍ରାଜ୍ୟ ସାମ୍ନାକୁ ଆସିଥିଲା। ଏଠାରୁ ୧୭ ଟନ୍ ମହୁ, ଛଅଟି ଟ୍ରାକ୍ଟର, ୩୨ଟି ନିର୍ମାଣାଧୀନ କୁଟୀର, ନିର୍ମାଣ ସରିଥିବା ୭ଟି କୋଠା, ମାଛ ଚାଷ ସୁବିଧା ସହିତ ବିଶାଳ ପୋଖରୀ, ଗୋଶାଳା, ମନ୍ଦିର ଏବଂ ଏକ ଫୋର୍ଡ ଏଣ୍ଡେଭର, ସ୍କୋଡା ସ୍ଲାଭିଆ, କିଆ ସୋନେଟ୍ ଏବଂ ମାରୁତି ସିଆଜ୍ ଆଦି କାର୍ ଦେଖିବାକୁ ମିଳିଥିଲା। ଏହି ସବୁ କାର୍ ମେହରା ପରିବାରଙ୍କ ନାମରେ ପଞ୍ଜିକୃତ ହୋଇଥିଲା। ସେହିପରି ଗୋବିନ୍ଦପୁର ଶିଳ୍ପାଞ୍ଚଳରେ ମେହେରାଙ୍କ ଅଫିସ ଥିଲା। ଏଠାରୁ ଅନେକ ସାମଗ୍ରୀ, କଞ୍ଚାମାଲ, ୧.୨୫ ଲକ୍ଷ କ୍ୟାସ ଏବଂ ତାଙ୍କ ପରିବାର ସମ୍ବନ୍ଧିତ ଅନେକ ସମ୍ପତ୍ତି କାଗଜପତ୍ର ମିଳିଥିଲା। ସନ୍ଧ୍ୟା ସୁଦ୍ଧା ତାଙ୍କ ଠିକଣାରୁ ୩୬.୦୫ ଲକ୍ଷ ଟଙ୍କା, ୨.୬୪୯ କେଜି ସୁନା, ୫.୫୨୩ କେଜି ରୁପା, ଏଫଡି, ବୀମା, ଅନେକ ସମ୍ପତ୍ତି, ୪ ବିଳାଶପୂର୍ଣ୍ଣ କାର୍ ଜବତ ହୋଇଥିଲା।

## ବେଆଇନ ବାଲି ଖନନ ପାଇଁ ପଶ୍ଚିମବଙ୍ଗରେ ୧୯ ଗିରଫ

ପୁରୁଲିଆ, ୧୦।୧୦(ଏଜେନ୍ସି): ପଶ୍ଚିମବଙ୍ଗର ପୁରୁଲିଆରେ ବେଆଇନ ବାଲି ଖନନ ପାଇଁ ବିଜେପୀ ବିଧାୟକ ଓ କର୍ମୀଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପୁରୁଲିଆରେ ଉତ୍ତେଜନା ଦେଖା ଦେଇଛି। ବେଆଇନ ବାଲି ଖନନରେ ସାମିଲ ଥିବା ୧୯ଜଣଙ୍କୁ ପୁଲିସ ଶୁକ୍ରବାର ଗିରଫ କରିଛି। ବୁଧବାର ବିଳମ୍ବିତ ରାତିରେ ପୁଲିସ ଚଢ଼ାଉ କରିଥିଲା। ବାଲି ଚାଲାଣ କରୁଥିବା ଦୁଇଟି ଟ୍ରାକ୍ଟରକୁ ମଧ୍ୟ ପୁଲିସ ଅଟକ ରଖିଛି। ବେଇଆଇନ ବାଲି ଖନନ ନେଇ ପୁରୁଲିଆ ବିଧାୟକ ସୁଦୀପ ମୁଖାର୍ଜୀଙ୍କ ସହ କର୍ମୀ ଥାନାରେ ହିଁ ମୁହାଁମୁହିଁ ହୋଇଥିଲେ। ଦୀର୍ଘଦିନ ଧରି ଏହି ଅଞ୍ଚଳରେ ବେଆଇନନ ବାଲି ଖନନ ଓ ଚାଲାଣ ନେଇ ଅଭିଯୋଗ ହେଉଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିଲା। ଗିରଫ୍ ହୋଇଥିବା ୧୯ଜଣଙ୍କୁ ଶୁକ୍ରବାର ପୁରୁଲିଆ ଜିଲ୍ଲା କୋର୍ଟରେ ହାଜର କରାଯାଇଥିଲା।

## କାବୁଲ୍‌ରେ ପାକ୍ ବାୟୁସେନାର ଆକ୍ରମଣ

କାବୁଲ, ୧୦।୧୦(ଏଜେନ୍ସି): ପାକିସ୍ତାନ ଗୁରୁବାର ରାତିରେ ଆଫଗାନିସ୍ତାନ ରାଜଧାନୀ କାବୁଲରେ ତେହରିକ-ଏ- ତାଲିବାନ ପାକିସ୍ତାନ (ଟିଟିପି)ର କେତୋଟି ଠିକଣା ଉପରେ ଆକାଶ ମାର୍ଗରୁ ଆକ୍ରମଣ କରିଛି। ଏଥିରେ ଟିଟିପି ମୁଖ୍ୟ ମୌଲାନା ନୁର ୱାଲି ମେହସୁଦ ମୃତ୍ୟୁବରଣ କରିଛନ୍ତି ବୋଲି ପାକିସ୍ତାନ ବାୟୁସେନା ଦାବି କରିଛି। ପୂର୍ବ କାବୁଲ୍‌ରେ ଟିଟିପି୍‌ର ଠିକଣାରେ ମେହସୁଦ ଥିଲେ ବୋଲି ପାକିସ୍ତାନ ଗଣମାଧ୍ୟମ ଦାବି କରିଛି। ମେହସୁଦ ୨୦୧୮ରୁ ଟିଟିପିର ନେତୃତ୍ୱ ନେଇ ଆସୁଛନ୍ତି। ତାଲିବାନ ସମର୍ଥନରେ ସେ ଏହି ସଂଗଠନ ପରିଚାଳନା କରି ଆସୁଛନ୍ତି। ତାଲିବାନ ସରକାରଙ୍କ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ଭାରତ ଗସ୍ତରେ ଆସିଥିବା ବେଳେ ପାକିସ୍ତାନ ବାୟୁସେନା ଏହି ଆକ୍ରମଣ କରିଛି। ମୁତ୍ତାକି ଭାରତରେ ୭ ଦିନ ରହିବେ। କୌଣସି ପ୍ରକାର ଆକ୍ରମଣ ହୋଇନାହିଁ ବୋଲି ମେହସୁଦ ଏକ ଭିଡିଓ ବାର୍ତ୍ତାରେ ସୂଚନା ଦେଇଛି। ଏହି ଆକ୍ରମଣରେ କୌଣିସ ପ୍ରକାର କ୍ଷତି ହୋଇନାହିଁ ଓ ସବୁକିଛି ନିୟନ୍ତ୍ରଣରେ ରହିଛି ବୋଲି ତାଲିବାନ ସରକାର ତରଫରୁ କୁହାଯାଇଛି। ମେହସୁଦ ଟିଟିପିର ଚତୁର୍ଥ ମୁଖ୍ୟ ଭାବେ ଦାୟିତ୍ୱରେ ରହିଛନ୍ତି। ଟିଟିପି ଏବେ ପାକିସ୍ତାନର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସବୁଠାରୁ ବଡ଼ ବିପଦ ଭାବେ ଉଭା ହୋଇଛି ଓ ପାକିସ୍ତାନ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ଉଲ୍ଲେଖଥାଉ କି, ୨୦୦୧ରେ ଆଫଗାନିସ୍ତାନ ଉପରେ ଆମେରିକା ଆକ୍ରମଣ କରିଥିଲା। ଏହାକୁ ବିରୋଧ କରି ବାଇତୁଲ୍ଲା ମେହସୁଦ ୨୦୦୭ରେ ୧୩ଟି ବିଦ୍ରୋହୀ ତଥା ଉଗ୍ରାବାଦୀ ସଂଗଠନକୁ ଏକାଠି କରି ଟିଟିପି ଗଠନ କରିଥିଲେ।

## ହିମାଚଳରେ ତୁଷାରପାତ: ମନାଲୀ- ଲେହ ହାଇୱେ ୪ ଦିନ ବନ୍ଦ




ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ହିମାଳୟ କ୍ଷେତ୍ରରେ ଥିବା ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟରେ ତୁଷାରପାତ ଜାରି ରହିଛି। ଏହାର ପ୍ରଭାବରେ ସମତଳ ଅଞ୍ଚଳରେ ତାପମାତ୍ରା ତଳକୁ ଖସିଛି। ବାୟୁର ଗତିପରିବର୍ତ୍ତନ ଫଳରେ ଶୀତ ଅନୁଭୂତ ହେବା ଆରମ୍ଭ ହୋଇଛି। ହରିୟାଣା, ପଞ୍ଜାବ, ରାଜସ୍ଥାନ, ମଧ୍ୟପ୍ରଦେଶ, ଦିଲ୍ଲୀ, ଉତ୍ତରପ୍ରଦେଶର କେତେକାଞ୍ଚଳରେ ତାପମାତ୍ରା ୨୦ ଡିଗ୍ରୀ ତଳକୁ ଖସିଛି। ସକାଳୁ ଶୀତ ଅନୁଭୂତ ହେବା ସହ କୁହୁଡି ଦେଖିବାକୁ ମିଳିଥିଲା। ମଧ୍ୟପ୍ରଦେଶ ରାଜଗଡ଼ରେ ଗୁରୁବାର ତାପମାତ୍ରା ୧୫.୬ ଡିଗ୍ରୀରେ ପହଞ୍ଚିଥିଲା। ଭୋପାଳରେ ଏହା ୧.୬ ଡିଗ୍ରୀ କମି ୧୮ ଡିଗ୍ରୀରେ ପହଞ୍ଚିଥିଲା। ପ୍ରବଳ ବରଫପାତ କାରଣରୁ ମନାଲୀ- ଲେହ ରାଜପଥ ଗତ ୪ ଦିନ ହେବ ବନ୍ଦ ରହିଛି। ହିମାଚଳରେ କ୍ରମାଗତ ଚତୁର୍ଥଦିନ ବର୍ଷା ଓ ତୁଷାରପାତ ପରେ ଗୁରୁବାର ପାଗ ସଫା ରହିଥିଲା। କିନ୍ତୁ କୁଲ୍ଲୁ, ଲାହୋଲ-ସ୍ପିତି, କିନ୍ନାର, ଚମ୍ବା, ମଣ୍ଡି, କାଂଗ୍ରା ଓ ଶିମଲାରେ କିନ୍ତୁ ବରଫର ଚାଦର ଦେଖିବାକୁ ମିଳିଥିଲା। ଲାହୋଲ-ସ୍ପିତିର କେଲାଙ୍ଗରେ ଗତପାଳି ତାପମାତ୍ରା -୧ ଡିଗ୍ରୀରେ ପହଞ୍ଚିଛି। କୁକୁମସୋରୀରେ ତାପମାତ୍ରା -୦.୯ ଓ ସିମ୍‌ଲାରେ ୯.୮ ଓ ମନାଲୀରେ ୭.୭ ଡିଗ୍ରୀରେ ପହଞ୍ଚିଛି।

## ଜୁବିନଙ୍କ ଦୁଇ ସୁରକ୍ଷା ଅଧିକାରୀ ଗିରଫ

ଗୌହାଟୀ, ୧୦।୧୦(ଏଜେନ୍ସି): ଜଣାଶୁଣା ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ଼ ନେଇଛି। ସ୍ପେଶାଲ ଇନ୍‌ଭେଷ୍ଟିଗେସନ ଟିମ (ଏସ୍‌ଆଇଟି) ଜୁବିନ୍‌ଙ୍କ ସନ୍ଦିଗ୍ଧ ମୃତ୍ୟୁ ମାମଲାରେ ତାଙ୍କର ଦୁଇଜଣ ସୁରକ୍ଷା ଅଧିକାରୀ ବା ପର୍ସନାଲ ସିକ୍ୟୁରିଟି ଅଫିସର (ପିଏସ୍‌ଓ)ଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଏହି ଦୁଇ ପିଏସ୍‌ଓ ହେଲେ ନନ୍ଦେଶ୍ୱର ବୋରା ଓ ପରେଶ ବୈଶ୍ୟ। ଏହି ଦୁଇଜଣ ଜୁବିନଙ୍କ ସୁରକ୍ଷା ଅଧିକାରୀ ଭାବେ ଦୀର୍ଘଦିନ ଧରି ଦାୟିତ୍ୱରେ ରହିଆସୁଥିଲେ। ଗତ ୪ରୁ ୫ ବର୍ଷ ମଧ୍ୟରେ ଏହି ଦୁଇଜଣଙ୍କ ବ୍ୟାଙ୍କ ଖାତାରେ ଏକକୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ନେଣଦେଣ ହୋଇଛି। ଏଥିପାଇଁ ପୁଲିସ ଏମାନଙ୍କୁ ଗିରଫ କରିଛି ବୋଲି କହିଛି। ନନ୍ଦେଶ୍ୱରଙ୍କ ବ୍ୟାଙ୍କ ଖାତାକୁ ୭୦ ଓ ପରେଶଙ୍କ ଖାତାକୁ ୪୦ ଲକ୍ଷ ଟଙ୍କା ଆସିଥିଲା। ଫଳରେ ଦୁଇ ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି। ଏଥିସହ ଜୁବିନଙ୍କ ମୃତ୍ୟୁ ମାମଲାରେ ଗିରଫ ସଂଖ୍ୟା ଏବେ ୭ରେ ପହଞ୍ଚିଛି। ଏଥିରେ ଜୁବିନଙ୍କ ସମ୍ପର୍କୀୟ ଭାଇ ତଥା ଡିଏସ୍‌ପି ସନ୍ଦୀପନ ଗର୍ଗ, ମ୍ୟାନେଜର ସିଦ୍ଧାର୍ଥ ଶର୍ମା, ସହ ଗାୟିକା ଅମୃତପ୍ରଭା ମହନ୍ତ, ନର୍ଥ ଇଷ୍ଟ ଭେଷ୍ଟିଭାଲ ଆୟୋଜକ ଶ୍ୟାମକାନୁ ମହନ୍ତ, ବ୍ୟାଣ୍ଡ ଡ୍ରମ ମାଷ୍ଟର ଶେଖର ଜ୍ୟୋତି ଗୋସ୍ୱାମୀ ସାମିଲ ଅଛନ୍ତି। ଉଲ୍ଲେଖଥାଉ କି, ଗତ ସେପ୍ଟେମ୍ବର ୧୯ରେ ସିଙ୍ଗାପୁରରେ ଜୁବିନ ସ୍କୁବା ଡାଇଭିଂ କରିବା ଅବସରରେ ସମୁଦ୍ରରେ ବୁଡିବା କାରଣରୁ ମୃତ୍ୟୁବରଣ କରିଥିଲେ। ସେ ନର୍ଥ ଇଷ୍ଟ ଫେଷ୍ଟିଭାଲ ଯୋଗ ଦେବାକୁ ସିଙ୍ଗାପୁର ଯାଇଥିଲେ। ସେତେବେଳେ ଜୁବିନଙ୍କ ନୌକାରେ ମୋଟ ୧୭ ଜଣ ଲୋକ ଉପସ୍ଥିତ ଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ଆସାମ ସରକାର ୧୭ ଦିନ ପରେ ମଧ୍ୟ ଜୁବିନଙ୍କ ଦ୍ୱିତୀୟ ପୋଷ୍ଟମର୍ଟମ ରିପୋର୍ଟ ସାର୍ବଜନୀନ କରିନାହାନ୍ତି। ଫଳରେ ଏ ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍‌ଆଇଟି ଏପର୍ଯ୍ୟନ୍ତ ଏହି ମାମଲାରେ ବିଭିନ୍ନ ରାଜ୍ୟରେ ୧୦ ଜଣ ଲୋକଙ୍କ ବିରୋଧରେ ୬୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ କରାଯାଇଛି।

## ଫିଲିପାଇନ୍ସରେ ଭୂକମ୍ପ; ୬ ମୃତ



ମାନିଲା, ୧୦।୧୦ (ଏଜେନ୍ସି): ପ୍ରଶାନ୍ତ ମହାସାଗରୀୟ ତଥା ଦକ୍ଷିଣପୂର୍ବ ଏସୀୟ ଦେଶ ଫିଲିପାଇନ୍ସରେ ଶୁକ୍ରବାର ସକାଳେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏହି ଭୂକମ୍ପର ତ୍ରୀବ୍ରତା ରିକ୍ଟର ସ୍କେଲରେ ୭.୬ ଥିଲା। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏହି କାରଣରୁ ସୁନାମୀ ସତର୍କତା ଜାରି କରାଯାଇଥିଲା। କିନ୍ତୁ ପରେ ସୁନାମୀ ସତର୍କତାକୁ କାଢ଼ି ନିଆଯାଇଛି। ସ୍ଥିତି ଏବେ ସାମାନ୍ୟ ଅଛି ବୋଲି ପ୍ୟାସିଫିକ ସୁନାମୀ ୱାର୍ଣ୍ଣିଂ ସେଣ୍ଟର ତରଫରୁ କୁହାଯାଇଛି। ଏବେ ଆହୁରି କେତୋଟି ଭୂକମ୍ପର ଝଟ୍‌କା ଅର୍ଥାତ ଆଫଟର ସକ୍ ଅନୁଭୂତ ହେବ ବୋଲି ଫିଲିପାଇନ୍ସ ଆର୍ଥକ୍ୱେକ୍ ଏଜେନ୍ସି କହିଛି। ଭୂକମ୍ପର ଅଧଘଣ୍ଟା ମଧ୍ୟରେ ୫.୯ ଓ ୫.୬ ତୀବ୍ରତାର କେତୋଟି ଝଟ୍‌କା ଅନୁଭୂତ ହୋଇଥିଲା। ଏକ ଭୟଙ୍କର ସୁନାମୀ ଆସିବ ବୋଲି ଏହି ଏଜେନ୍ସି ପୂର୍ବରୁ ସତର୍କତା ଜାରି କରିଥିଲା। କେନ୍ଦ୍ର ଓ ଦକ୍ଷିଣ ଫିଲିପାଇନ୍ସର ଉପକୂଳବର୍ତ୍ତୀ ସହରଗୁଡିକରେ ଲୋକଙ୍କୁ ଉଚ୍ଚ ସ୍ଥାନକୁ ଯିବା ପାଇଁ କୁହାଯାଇଥିଲା। ଏପର୍ଯ୍ୟନ୍ତ ସେଭଳି କୌଣସ ବଡ଼ ଧରଣର କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ। ତେବେ ଲୋକଙ୍କୁ ଆଗକୁ ସତର୍କ ରହିବା ପାଇଁ କୁହାଯାଇଛି। ଭୂକମ୍ପ ପାଇଁ କିନ୍ତୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସ୍କୁଲ ଛାତ୍ରଛାତ୍ରୀମାନେ ସାମାନ୍ୟ ପ୍ରଭାବିତ ହୋଇଥିଲେ। ସେପଟେ ଭୂକମ୍ପ ପରେ ଇଣ୍ଡୋନେସିଆରେ ସୁନାମୀ ସତର୍କତା ଜାରି କରାଯାଇଥିଲା। ପୂର୍ବରୁ ସେପ୍ଟେମ୍ବର ୩୦ରେ ଫିଲିପାଇନ୍ସର ସେବୁ ରାଜ୍ୟରେ ୬.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା ଓ ଏଥିରେ ୬୯ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୫୦ ଜଣ ଆହତ ହୋଇଥିଲେ।

### ଇସ୍ରାଏଲ- ହମାସ୍ ଅସ୍ତ୍ରବିରତି ପ୍ରକ୍ରିୟା ଆରମ୍ଭ

## ଗାଜାକୁ ଫେରୁଛନ୍ତି ନାଗରିକ



ଗାଜା, ୧୦।୧୦(ଏଜେନ୍ସି): ଦୀର୍ଘ ଦୁଇବର୍ଷ ଧରି ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ସଂଘର୍ଷ ଶେଷ ହେବାକୁ ଯାଉଛି। ଏବେ ଏହି ସଂଘର୍ଷ ଶାନ୍ତି ରୂପେ ନେବାକୁ ଯାଉଛି। ଇସ୍ରାଏଲ୍ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି। ପାଲେଷ୍ଟାଇନ୍‌ରୁ ସ୍ଥାନାନ୍ତର ହୋଇଥିବା ହଜାର ହଜାର ନାଗରିକ ଶୁକ୍ରବାର ନିଜ ପରିତ୍ୟକ୍ତ ଘରକୁ ପ୍ରତ୍ୟାବର୍ତ୍ତନ କରିବା ଆରମ୍ଭ କରିଛନ୍ତି। ଶୁକ୍ରବାର ଅପରାହ୍ଣ ୨.୩୦ରେ ଅସ୍ତ୍ରବିରତି ପ୍ରକ୍ରିୟାର ଶୁଭାରମ୍ଭ ହୋଇଥିଲା। ସେହିପରି ଗାଜାରୁ ଇସ୍ରାଏଲ ତା'ର ସୈନ୍ୟ ଫେରାଇବା ଆରମ୍ଭ କରିଛି। ସେପଟେ ଅସ୍ତ୍ରବିରତି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ସହ ତା'ର ତଦାରଖ ପାଇଁ ଆମେରିକା ତା'ର ୨୦୦ ସୈନ୍ୟ ଗାଜାକୁ ପଠାଇଛି। ତେବେ ଏହି ସୈନ୍ୟ ଗାଜାରେ ପ୍ରବେଶ କରିବେ ନାହିଁ ବୋଲି କୁହାଯାଇଛି।

**ସୈନ୍ୟ ହଟାଇଲା ଇସ୍ରାଏଲ**

**ତଦାରଖ ପାଇଁ ୨୦୦ ସୈନ୍ୟ ପଠାଇଲା ଆମେରିକା**

ଅସ୍ତ୍ରବିରତିର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବା ପରେ ଉଭୟ ଇସ୍ରାଏଲ ଓ ଗାଜାର ନାଗରିକମାନେ ଖୁସିରେ ଆତ୍ମହରା ହୋଇଛନ୍ତି ଓ ଏହି ଅସ୍ତ୍ରବିରତି ପ୍ରକ୍ରିୟାକୁ ସ୍ୱାଗତ କରିଛନ୍ତି। ନୂତନ ନିର୍ଦ୍ଧାରିତ ସ୍ଥାନରେ ସୈନ୍ୟ ନିୟୋଜିତ ହେବା ପରେ ଅସ୍ତ୍ରବିରତି ଲାଗୁ କରାଯିବ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ତରଫରୁ କୁହାଯାଇଥିଲା। ବହୁ ସଂଖ୍ୟାରେ ଗାଜା ନାଗରିକ ଗାଜାର ଉତ୍ତରାଞ୍ଚଳରୁ ଗାଜା ସିଟିଆଡକୁ ଯାତ୍ରା କରିଛନ୍ତି। ଚୁକ୍ତି ଅନୁସାରେ ଅସ୍ତ୍ରବିରତି ଲାଗୁ ହେବାର ୭୨ ଘଣ୍ଟା ମଧ୍ୟରେ ହମାସ ଇସ୍ରାଏଲ ପଣବନ୍ଦୀଙ୍କୁ ଖଲାସ କରିବ। ପ୍ରତିବଦଳରେ ଇସ୍ରାଏଲ ମଧ୍ୟ ଶହଶହ ପାଲେଷ୍ଟାଇନ୍ ବନ୍ଦୀକୁ ମୁକ୍ତ କରିବ। ଇସ୍ରାଏଲର ନେତାନ୍ୟାହୁ ସରକାର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସ୍ତ୍ରବିରତି ଓ ପଣବନ୍ଦୀ ମୁକ୍ତ ଚୁକ୍ତିକୁ ସ୍ୱୀକୃତି ଦେବା ପରେ ଶାନ୍ତିର ରାସ୍ତା ଫିଟିଥିଲା। ଗତ ଗୁରୁବାର ଇସ୍ରାଏଲ ଓ ହମାସ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରକାଶ କରିଥିଲେ। ଗତ ଦୁଇବର୍ଷ ଧରି ଚାଲିଥିବା ଏହି ସଂଘର୍ଷରେ ଗାଜାରେ ୬୬, ୦୦୦ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ବେଳେ ବହୁ ସଂଖ୍ୟାରେ ଲୋକ ଅନାହାରରେ ପ୍ରାଣ ହରାଇଥିଲେ। ଗାଜାରେ ଦୁର୍ଭିକ୍ଷ ଭଳି ସ୍ଥିତି ସୃଷ୍ଟି ହୋଇଥିଲା।

## ପୁଲିସ ଏସ୍‌ଆଇ ଚାକିରି ବେପାର

# ସିବିଆଇ ତଦନ୍ତ ଦାବିରେ ଗର୍ଜିଲା ଯୁବ ବିଜେଡି

ବ୍ରହ୍ମପୁର,୧୦।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି କେଳେଙ୍କାରୀ ଘଟଣାରେ ରାଜରାସ୍ତାକୁ ଓହ୍ଲାଇଛି ବିଜୁ ଜନତା ଦଳ। ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ହୋଇଛି। ଏହି କ୍ରମରେ ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ରାଜ୍ୟ ଛାତ୍ର ବିଜେଡି




**ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିକୁ ଧରିବାରେ ପୁଲିସ ବିଫଳ**

ସଭାପତି ଈପ୍‌ସିତା ସାହୁଙ୍କ ଆହ୍ୱାନରେ ଗଞ୍ଜାମ ଜିଲ୍ଲା ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ରାମଲିଙ୍ଗମ ପାର୍କରୁ ଏକ ବିରାଟ ବିକ୍ଷୋଭ ଶୋଭାଯାତ୍ରା ବାହାରି ଖଲ୍ଲିକୋଟ କଲେଜ ଛକରେ ପହଞ୍ଚିଥିଲା। ସେଠାରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

ଏହି ଅବସରରେ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ପୁଲିସ ଏସ୍‌ଆଇ ଚାକିରି ଜାଲିଆତି ଘଟଣାରେ ପୁଲିସ ଓ କ୍ରାଇମବ୍ରାଞ୍ଚ ଟିମ୍ ୧୧୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯଦିଓ ୫ଜଣ ଦଲାଲଙ୍କୁ ଗିରଫ କରାଯାଇଛି, କିନ୍ତୁ ଏହା ପଛରେ ଥିବା ମୁଖ୍ୟ ଅଭିଯୁକ୍ତମାନେ ଏବେ ବି ଖୁଲମଖୁଲା ବୁଲୁଛନ୍ତି। ମୁଖ୍ୟ ଅଭିଯୁକ୍ତ ଭାବେ ଫେରାର୍ ଥିବା ଶଙ୍କର ପୃଷ୍ଟିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ବିଜେପି ସରକାର ଏହି ଜାଲିଆତି ଘଟଣାରେ ସମ୍ପୃକ୍ତ ରହିଛି। ଏଣୁ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ଏପରି କରି ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦେଉଥିବା ଅଭିଯୋଗ କରି ଛାତ୍ର ଓ ଯୁବ ବିଜେଡି ନେତାମାନେ ଭୀଷଣ ବର୍ଷିଥିଲେ।

ବିକ୍ଷୋଭ ବେଳେ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ସୁବାସ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମେୟର୍ ସଂଘମିତ୍ରା ଦଳେଇ, ଡେ଼ପୁଟି ମେୟର ଇ. ବିବେକ ରେଡ୍ଡୀ, ଦେବାନନ୍ଦ ମହାପାତ୍ର, ଚିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ଛାତ୍ର ବିଜେଡି ଜୋନ୍ ସଭାପତି ଜ୍ୟୋତିରଞ୍ଜନ ସାହୁ, ଜିଲ୍ଲା ସୋସିଆଲ ମିଡିଆ କୋର୍ଡିନେଟର୍ ଦୁର୍ଗାପ୍ରସାଦ ପଣ୍ଡା, ଅଜୟ ମହାରଣା, ନଚିକେତା ସ୍ୱାଇଁ, ଦୁର୍ଗା ଲାୟକ, ଜିଲ୍ଲା ଯୁବ ସଭାପତି ଭବାନୀ ସାହୁ, ବ୍ରହ୍ମପୁର ଯୁବ ସଭାପତି ଅଜିତ ପଣ୍ଡା, ବ୍ରହ୍ମପୁର ଛାତ୍ର ସଭାପତି ଶୋଭନ ନାୟକଙ୍କ ସମେତ ବହୁ ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ବିଜେପି ପ୍ରଭାରୀଙ୍କ ଆଡ଼କୁ କଂଗ୍ରେସର ଅଙ୍ଗୁଳି ନିର୍ଦ୍ଦେଶ

ଭୁବନେଶ୍ୱର,୧୦।୧୦(ସମିସ): ରାଜ୍ୟରେ ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ବଡ଼ ମୁଣ୍ଡଙ୍କୁ ଘୋଡ଼ିଛି ରାଜ୍ୟ କଂଗ୍ରେସ। ଏହି କେଳେଙ୍କାରୀରେ ବିଜେପିର କେନ୍ଦ୍ରୀୟନେତୃତ୍ୱ ମଧ୍ୟସମ୍ପୃକ୍ତିରହିଛିବୋଲି କଂଗ୍ରେସ କହିଛି। ବିଜେପିର ଏହି କେନ୍ଦ୍ରୀୟ ନେତୃତ୍ୱ ତାଙ୍କର ଜଣେ ଅତ୍ୟନ୍ତ ଅନୁଗାମୀଙ୍କ ଜରିଆରେ ଏହି କେଳେଙ୍କାରୀରେ ସାମିଲ ଥିବା କଂଗ୍ରେସଅଭିଯୋଗ କରିଛି।

ଦଳ ପକ୍ଷରୁ ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ଓଡ଼ିଶାରେର ବରିଷ୍ଠ ପୁଲିସ ଅଧିକାରୀ, ରାଜ୍ୟ ସରକାରଙ୍କର ବରିଷ୍ଠ ମନ୍ତ୍ରୀ ଓ ନେତୃବୃନ୍ଦଙ୍କ ବିନା ଅଗୋଚରରେ ଏହି କେଳେଙ୍କାରୀ ହୋଇପାରିବ ନାହିଁ। ବିଜେପି ନେତାଙ୍କ ସହ ଏହି କେଳେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଘନିଷ୍ଠ ସମ୍ପର୍କ ରହିଥିଲା। ଏହାସହିତ ଅତୁଲ ପ୍ରଭାକର ନାମକ ଜଣେ ବ୍ୟକ୍ତି ମଧ୍ୟ ଉଭୟ ବିଜେପି ନେତା ଓ ଶଙ୍କର ପୃଷ୍ଟିଙ୍କ ସହ ଘନିଷ୍ଠ ଥିଲେ। ଏହି ଅତୁଲ ପ୍ରଭାକର କିଏ ? ସେ ଶଙ୍କର ପୃଷ୍ଟିଙ୍କୁ କିଭଳି ଜାଣିଲେ? ଅତୁଲ ପ୍ରଭାକରଙ୍କ ସହ ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ୍ ସିଂ ତୋମାରଙ୍କ କି ସମ୍ପର୍କ ଅଛି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ରଜନୀ ମହାନ୍ତି କହିଛନ୍ତି ଯେ ଅତୁଲ ପ୍ରଭାକର ମହାରାଷ୍ଟ୍ରର ଅଧିବାସୀ। ମାତ୍ର ତାଙ୍କର ଓଡ଼ିଶାରେ କି କାର୍ଯ୍ୟ? ଭୁବନେଶ୍ୱରରେ ସେ ମାସ ମାସ ଧରି ରହୁଛନ୍ତି କାହିଁକି? ଶଙ୍କର ପୃଷ୍ଟିଙ୍କ ସହ ତାଙ୍କର ନିବିଡ଼ ସମ୍ପର୍କ କେବେ ଠୁ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ପୁଲିସ ଚାକିରି ବିକ୍ରି ରାକେଟକୁ ଶଙ୍କର ପୃଷ୍ଟି ସହିତ ଅତୁଲ ପ୍ରଭାକର ଚଳାଉଛନ୍ତି ବୋଲି କଂଗ୍ରେସ ସନ୍ଦେହ କରିଛି।

**ପ୍ରଭାବଶାଳୀ ଅତୁଲ ପ୍ରଭାକରଙ୍କ ଭୂମିକା ବି ସନ୍ଦେହରେ**



ଦଳ ପକ୍ଷରୁ ଆହୁରି କୁହାଯାଇଛି ଯେ ଏସ୍‌ଆଇ ନିଯୁକ୍ତି ପରୀକ୍ଷାର ମହାଦୁର୍ନୀତିର ଚେର ପଞ୍ଚସଫ୍ ମାଲିକ ଶଙ୍କର ପୃଷ୍ଟି ଓ ଆଜି ପର୍ଯ୍ୟନ୍ତ ଗିରଫ ହୋଇଥିବା ମଧ୍ୟସ୍ଥ ଏବଂ ପରୀକ୍ଷାର୍ଥୀଙ୍କ ଭିତରେ ସୀମିତ ନାହିଁ। ଯେଉଁମାନେ ବିଜେପିର ଓଡ଼ିଶା ଦାୟିତ୍ୱରେ ରହିଛନ୍ତି, ସେମାନଙ୍କ ପର୍ଯ୍ୟନ୍ତ ଦୁର୍ନୀତିର ଚେର ଲମ୍ବିଛି। ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ ପ୍ରଥମ ଥର ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାର ୧୫ ମାସ ଭିତରେ ୧୭ଟି ନିଯୁକ୍ତିଭିତ୍ତିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍‌ଠାରୁ ଆରମ୍ଭ କରି ଚାକିରି ଦେବା ପାଇଁ ଅର୍ଥ ଆଦାୟର ଅଭିଯୋଗ ହେବା ପରେ ଏହାକୁ ବାତିଲ କରାଯାଇଛି। ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ଼ ରାଜ୍ୟରେ ଖାଲିପଡ଼ିଥିବା ୯୩୩ ପଦବୀ ପୂରଣ କରିବା ପାଇଁ ଲିଖିତ ପରୀକ୍ଷା କରିବା ପାଇଁ କେନ୍ଦ୍ର ସରକାରଙ୍କ ଆଇଟିଆଇ ସଂସ୍ଥା ସହିତ ଚୁକ୍ତିନାମା କରିଥିଲେ। ଉକ୍ତ ଚୁକ୍ତିନାମାରେ ସର୍ତ୍ତାବଳୀ ଅନୁସାରେ ଆଇଟିଆଇ ସଂସ୍ଥା ପରୀକ୍ଷା ପରିଚାଳନା କରିବା ପାଇଁ ଅନ୍ୟ କୌଣସି ସଂସ୍ଥାକୁ ସବ୍ କଣ୍ଟ୍ରାକ୍ଟ ଦେଇପାରିବେ। ସେହି ଅନୁସାରେ ସିଲିକନ ଟେକ୍ ଲାବକୁ ଆଇଟିଆଇ ସଂସ୍ଥା ସବ୍ କଣ୍ଟ୍ରାକ୍ଟ ଦେଇଥିଲା। କିନ୍ତୁ ସବ୍ କଣ୍ଟ୍ରାକ୍ଟ ପାଇଥିବା ସଂସ୍ଥା ଅନ୍ୟ ଏକ ସଂସ୍ଥାକୁ ସବ୍ କଣ୍ଟ୍ରାକ୍ଟ ଦେଇପାରିବେ ନାହିଁ। କିଭଳି ଭାବରେ ସମସ୍ତ ନିୟମକୁ ଉଲ୍ଲଂଘନ କରି ପଞ୍ଚସଫ୍‌କୁ ପରୀକ୍ଷା କରିବାକୁ ଦିଆଗଲା ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଯେହେତୁ ଏହି ଘଟଣାରେ ବିଜେପି କେନ୍ଦ୍ରୀୟ ନେତୃତ୍ୱଙ୍କ ସମ୍ପର୍କ ନେଇ ସନ୍ଦେହ ସୃଷ୍ଟି ହୋଇଛି, ତେଣୁ ରାଜ୍ୟ ସରକାର ଏହାର ନିରପେକ୍ଷ ତଦନ୍ତ କରି ଅତୁଲ ପ୍ରଭାକରଙ୍କୁ ତଦନ୍ତ ପରିସର ଭୁକ୍ତ କରାନ୍ତୁ ବୋଲି ଦଳ ଦାବି କରିଛି।

# ଭଦ୍ରକ ଗ୍ରାମାଞ୍ଚଳ ଥାନା ଏସ୍‌ଆଇ ନିଲମ୍ବିତ

ଭଦ୍ରକ,୧୦।୧୦(ସମିସ): ଏକ ଘରୋଇ ମାମଲା ରୁଜୁ ପରେ ତଦନ୍ତ ପାଇଁ ଯାଇଥାନ୍ତେ ଅଧିକାରୀ; କିନ୍ତୁ ନିଜେ ନ ଯାଇ ସରକାରୀ ବାଇକ୍ ଦେଇ ମଧ୍ୟସ୍ଥ ଭାବେ ଜଣେ ଯୁବକଙ୍କୁ ତଦନ୍ତ ପାଇଁ ପଠାଇଥିଲେ ପୁଲିସ ବାବୁ। ମଧ୍ୟସ୍ଥଙ୍କ ଗାଁକୁ ଯାଇ ଅଭିଯୋଗକାରିଣୀଙ୍କ ଘରେ ପହଞ୍ଚି କିଛି ଟଙ୍କା ମାଗିଥିଲେ। ସ୍ଥାନୀୟ ଲୋକେ ସନ୍ଦେହ କରି ପରିଚୟପତ୍ର ମାଗିବାରୁ ନିଜକୁ ଗୁଇନ୍ଦା ବିଭାଗ କର୍ମଚାରୀ କହିଥିଲେ। ପରେ ଗ୍ରାମବାସୀ ପୁଲିସକୁ ଡାକିବାରୁ ଯୁବକଜଣଙ୍କ ନକଲି ପୁଲିସ ବୋଲି ଜଣାପଡ଼ିଥିଲା। ଏହି ଘଟଣାରେ ଅସଲି ପୁଲିସ୍ ଏସ୍‌ଆଇଙ୍କୁ ନିଲମ୍ବନ କରାଯାଇଛି। ମଧ୍ୟସ୍ଥ ତଥା ନକଲି ପୁଲିସ କହିଥିବା ଯୁବକଙ୍କୁ ଅଟକ ରଖିଛି ପୁଲିସ।



ସୂଚନାଯୋଗ୍ୟ, ଭଦ୍ରକ ଜିଲ୍ଲା ଗ୍ରାମାଞ୍ଚଳ ଥାନା ଅଧୀନ ବଳଭଦ୍ରପୁରର ରସିକାବାଦ ଅଞ୍ଚଳର ଘରୋଇ ବିବାଦକୁ ନେଇ ଗ୍ରାମାଞ୍ଚଳ ଥାନାରେ ୨ ଜଣ ମହିଳା ଅଭିଯୋଗ ଆଣିଥିଲେ। ଏହି ଘଟଣାର ତଦନ୍ତକାରୀ ଅଧିକାରୀ ଭାବେ ଏସ୍‌ଆଇ କାର୍ତ୍ତିକ ଜେନାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେ ଅଭିଯୋଗକାରିଣୀଙ୍କୁ ଏକ ମୋବାଇଲ୍ ନମ୍ବର ହ୍ୱାଟ୍ସଆପ୍‌ରେ ପଠାଇଥିଲେ। ଏହି ନମ୍ବରରେ ଯୋଗାଯୋଗ ପରେ ଜଣେ ଯୁବକ ନିଜକୁ ପଣ୍ଡା ବାବୁ ବୋଲି ପରିଚୟ ଦେବା ସହ ତଦନ୍ତ ପାଇଁ ଗାଁକୁ ଯାଇଥିଲେ। ଏହି ଘଟଣାକୁ ନେଇ ଅଭିଯୋଗକାରିଣୀ ଭଦ୍ରକ ଗ୍ରାମାଞ୍ଚଳରେ ଲିଖିତ ଏତଲା ଦେଇଥିଲେ। ଭଦ୍ରକ ଏସପି ମନୋଜ କୁମାର ରାଉତ ଅଭିଯୋଗ ଆଧାରରେ ଗ୍ରାମାଞ୍ଚଳ ଥାନାର ଏସ୍‌ଆଇ କାର୍ତ୍ତିକ ଜେନାଙ୍କୁ ନିଲମ୍ବିତ କରିଥିବା ନେଇ ଫୋନ୍ ଯୋଗେ ସୂଚନା ଦେଇଛନ୍ତି।

# ବାଇକ୍ ଡିକି ଭାଙ୍ଗି ୪.୬ଲକ୍ଷ ଲୁଟ୍

ଭଦ୍ରକ, ୧୦।୧୦(ସମିସ): ବାଇକ୍ ଡିକି ଭାଙ୍ଗି ୪ ଲକ୍ଷ ୬୦ ହଜାର ଟଙ୍କା ଲୁଟିନେଲେ। ଭଦ୍ରକ ଟାଉନ୍ ଥାନା ଅଧୀନ ଚରମ୍ପା ବଜାରରେ ଆଜି ଏହି ଘଟଣା ଘଟିଛି। ପୁଲିସ ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ଚରମ୍ପା ବରାଳ ପୋଖରୀ ଅଞ୍ଚଳର ଗୌରହରି ମହାନ୍ତି ସୋର ଅଞ୍ଚଳର ନିଜ ଭଉଣୀର ଏକାଉଣ୍ଟରେ ବୀମା ଟଙ୍କା ଜମା କରିବାକୁ ୪ ଲକ୍ଷ ୬୦ ହଜାର ଟଙ୍କା ଗୋଟିଏ ବ୍ୟାଗରେ ଭର୍ତ୍ତି କରି ବାଇକ୍ ଡିକିରେ ନେଉଥିଲେ। ଚରମ୍ପା ବଜାରରେ ଗୋଟିଏ ଡକୁମେଣ୍ଟ ଜେରକ୍ସ ପାଇଁ ସେ ଦୋକାନୀ ପାଖରେ ଅଟକିଥିଲା ବେଳେ ଜଣେ ଦୁର୍ବୃତ୍ତ ହେଲମେଟ୍ ପିନ୍ଧି ହଠାତ ତାଙ୍କ ଡିକିକୁ ଭାଙ୍ଗି ଟଙ୍କା ବ୍ୟାଗ୍ ନେଇ ଫେରାର ହୋଇଯାଇଥିଲା। ଏସବୁର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି।

## ଆଇଏଏସ୍ ସ୍ତରରେ ଅଦଳବଦଳ

# ଚଞ୍ଚଳ ରାଣାଙ୍କୁ ବିଡିଏ ଓ ସ୍ମାର୍ଟସିଟିର ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୧୦।୧୦(ସମିସ): ଆଇଏଏସ୍ ସ୍ତରରେ ରାଜ୍ୟ ସରକାର ଏକ ବଡ଼ ଅଦଳବଦଳ କରିଛନ୍ତି। ଏହିଅଦଳବଦଳରେ ୩ ଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କ କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ଖାଲି ପଡ଼ିଥିବା ତାଙ୍କ ପଦବୀରେ ଅନ୍ୟ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଏହାସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ତଥା ବରିଷ୍ଠ ଓଏଏସ୍ ଅଫିସର କାହ୍ନୁଚରଣ ଧୀରଙ୍କୁ ତାଙ୍କ ପଦରୁ ବଦଳି କରାଯାଇଛି।

ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତ, ୨୦୧୧ ବ୍ୟାଚ୍ ଆଇଏଏସ୍ ସାର୍ଥ ବର୍ମା ଓ ୨୦୧୪ ବ୍ୟାଚ୍ ଆଇଏଏସ୍ ସୁଧା ଦେବ ସିଂହ କେନ୍ଦ୍ରୀୟ ଡେପୁଟେସନରେ ଯାଇ ସାରିଥିବାରୁ ରାଜ୍ୟ ସରକାର ଏହି ୩ ଜଣ ଅଫିସରଙ୍କୁ ଚଳିତମାସ ୧୩ ତାରିଖ ଅପରାହ୍ନରୁ ଦାୟିତ୍ୱମୁକ୍ତ କରିଛନ୍ତି। ଅନ୍ୟପଟେ ବିଏମ୍‌ସି କମିସନର ଚଞ୍ଚଳ କୁମାର ରାଣାଙ୍କୁ ଅତିରିକ୍ତ ଭାବେ ବିଡିଏ ଉପାଧ୍ୟକ୍ଷ ସହ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିପରି ପଞ୍ଚାୟତିରାଜ ବିଭାଗ ସଚିବ ୨୦୦୨ ବ୍ୟାଚ୍ ଆଇଏଏସ୍ ଏସ୍‌ଏନ୍ ଗିରୀଶଙ୍କୁ

- ୩ ବରିଷ୍ଠ ଆଇଏଏସଙ୍କୁ ଦାୟିତ୍ୱମୁକ୍ତ କଲେ ସରକାର
- ହଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ
- ଏନ୍ ଥିରୁମାଲା ନାଏକ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ନିଯୁକ୍ତ

ମିଶନ ଶକ୍ତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ବିଡିଏ ଉପାଧ୍ୟକ୍ଷ ୨୦୦୯ ବ୍ୟାଚ୍ ଆଇଏଏସ୍ ଏନ୍ ଥିରୁମାଲା ନାଏକଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ଭାବେ ବଦଳି କରାଯାଇଛି। ୨୦୧୦ ବ୍ୟାଚ୍ ଆଇଏଏସ୍ ମାନସୀ ନିମ୍ଭଲଙ୍କୁ ଓଡ଼ିଶା ଉଠାଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ସହ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ମାନସୀ ଏବେ ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୭ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମିନାଙ୍କୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଶ୍ରୀ ମିନା ଏବେ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ସମେତ ଏସ୍‌ଆଇଆରଡି ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି।

ସେହିପରି ୨୦୧୪ ବ୍ୟାଚ୍ ଆଇଏଏସ୍ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟଙ୍କୁ ଗୃହ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ୨୦୧୪ ବ୍ୟାଚ୍ ଆଇଏଏସ୍ ଦୀପଙ୍କର ମହାପାତ୍ରଙ୍କୁ ଓଡ଼ିଶା ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ତାଙ୍କୁ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ(ଓଟିଡିସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ଶ୍ରୀ ମହାପାତ୍ର ଏବେ ହକି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଗୃହ ବିଭାଗର ଅତିରିକ୍ତ ସଚିବ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ନିବେଦିତା ପୃଷ୍ଟିଙ୍କୁ ବୟନିକା ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେହସହ ତନ୍ତନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ଏସ୍‌ଟି ଏସ୍‌ସି ବିଭାଗର ଅତିରିକ୍ତ ସଚିବ ପ୍ରେମଜିତ ନାୟକଙ୍କୁ ଅନୁସୂଚିତ ଜନଜାତି ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

ସେହିପରି ୨୦୧୫ ବ୍ୟାଚ୍ ଆଇଏଏସ୍ ମଧୁସ୍ମିତା ସାମଲଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଶ୍ରୀମତୀ ସାମଲ ଏବେ ଯୋଜନା ଓ ସମନ୍ୱୟ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ୨୦୧୫ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଳଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ବରିଷ୍ଠ ଓଏଏସ୍ କାହ୍ନୁଚରଣ ଧୀରଙ୍କୁ ମାଇନର ମିନେରାଲସ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

# ଭିଜିଲାନ୍ସ ପଞ୍ଝାରେ ଜଳେଶ୍ୱର ମ୍ୟୁନିସିପାଲିଟିର ଦୁଇ କିରାଣି

ଜଳେଶ୍ୱର ବ୍ଲକ୍, ୧୦।୧୦(ସମିସ): ଜଳେଶ୍ୱର ମ୍ୟୁନିସିପାଲିଟିର ଦୁଇ କିରାଣି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେମାନେ ହେଲେ, ମ୍ୟୁନିସିପାଲିଟି ମ୍ୟାନେଜମେଣ୍ଟ ଇନଫରମେସନ୍ ସିଷ୍ଟମ (ଏମ୍‌ଆଇଏସ) ଅଧିକାରୀ ବ୍ରଜଗୋପାଳ ଘୋଷ ମହାପାତ୍ର ଏବଂ ସହଯୋଗୀ ଜୁନିଅର୍ ସାନିଟାରୀ ଏକ୍ସପୋର୍ଟର୍ କିରାଣି ରତିକାନ୍ତ ପାତ୍ର। ଜଳେଶ୍ୱର ମ୍ୟୁନିସିପାଲିଟିରେ ହୋର୍ଡିଂ ଓ ଲାଇଟ୍ ପୋଷ୍ଟ ବାବଦରେ ବିଲ୍ ପାସ କରିବାକୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବାଲେଶ୍ୱରର ଭିଜିଲାନ୍ସ ଟିମ ସେମାନଙ୍କୁ ଧରିଛି।



ଜଳେଶ୍ୱର ଅଞ୍ଚଳର ଠିକାଦାର ଜ୍ୟୋତିପ୍ରକାଶ ମହାପାତ୍ର ଆଜକୁ ୨ ମାସ ଧରି ହୋର୍ଡିଂ ଓ ଲାଇଟ୍ ପୋଷ୍ଟ ବାବଦ ବିଲ୍ ପାସ୍ କରିବାକୁ ବାରମ୍ବାର ବ୍ରଜଗୋପାଳଙ୍କୁ ଅନୁରୋଧ କରି ଆସୁଥିଲେ। କିନ୍ତୁ ୨୦ ହଜାର ଟଙ୍କା ନ ଦେଲେ ବିଲ୍ ପାଇପାରିବେ ନାହିଁ ବୋଲି ରୋକଠୋକ ମନା କରି ଦେଇଥିଲେ ବ୍ରଜଗୋପାଳ। ତେଣୁ ଜ୍ୟୋତିପ୍ରକାଶ ଅନ୍ୟ ଉପାୟ ନ ପାଇ ବାଲେଶ୍ୱର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ।

# ଯୁବକଙ୍କୁ ହତ୍ୟା କରି ଫିଙ୍ଗିଦେଲେ

ରାଇରଙ୍ଗପୁର/ବହଲଦା, ୧୦।୧୦ (ସମିସ): ବହଲଦା ଥାନା ଅନ୍ତର୍ଗତ ସାନବୁଦ୍ଧ ଗ୍ରାମ ନିକଟ କୁସୁମଡୁଙ୍ଗୁରୀରୁ ବହଲଦା ପୁଲିସ ଆଜି ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ଉଲଗ୍ନ ଶବ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାଯାଉଛି। କେହି ଦୁର୍ବୃତ୍ତ ଯୁବକଙ୍କ ଗଳା କାଟି ଦେବା ସହ ମୁଣ୍ଡକୁ କୌଣସି ଧାରୁଆ ଅସ୍ତ୍ରରେ ହାଣିଦେଇଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ନିଛାଟିଆ ଜାଗାରୁ ରକ୍ତ ଜୁଡୁବୁଡୁ ଶବ ଜବତ**

କିଛି ସ୍ଥାନୀୟ ଲୋକ ଆଜି ଶୌଚ ପାଇଁ କୁସୁମ ଡୁଙ୍ଗୁରୀକୁ ଯାଉଥିବା ବେଳେ ଯୁବକଙ୍କ ଶବ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ବହଲଦା ଥାନା ଅଧିକାରୀ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ସମେତ ପୁଲିସ ସଦଳବଳେ ପହଞ୍ଚି ଛାନଭିନ୍ କରିଥିଲା। ବାରିପଦାରୁ ମଧ୍ୟ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା।

ସୂଚନାନୁଯାୟୀ, କୁସୁମଡୁଙ୍ଗୁରି ପଡ଼ୋଶୀ ଝାଡ଼ଖଣ୍ଡର ଦୁମା ଅଞ୍ଚଳକୁ ସଂଯୋଗ କରୁଛି। ଅଞ୍ଚଳଟି ନିଛାଟିଆ କଚା ରାସ୍ତା ହୋଇଥିବାରୁ ଏହା ଅପରାଧୀମାନଙ୍କ ସୁହାଉଛି। ପୂର୍ବରୁ ମଧ୍ୟ ଏଠାରେ ୨/୩ଟି ହତ୍ୟାକାଣ୍ଡ ଘଟିଥିବା ଗ୍ରାମବାସୀ କହିଛନ୍ତି। ପୁଲିସ ଯୁବକଙ୍କ ପରିଚୟ ଜାଣିବାକୁ ଉଦ୍ୟମ ଆରମ୍ଭ କରିଛି।

# ସମୁଦ୍ରରେ ବୁଡ଼ିଲା ଟ୍ରଲର; ବର୍ତ୍ତିଗଲେ ୮ ମତ୍ସ୍ୟଜୀବୀ

ରାଜନଗର, ୧୦।୧୦ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ସାତଭାୟା ନିକଟ ସମୁଦ୍ରରେ ଗତରାତିରେ ରହାଡାରିଣୀ ନାମକ ଏକ ମତ୍ସ୍ୟଜୀବୀ ଟ୍ରଲର୍ ବୁଡ଼ି ଯାଇଛି। ସମୁଦ୍ର ମଝିରେ ଟ୍ରଲର୍‌ଟିର ଇଞ୍ଜିନ୍ ଖରାପ ହୋଇଯିବା ପରେ ଉଚ୍ଚ ଲହରି ଟ୍ରଲର୍ ମଧ୍ୟରେ ପଶିଯାଇଥିଲା। କିଛି ବାଟ ଭାସିଯାଇ ଆସିବା ପରେ ଟ୍ରଲର୍ ମଧ୍ୟରେ ପାଣି ପଶି ବୁଡ଼ିବା ଆରମ୍ଭ ହୋଇଥିଲା। ତେବେ ଏହି ଘଟଣାରୁ ୮ ଜଣ ମତ୍ସ୍ୟଜୀବୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। କୂଳଠାରୁ ଅଳ୍ପ ଦୂରରେ ଟ୍ରଲର୍‌ଟି ବୁଡ଼ିଥିବାରୁ ମତ୍ସ୍ୟଜୀବୀମାନେ ପହଁରିପହଁରି କୂଳକୁ ପଳାଇ ଆସିଥିଲେ। ସେମାନେ ହେଲେ, ଭଦ୍ରକ ଅଞ୍ଚଳର ନନ୍ଦକିଶୋର ମାଝି, ପ୍ରଭାକର ମଲ୍ଲିକ, ସନାତନ ମାଝି, ସୁଧାକର ମଲ୍ଲିକ,




ବିଦ୍ୟାଧର ମାହାନ୍ତ, ଅଶୋକ ପାତ୍ର ଓ କାର୍ତ୍ତିକ ସିଂହ। ଅପରପକ୍ଷେ, ସମୁଦ୍ରରେ ବୁଡ଼ିଯାଇଥିବା ଟ୍ରଲରଟି ଭାସିଯାଇ ଆସି କୂଳରେ ଲାଗିଛି। ଟ୍ରଲରରେ ଥିବା ସମସ୍ତ ସାମଗ୍ରୀ ଓ ମାଛ ଭାସିଯାଇଥିବା ମତ୍ସ୍ୟଜୀବୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଟ୍ରଲରଟି ଭଦ୍ରକ ଅଞ୍ଚଳର ବୋଲି ଜଣାଯାଇଛି।

# ୧୪ ସୁଦ୍ଧା ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ

ଭୁବନେଶ୍ୱର,୧୦।୧୦(ସମିସ): ଆସନ୍ତା ୩-୪ ଦିନ ମଧ୍ୟରେ ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବ। ଦେଶର ବିଭିନ୍ନ ସ୍ଥାନ ସମେତ ଓଡ଼ିଶାର କିଛି ଅଞ୍ଚଳରୁ ମୌସୁମୀ ଅପସାରଣ ପାଇଁ ପାଗ ଅନୁକୂଳ ରହିଛି। ତେଣୁ ରାଜ୍ୟରୁ ମୌସୁମୀ ବିଦାୟ ନେଇ ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ରାଜ୍ୟରେ କିଛି କିଛି ଅଞ୍ଚଳରେ ଛାଁ ଛାଁ ବର୍ଷା ଛାଡ଼ି ଦେଲେ ବାକି ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଦିଆ ରହିବ। ତେବେ ୧୩ ଓ ୧୪ରେ ସମୁଦ୍ର ସଂଲଗ୍ନ ଜିଲ୍ଲାରେ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ। ୧୫ ତାରିଖରୁ ରାତିର ତାପମାତ୍ରା କ୍ରମଶଃ କମିବା ସହ ୧୭ ତାରିଖ ସୁଦ୍ଧା କେତେକ ଅଞ୍ଚଳରେ ଅଞ୍ଚଳରେ ତାପମାତ୍ରା ପ୍ରାୟ ୨-୩ ଡିଗ୍ରୀ କମିପାରେ। କନ୍ଧମାଳ, କୋରାପୁଟ,



ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ। ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି। ୧୭ ତାରିଖରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ସମୁଦ୍ରରେ ୫ ଦିନରୁ ଅଧିକ ରହିବାରୁ ଘନୀଭୂତ ହେବାର ସମ୍ଭାବନା ରହିଛି। ତେବେ ଏହା କେତେ ଘନୀଭୂତ ହେବ ଓ କେଉଁ ଆଡ଼କୁ ଗତି କରିବ ଆଗକୁ ସ୍ପଷ୍ଟ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପରିବର୍ତ୍ତନ ହୋଇ ଉତ୍ତର-ପୂର୍ବ ବାୟୁ ଉପକୂଳରେ ହେବ, ଯାହାକି ପ୍ରତ୍ୟାବର୍ତ୍ତନ ମୌସୁମୀକୁ ସୂଚାଉଛି। ବିଭିନ୍ନ ମଡେଲ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି। ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଅର୍ଥାତ ସ୍ୱଳ୍ପ ଅବଧି ପାଇଁ ଏହା ରହିପାରେ। ଲା-ନିନା ବର୍ଷରେ ଶୀତ ଅପେକ୍ଷାକୃତ ଅଧିକ ଶୀତ ଓ ଶୀତ ହେବାର ନଜର ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ଏହି ସମୟରେ ବାଲେଶ୍ୱରରେ ୧୧.୭ ମିମି ବର୍ଷା ରେକର୍ଡ ହୋଇଛି।

## ବ୍ୟାଙ୍କରୁ ଡକାୟତି ଯୋଜନା ପଣ୍ଡ

# ପୁଲିସ ପଞ୍ଝାରେ କୁଖ୍ୟାତ 'ମହାକାଳ ଗ୍ରୁପ୍'

କେନ୍ଦୁଝର, ୧୦।୧୦(ସମିସ): ଡକାୟତି, ହତ୍ୟା, ଖଣିଜ ପଦାର୍ଥ ଚୋରାଚାଲାଣ ଓ ଦାଦାବଟି ଆଦାୟ ଭଳି ସଙ୍ଗିନ ଅପରାଧରେ ସାମିଲ ଏକ କୁଖ୍ୟାତ

- ୯ ଗିରଫ, ୫ ପିସ୍ତଲ ସହ ଗୁଳି ଜବତ
- ଅପରାଧ ସାମ୍ରାଜ୍ୟ ଚଳାଉଥିଲା ବିଶ୍ୱଜିତ
- କେନ୍ଦୁଝରର ଡନ୍ ହେବା ଥିଲା ଲକ୍ଷ୍ୟ


ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିଛି କେନ୍ଦୁଝର ପୁଲିସ। ଗ୍ୟାଙ୍ଗର ୯ ସଦସ୍ୟଙ୍କୁ ଗିରଫ କରିବା ସହ ପୁଲିସ ସେମାନଙ୍କଠାରୁ ୫ଟି ପିସ୍ତଲ, ୨୫ଟି ଗୁଳି, ୭ଟି ମାଗାଜିନ ସହ ୫ଟି ଅନ୍ୟାନ୍ୟ ମାରଣାସ୍ତ୍ର, ଏକ ଥାର୍ ଗାଡ଼ି ଜବତ କରିଛି। ସେମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ଛେଳିଆନାଳ ଅଞ୍ଚଳର ବିଶ୍ୱଜିତ ଗିରି ଓରଫ୍ ଗଣେଶ (୩୨), ମୟୂରଭଞ୍ଜ ଉଦଳପଶିର ଶୁଭାଶିଷ ଗିରି(୨୭), କେନ୍ଦୁଝର କାଣ୍ଡପୁରର ପ୍ରିୟଦର୍ଶନ (୨୯), ଯୋଡ଼ା ଅଞ୍ଚଳର ନିର୍ମଳ



ପ୍ରଧାନ (୪୦), ଯୋଡ଼ା କୁନ୍ଦୁରନାଳାର ବିନୋଦ ମୁଣ୍ଡା(୩୨), ଯୋଡ଼ା ଜାଳିର ହଟିଙ୍ଗର ରୋହିତ ନାଏକ (୨୧), ମାଣ୍ଡି ହଟିଙ୍ଗ ଗୁଆଲିର ମହମ୍ମଦ କିସାନ(୨୫), ବଡ଼ବିଲ ଠାକୁରାଣୀ ଅଞ୍ଚଳର ରଞ୍ଜନ ପଲେଇ (୨୬) ଓ ଝାଡ଼ଖଣ୍ଡ ଗୋବରଗାଁର ପର୍ଶୁରାମ ପ୍ରଧାନ(୫୫)। ବିଶ୍ୱଜିତ ଏହି ଗ୍ୟାଙ୍ଗର ମୁଖ୍ୟ ହୋଇଥିବା ବେଳେ ଏମାନେ 'ମହାକାଳ' ନାମକ ଏକ ଗ୍ରୁପ୍ ଗଢ଼ିଥିଲେ। କେନ୍ଦୁଝର ନିକଟ ନରସିଂପୁରସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରୁ ଡକାୟତି ପାଇଁ ଏମାନେ ଗତ ରାତିରେ ଯୋଜନା କରୁଥିବା ବେଳେ ସ୍ଥାନୀୟ ଘଟଗାଁ ମନ୍ଦିର ନିକଟସ୍ଥ ଏକ ପରିତ୍ୟକ୍ତ ଘରୁ ପୁଲିସ ସମସ୍ତଙ୍କୁ ଗିରଫ କରିଛି।

ପାଠପଢ଼ି କିଏ ଆଇଏଏସ୍, ଆଇପିଏସ୍ କିମ୍ବା ବଡ଼ବଡ଼ ପଦବୀରେ ଯିବାକୁ ଇଚ୍ଛା କରିଥାଏ। କିନ୍ତୁ ବିଶ୍ୱଜିତର ଇଚ୍ଛା ଓ ସ୍ୱପ୍ନ ଥିଲା ଗ୍ୟାଙ୍ଗଷ୍ଟାର ହେବାକୁ। ପ୍ରଥମେ ପ୍ରଥମେ ଛୋଟଛୋଟ ଅପରାଧ ଘଟାଇ ସେ ଅପରାଧ ଦୁନିଆରେ ପାଦ ଥାପିଥିଲା। କିନ୍ତୁ, ଗ୍ୟାଙ୍ଗ ନ ଗଢ଼ିଲେ ବଡ଼ବଡ଼ ଅପରାଧ ଭିଆଇପାରିବ ନାହିଁ ବୋଲି ସେ ଖୁବ୍ ଶୀଘ୍ର ବୁଝିଯାଇଥିଲା। ତେଣୁ ନିଜକୁ କେନ୍ଦୁଝରର ଡନ୍ ଭାବେ ଗଢ଼ି ତୋଳିବା ପାଇଁ ସେ ଗଠନ କରିଥିଲା ମହାକାଳ ଗ୍ରୁପ୍। ଏଥିରେ ସେ ସାମିଲ କରିଥିଲା ଓଡ଼ିଶା ଓ ଝାଡ଼ଖଣ୍ଡର ବଛାବଛା ଏକାଧିକ ଅପରାଧୀଙ୍କୁ। ଗ୍ୟାଙ୍ଗ ଗଢ଼ିବା ପରେ ଲୋକଙ୍କ ମନରେ ଭୟ ସୃଷ୍ଟି କରିବା ପାଇଁ ସେ ନୂଆ ନୂଆ ପଇଁତରା କରୁଥିଲା। ଏକାସାଙ୍ଗରେ ବିଶ୍ୱଜିତ ୨୦ରୁ ଅଧିକ ଗାଡ଼ି ନେଇ ସୁରକ୍ଷାବଳୟ ଭିତରେ ବାହାରୁଥିଲା। ରାସ୍ତା ମଝିରେ ଗାଡ଼ି ରଖି କେକ୍ କାଟି ଜନ୍ମଦିନ ପାଳନ କରିବା ସହ ସର୍ବସାଧାରଣରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ଦେଖାଇ ତାହାର ଭିଡିଓକୁ 'ମହାକାଳ ଗ୍ରୁପ୍' ନାଁରେ ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରୁଥିଲା। ନିଜର ଅପରାଧ ସାମ୍ରାଜ୍ୟ ବଢ଼ାଇବାକୁ ବିଭିନ୍ନ ଖଣି ଓ କଳକାରଖାନା ମାଲିକଙ୍କୁ ଧମକ ଦେଇ ଦାଦାବଟି ବି ଆଦାୟ କରୁଥିଲା। ଏନେଇ ତା' ନାଁରେ ବିଭିନ୍ନ ଥାନାରେ ୩୭ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଛି। ଏହାସହ ଡକାୟତି, ହତ୍ୟା, ଖଣିଜ ପଦାର୍ଥ ଚୋରାଚାଲାଣ ଓ ଦାଦାବଟି ଆଦାୟ ଭଳି ତା' ନାଁରେ ଅନେକ ସଙ୍ଗିନ ଅଭିଯୋଗ ରହିଛି।

## ପୂଜା ପତ୍ରିକା 'ଭାଷା ବିକାଶ' ଉନ୍ମୋଚିତ



ବାଲେଶ୍ୱର, ୧୦।୧୦(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ପୂଜାସଂଖ୍ୟା ପତ୍ରିକା 'ଭାଷା ବିକାଶ' ସ୍ଥାନୀୟ ସ୍ରଷ୍ଟା ନାଟ୍ୟାଳୟରେ ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅୟୋଜିତ ସଭାରେ ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ର ପତ୍ରିକାଟିକୁ ଉନ୍ମୋଚନ କରି ଏକ ଇଂରାଜୀ କବିତାର ଉଦାହରଣ ଦେଇ କହିଥିଲେ, 'ପ୍ରକୃତ ସାରସ୍ୱତ ସାଧକମାନେ ସଦାସର୍ବଦା ସର୍ଜନ କାର୍ଯ୍ୟରେ ନିଜକୁ ବ୍ୟସ୍ତ ରଖିଥାନ୍ତି। ଫଳରେ କାହାରି ପ୍ରତି ସେମାନଙ୍କର ଘୃଣା, ଦ୍ୱେଷ ବା ପରଶ୍ରୀକାତରତା ନଥାଏ'। ଅନୁଷ୍ଠାନ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପତ୍ରିକାଟିର ପ୍ରକାଶନ ଦିଗରେ ନାନା ବାଧାବିଘ୍ନ ସତ୍ତ୍ୱେ ସମସ୍ତଙ୍କର ସହଯୋଗରେ ସୁନ୍ଦର ହେଇଥିବାରୁ କୃତଜ୍ଞତା ପ୍ରକାଶ କରିଥିଲେ। ଉପସଭାପତି ନାଟ୍ୟକାର ନିରଞ୍ଜନ ରାଉତ, ଅନ୍ୟତମ ଉପସଭାପତି ଗାଳ୍ପିକ ନିବାରଣ ଜେନା ଓ ପ୍ରତିଷ୍ଠାତା ସଦସ୍ୟ ଶରତ କୁମାର ମହାପାତ୍ର ଅନୁଷ୍ଠାନର ଦୀର୍ଘ ୧୫ ବର୍ଷର ସରସ୍ୱତ ଯାତ୍ରା ସମ୍ପର୍କରେ ଅଭିବ୍ୟକ୍ତି ରଖିଥିଲେ। ସଂଗଠନ ସମ୍ପାଦକ ତପନ ରାୟ ଓଡ଼ିଆ ଭାଷା ସାହିତ୍ୟର ବିକାଶ ନିମନ୍ତେ ପତ୍ରିକାରେ ଗବେଷଣାଧର୍ମୀ ଲେଖାଗୁଡ଼ିକୁ ପ୍ରକାଶ କରିବାରେ ଅଗ୍ରାଧିକାର ଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ। କୋଷାଧ୍ୟକ୍ଷ ଦୀପକ ବୋଷ ପତ୍ରିକା ପ୍ରକାଶନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭା ପୂର୍ବରୁ ଶ୍ରୀ ବୋଷଙ୍କ ରଚନାରେ ଦୁର୍ଗାବନ୍ଦନା ଗୀତଟିକୁ କଲ୍ୟାଣୀ ନନ୍ଦଙ୍କ ସ୍ୱର ସଂଯୋଜନାରେ ଅର୍ଚ୍ଚନା କର, ପୁଷ୍ପଲତା ଚକ୍ରବର୍ତ୍ତୀ, କବିତା ଜେନା, ପ୍ରିୟାରାଣୀ ମଲ୍ଲିକ, ଶାନ୍ତି ବିଶି, ପୟୋଧି ମଲ୍ଲିକ ଓ ଅମିତା ଚାନ୍ଦ ପ୍ରମୁଖ ସମବେତ କଣ୍ଠରେ ଗାନ କରିଥିଲେ। ଡ. ଶିରାଶ ଚନ୍ଦ୍ର ଜେନା, ଅଞ୍ଜଳି ପଣ୍ଡା ଓ ପଦ୍ମଲୋଚନ ପ୍ରଧାନ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଯୁଗ୍ମସମ୍ପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଅନ୍ୟତମ ଯୁଗ୍ମସମ୍ପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା କାରାଗାରକୁ ମନୋରଞ୍ଜନାତ୍ମକ ସାମଗ୍ରୀ ବଣ୍ଟନ




ବାଲେଶ୍ୱର, ୧୦।୧୦(ସମିସ): ରୋଟାରୀ କ୍ଲବ୍ ଅଫ ବାଲେଶ୍ୱର ପକ୍ଷରୁ ଆଜି ଜିଲ୍ଲା କାରାଗାରରେ ଅନ୍ତେବାସୀଙ୍କ ପାଇଁ ମନୋରଞ୍ଜନାତ୍ମକ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ଅବସରରେ କ୍ଲବ୍‌ର ଅଧ୍ୟକ୍ଷ ଦେବାଶିଷ ଦାସ, ସଚିବ କମଳକାନ୍ତ ମୁଦୁଲି ଯୋଗଦେଇ ରୋଟାରୀ କ୍ଲବ୍‌ର ଏହି ପଦକ୍ଷେପ ଦ୍ୱାରା ଅନ୍ତେବାସୀମାନେ ନିଜ ମନକୁ ସୁସଂଗଠିତ ରଖିବେ ଓ ସାମାଜିକ ଜୀବନ ପାଇଁ ପୁନଃ ପ୍ରସ୍ତୁତ ହେବେ ବୋଲି କହିଥିଲେ। କାରାଗାର ସୁପରିଣ୍ଟେଣ୍ଡେଣ୍ଟ ଓ କାରାଗାର ଅନ୍ୟ ଅଧିକାରୀମାନେ ରୋଟାରି କ୍ଲବ୍‌ର ଏହି ପ୍ରୟାସକୁ ସ୍ୱାଗତ କରି ଧନ୍ୟବାଦ ଜଣାଇଥିଲେ। ଏହି ଦିନଟିରେ ରୋଟାରୀ ସଦସ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧ୍ୟକ୍ଷମାନେ, ଜ୍ୟେଷ୍ଠ ରୋଟାରିଆନ୍ ଓ ଯୁବ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଜୋନ୍‌ସ୍ତରୀୟ ଦସ୍ତଖତ ଅଭିଯାନ ଓ ଶୋଭାଯାତ୍ରା

ବାଲେଶ୍ୱର, ୧୦।୧୦(ସମିସ): କଂଗ୍ରେସ ଦଳ ପକ୍ଷରୁ ସଦର ନିର୍ବାଚନ ମଣ୍ଡଳୀର ଶ୍ରୀରାମପୁର ପଞ୍ଚାୟତରେ ଜୋନ୍‌ସ୍ତରୀୟ ଦସ୍ତଖତ ଅଭିଯାନ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାଟୁଲଡିହା ଠାରୁ ଶୋଭାଯାତ୍ରା ଆରମ୍ଭ ହୋଇ ହଳଦୀପାଳ ପର୍ଯ୍ୟନ୍ତ ଯାଇଥିଲା। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆଜି ଦଳର ଯୁବ ନେତା ସରୋଜ ଲେଙ୍କାଙ୍କ ନେତୃତ୍ୱରେ ଘର ଘର ଯାଇ କର୍ମୀମାନେ ଦସ୍ତଖତ ସଂଗ୍ରହ କରିଥିଲେ। ଏଥିସହ ଭୋଟ ଚୋରି ସମ୍ପର୍କରେ ବୁଝାଇବା ସହ ଏହା ଦ୍ୱାରା କିଭଳି ସମ୍ବିଧାନ ଓ ଗଣତନ୍ତ୍ରକୁ ନଷ୍ଟ କରାଯାଇ ଏକ ଛତ୍ରବାଦ ଶାସନ ପାଇଁ ଷଡ଼ଯନ୍ତ୍ର କରାଉଛି ସେ ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସଦର ବ୍ଲକ ସଭାପତି ଜୟକୃଷ୍ଣ ବେହେରା, ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଅମିତ ପତି, ଲିପୁ ମିଶ୍ର, ଭାଗବତ ଦାସ, ଦୈତାରୀ ଦଳେଇ, କାଳୀ ଚରଣ ଜେନା, ମନୋରଞ୍ଜନ ବେହେରା, ଜୁବୁଲି ପଣ୍ଡା ପ୍ରମୁଖ ଏହି ଅଭିଯାନରେ ସାମିଲ ହୋଇଥିଲେ।




### ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା

# ୬ଟି ବିଦ୍ୟାଳୟ ପାଇଁ ଆସିଛି ଟଙ୍କା; ଏଯାଏଁ ହୋଇନି ଶିଳାନ୍ୟାସ

ବାଲେଶ୍ୱର, ୧୦।୧୦(ସମିସ)

ପ୍ରତି ପଞ୍ଚାୟତରେ ଗୋଟିଏ ଲେଖାଏଁ ପ୍ରାଥମିକ ଅତ୍ୟାଧୁନିକ ବିଦ୍ୟାଳୟ ହେବ। ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ସୁଦୃଢ଼ୀକରଣ କରାଯିବ। ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ପିଲାମାନଙ୍କର ମୌଳିକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନିଆଯିବ। ଏସମସ୍ତ କାର୍ଯ୍ୟ 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'(ଜିଏମ୍ଏପିଭି)ରେ ହେବ ବୋଲି ନୂତନ ସରକାର ଘୋଷଣା କରିଥିଲେ। ଯୋଜନାରେ ବାଲେଶ୍ୱର ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୬ଟି ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୧୦୪ଟି ଅର୍ଥାତ୍ ସମୁଦାୟ ୧୧୦ଟି ବିଦ୍ୟାଳୟର ନାମ ତାଲିକା କରାଯାଇ ପଠାଯାଇଛି। ହେଲେ ପରିତାପର ବିଷୟ ଯେ ଏଯାଏଁ ଏହି ଯୋଜାନା ଶୁଭାରମ୍ଭ ହୋଇନାହିଁ। ପ୍ରଥମ ୬ଟି ବିଦ୍ୟାଳୟ ପାଇଁ ଟଙ୍କା ଆସିଛି ହେଲେ ଶିଳାନ୍ୟାସ ହୋଇନଥିବାରୁ ନିର୍ମାଣ କାମ ହୋଇପାରୁନଥିବା ଡିଇଓ ଆଣ୍ଡ ଡିପିସି କାର୍ଯ୍ୟାଳୟରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ରାଜ୍ୟରେ ନୂତନ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାଥମିକ ଶିକ୍ଷାର ଉନ୍ନତୀକରଣ ପାଇଁ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିରେ ରାଜ୍ୟରେ ଖୁବ୍ ଶୀଘ୍ର 'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା'ର ଶୁଭାରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଯୋଜନା ଅନୁଯାୟୀ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରାଯିବ। ରାଜ୍ୟରେ ସମୁଦାୟ ୬, ୭୯୪ଟି ବିଦ୍ୟାଳୟ ନିର୍ମାଣ କରାଯିବ। ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଏକ ଆଦର୍ଶ ଶିକ୍ଷା ପରିବେଶ ଥିଲା, ସେହିଭଳି ଏହି ବିଦ୍ୟାଳୟଗୁଡିକରେ ମଧ୍ୟ ପିଲାମାନଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥିରେ ବିଶେଷ କରି ପିଲାମାନଙ୍କର ଭାଷା ଜ୍ଞାନ ଓ ମୌଳିକ ଗାଣିତିକ ଜ୍ଞାନ ଉପରେ ଗୁରୁତ୍ୱ ଆରୋପ କରାଯିବ। ଏହାଦ୍ୱାରା ପିଲାମାନେ ଉଚ୍ଚତର ଶ୍ରେଣୀରେ ସହଜରେ ଶିକ୍ଷା ଗ୍ରହଣ କରିପାରିବେ। ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ପିଲାମାନଙ୍କର ମୌଳିକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନିଆଯିବ। ଏହି ଯୋଜନାରେ ନୂଆ କ୍ଲାସ ରୁମ୍, ବାଳକ ଓ ବାଳିକାମାନଙ୍କ ପାଇଁ ପୃଥକ ଟଏଲେଟର ବ୍ୟବସ୍ଥା, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରୀ ଓ ଲାଙ୍ଗୁଏଜ୍ ଲ୍ୟାବ୍, ଖେଳପଡ଼ିଆ, ଡାଇନିଂ ହଲ୍, କମ୍ପ୍ୟୁଟର ଓ ସ୍ମାର୍ଟବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ଏହାସହିତ କ୍ରୀଡ଼ା, ଶାରୀରିକ ବ୍ୟାୟମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପର ମଧ୍ୟ ଗୁରୁତ୍ୱ ଦିଆଯିବ। ହେଲେ ବର୍ତ୍ତମାନ ସୁଦ୍ଧା ଏହି ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ମିଳିଥିବା ସୂଚନାନୁଯାୟୀ, ଏହି ଯୋଜନାରେ ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକର ୩୬୫ ପଞ୍ଚାୟତର ୩୬୫ ବିଦ୍ୟାଳୟର ସାମିଲ କରାଯିବ। ୨୦୨୪-୨୫ ବର୍ଷରେ ୬ଟି ଏବଂ ୨୦୨୫-୨୬ ବର୍ଷରେ ୧୦୪ ଟି ବିଦ୍ୟାଳୟ ତାଲିକା ପ୍ରସ୍ତୁତ କରାଯାଇ ସରକାରଙ୍କୁ ପଠାଯାଇଛି। ବାହାନଗା ବ୍ଲକର ୨୪ ପଞ୍ଚାୟତର ୭ଟି, ବାଲିଆପାଳର ୨୮ଟି ପଞ୍ଚାୟତର ୯ଟି, ଭୋଗରାଇର ୫୦ ପଞ୍ଚାୟତର ୧୬ଟି, ବସ୍ତା ବ୍ଲକର ୩୧ ପଞ୍ଚାୟତର ୧୦ଟି, ଖଇରା ବ୍ଲକର ୩୭ଟି ପଞ୍ଚାୟତର ୧୧ଟି, ଜଳେଶ୍ୱରର ୩୫ ପଞ୍ଚାୟତର ୧୧ଟି, ରେମୁଣାର ୩୨ ପଞ୍ଚାୟତର ୧୦ଟି, ନୀଳଗିରିର ୨୫ ପଞ୍ଚାୟତର ୮ଟି, ଔପଦାର ୧୧ ପଞ୍ଚାୟତର ୩ଟି, ସଦରର ୩୭ ପଞ୍ଚାୟତର ୧୧ଟି, ସିମୁଳିଆର ୨୨ ପଞ୍ଚାୟତର ୭ଟି ଏବଂ ସୋରର ୨୪ ପଞ୍ଚାୟତର ୭ଟି ବିଦ୍ୟାଳୟକୁ ତାଲିକାଭୁକ୍ତ କରାଯାଇଛି। ତେବେ ସମ୍ପୃକ୍ତ ସ୍କୁଲର ସିଭିଲ୍ କାର୍ଯ୍ୟ ସମ୍ପାଦନ ଏବଂ ଡିପିଆର ପ୍ରସ୍ତୁତି ପାଇଁ ଗ୍ରାମୀଣ ନିର୍ମାଣ ବିଭାଗ ବାଲେଶ୍ୱରର ଅଧିକ୍ଷକ ଯନ୍ତ୍ରୀଙ୍କୁ ୬ଟି ସ୍କୁଲ ପାଇଁ ୧୫୦୦.୦୦ ଲକ୍ଷ (ପ୍ରତି ସ୍କୁଲ ପାଇଁ ୨୫୦.୦୦ ଲକ୍ଷ ଟଙ୍କା) ପ୍ରଦାନ କରାଯାଇସାରିଛି ବୋଲି ଦିଶା ବୈଠକ ତଥା ପୁସ୍ତକରେ ସୂଚନା ଦିଆଯାଇଛି। ଏବାବଦରେ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ ନାୟକଙ୍କୁ ପଚାରିବାରୁ ଏବାବଦରେ ପ୍ଲାନିଂ କୋର୍ଡିନେଟରଙ୍କୁ ଯୋଗାଯୋଗ କରିବାକୁ ସୂଚନା ଦେଇଥିଲେ। ଏନେଇ ଚିଠି ଆସିବା ପରେ ଜିଲ୍ଲା କମିଟି ବୈଠକ ହୋଇଥିଲା। ଗାଇଡଲାଇନ୍ ଅନୁସାରେ ସମସ୍ତ ବିଧାୟକ, ବିଇଓ, ଡିଇଓ ଏବଂ ଜିଲ୍ଲାପାଳଙ୍କ ଉପସ୍ଥିତିରେ ବିଦ୍ୟାଳୟ ନାମ ଚୟନ କରି ତାଲିକା କରାଯାଇ ପଠାଯାଇଛି। ଆମ ଜିଲ୍ଲା ପାଇଁ ୧୧୦ଟି ବିଦ୍ୟାଳୟ ତାଲିକା ପଠାଯାଇଛି। ହେଲେ କିଛି ଆପ୍ରୋଭାଲ୍ ହୋଇନାହିଁ। ବର୍ତ୍ତମାନ ସୁଦ୍ଧା ତାଲିକାଭୁକ୍ତ ବିଦ୍ୟାଳୟଗୁଡ଼ିକ ମଞ୍ଜୁର ହୋଇନାହିଁ। ଟଙ୍କା ଆସିଛି, ହେଲେ କୌଣସି ସ୍କୁଲକୁ ଯାଇନାହିଁ। ଶିଳାନ୍ୟାସ ହେଲେ ହିଁ କିଛି କାମ ହୋଇପାରିବ। ସରକାରଙ୍କ ତରଫରୁ କିଛି କାମ ପାଇଁ ନିର୍ଦ୍ଦେଶ ବା ଚିଠି ଆସିନାହିଁ। ଶିଳାନ୍ୟାସ ହେଲେ ନିର୍ମାଣ କାମ ହେବ ବୋଲି ସୂଚନା ମିଳିଛି।

- ଜିଏମ୍ଏପିଭି ଯୋଜନାରେ ଜିଲ୍ଲାର ୧୧୦ ବିଦ୍ୟାଳୟ ତାଲିକା ପ୍ରସ୍ତୁତ
- ୨୦୨୪-୨୫ ବର୍ଷରେ ୬ଟି, ୨୦୨୫-୨୬ ବର୍ଷରେ ୧୦୪ଟି ବିଦ୍ୟାଳୟ
- ୩୬୫ଟି ପଞ୍ଚାୟତର ୧୧୦ଟି ବିଦ୍ୟାଳୟ ଟାର୍ଗେଟ, କିଛି ପଦକ୍ଷେପ ନାହିଁ

## ମଦଦୋକାନ ଖୋଲିବା ବିରୁଦ୍ଧରେ ପ୍ରତିବାଦ



ବାଲେଶ୍ୱର, ୧୦।୧୦(ସମିସ): ମିଳିତ ନିଶା ନିବାରଣ ଅଭିଯାନ (ମନା)ର ବୈଠକ ନେଳିଆବାଗସ୍ଥିତ ଅଫିସଗୃହରେ ସଭାପତି ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ତରଫରୁ ବାଲେଶ୍ୱର ଜିଲ୍ଲାରେ ବନ୍ଦ ହୋଇଥିବା ୧୭ଟି ମଦ ଦୋକାନ ପୁଣି ଖୋଲାଯିବା ପ୍ରସ୍ତାବ ବିରୋଧରେ ବୈଠକରେ ଆଲୋଚନା କରାଯାଇଥିଲା। ଏହାକୁ ବିରୋଧ କରି ସରକାରଙ୍କୁ ଏସମ୍ବନ୍ଧରେ ସ୍ମାରକପତ୍ର ଦେବାପାଇଁ ସିଦ୍ଧାନ୍ତ ନିଆଗଲା। ଉକ୍ତ ବୈଠକରେ ବରିଷ୍ଠ ଉପଦେଷ୍ଟା ସୁବ୍ରତ କର, ଡ. କେଶବ ଚରଣ ପଣ୍ଡା, ସମ୍ପାଦିକା ସୁଶ୍ରୀ ଗୀତାଞ୍ଜଳି ସିଂହ, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ ଦାସ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ଲକ୍ଷ୍ମଣ ଚରଣ ବିଶ୍ୱାଳ, ପ୍ରଭାକର ସାହୁ (ଖ), ସୁନାମଣି ଜେନା, ରବିନାରାୟଣ ଭୋଳ, ଶଚୀନ୍ଦ୍ର ଦାସ, ସନାତନ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶକ୍ତି ନଗରରେ ରାସ୍ତା ଓ ଡ୍ରେନ୍ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ଉତ୍ସବ

ବାଲେଶ୍ୱର, ୧୦।୧୦(ସମିସ): ବାଲେଶ୍ୱର ପୌରପାଳିକା ଅଧୀନ ୱାର୍ଡନମ୍ବର ୨୦ର ଶକ୍ତିନଗର ଗ୍ରାମରେ କଂକ୍ରିଟ ରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ମାନସ କୁମାର ଦତ୍ତ ଏବଂ ସମ୍ମାନିତ ଅତିଥି ପୌରାଧ୍ୟକ୍ଷା ସବିତା ସାହୁ, ୱାର୍ଡ ନମ୍ବର ୨୦ ଓ ୨୧ର କାଉନସିଲର ଯଥାକ୍ରମେ ନିରୂପମା ଦାଶ ଓ ଚିତ୍ତରଞ୍ଜନ ପଣ୍ଡା, ସମାଜସେବୀ ଶୈଳେନ୍ଦ୍ର ପ୍ରସାଦ ଦାଶ, ସୀତାକାନ୍ତ ସ୍ୱାଇଁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଶକ୍ତିନଗର ଆଞ୍ଚଳିକ ଉନ୍ନୟନ କମିଟିର ସଭାପତି କିଶୋର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ସଭା ଆୟୋଜିତ ହୋଇଥିଲା। ସଭାରେ ଆଞ୍ଚଳିକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶକ୍ତିନଗର ଏବଂ ଉଦୟନଗର ଅଞ୍ଚଳରେ ରାସ୍ତାଘାଟ ଓ ଡ୍ରେନ ନିର୍ମାଣ ଇତ୍ୟାଦି କାର୍ଯ୍ୟରେ ଗୁରୁତ୍ୱ ଦେଇ କାର୍ଯ୍ୟ ଆଗେଇ ନେବାକୁ ଅତିଥିମାନେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଆଞ୍ଚଳିକ ଉନ୍ନୟନ କମିଟିର ସମ୍ପାଦକ ଚିତ୍ରେଶ୍ୱର ମହାନ୍ତି, ସହସମ୍ପାଦକ ଶମ୍ଭୁନାଥ ବିଶ୍ୱାଳ, କୋଷାଧ୍ୟକ୍ଷ ମନୋରଞ୍ଜନ ମିଶ୍ର, କାର୍ଯ୍ୟକାରୀ ସଦସ୍ୟସଦସ୍ୟା ଉଷାରାଣୀ ରାଜ୍, ସୁଜାତା ଜେନା, ବନ୍ଦନା ରାଉତ, ସସ୍ମିତା ଦାସ, ସାବିତ୍ରୀ ସାହୁ, ଶିତଳା ଦାସ, ଯୋଗଜ୍ୟୋତିଷ୍ମାନ୍ ଗିରି, ହରେକୃଷ୍ଣ ନନ୍ଦ, ରଘୁନାଥ ରାଉତ, ବସନ୍ତ ଖୁଣ୍ଟିଆ, ହରିହର ପାଣିଗ୍ରାହୀ, ବାପୁନ୍ ପାତ୍ର ଏବଂ ଶକ୍ତି ନଗର ଡେଭଲପମେଣ୍ଟ କମିଟିର କାର୍ଯ୍ୟକର୍ତ୍ତା ରାଜେନ୍ଦ୍ର ଜେନାଙ୍କ ସମେତ ବିପିନ୍ ବିହାରୀ କର, କୃଷ୍ଣଚନ୍ଦ୍ର ମାଝୀ, ରାୟବାବୁ ଏବଂ ଉଦୟଶକ୍ତି ବିକାଶ ମଞ୍ଚର କାର୍ଯ୍ୟକର୍ତ୍ତା ଭାସ୍କର ଚନ୍ଦ୍ର ପାଢ଼ି, କରୁଣାକର ମହାପାତ୍ର, ସଞ୍ଜୟ ରାଉତ ଓ ନାରୀନେତ୍ରୀ ଧରିତ୍ରୀ ଓ ସଚଳା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷାବିତ କରୁଣାକର ମହାପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଏଫ୍‌ଏମ୍‌ୟୁରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ

ବାଲେଶ୍ୱର, ୧୦।୧୦(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରୟୋଗିକ ମନୋବିଜ୍ଞାନ ବିଭାଗ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଚଳିତବର୍ଷ ଏହି ଦିବସର ମୁଖ୍ୟ ବିଷୟ ଥିଲା 'ଆପାତକାଳୀନ ପରିସ୍ଥିତିରେ ମନୋସ୍ୱାସ୍ଥ୍ୟ ସେବା ପ୍ରାପ୍ୟତା'। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ସମସ୍ତଙ୍କୁ ଜୀବନର ବିପଦ ସମୟରେ ମନୋବଳ ଧାରଣ କରି ସତ୍ୟ, ଶାନ୍ତି ଓ ସୁସ୍ଥ ମନୋଭାବ ସହ ଆଗକୁ ବଢ଼ିବାକୁ ପ୍ରେରିତ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଉଦୟନାଥ ଦାଶ ନିଜ ଅଭିଭାଷଣରେ 'ଶୁଣିବା, ଶିଖିବା ଓ ଯତ୍ନଶୀଳ ହେବା' ବିଷୟରେ ଅତ୍ୟନ୍ତ ପ୍ରେରଣାଦାୟକ ବ୍ୟାଖ୍ୟାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ସୋମଦେବ ମିତ୍ର ଯୋଗଦେଇ 'ମନୋସ୍ୱାସ୍ଥ୍ୟ ଯନ୍ତ୍ରଣାରୁ ସମୃଦ୍ଧି ପର୍ଯ୍ୟନ୍ତ ଯାତ୍ରା' ବିଷୟରେ ଅତ୍ୟନ୍ତ ସୁବୋଧ ଓ ଦୃଷ୍ଟାନ୍ତମୂଳକ ଉପସ୍ଥାପନା କରିଥିଲେ। ସଭା ମାଧ୍ୟମରେ ଅଂଶଗ୍ରହଣକାରୀମାନେ ମନୋରୋଗ ସମ୍ପର୍କିତ ଅନ୍ଧବିଶ୍ୱାସକୁ ଦୂରକରି ପ୍ରାଞ୍ଜଳ ଆଲୋଚନା ଓ ସାମୂହିକ ସଚେତନତା ବୃଦ୍ଧିରେ ଆଗକୁ ଆସିବାର ପ୍ରୟାସ କରିଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ପରିକଳ୍ପନାରେ ୧୧ ଅକ୍ଟୋବରରେ ବିଭାଗ ପକ୍ଷରୁ 'ଶୁଣିବା ଦକ୍ଷତା ପରାମର୍ଶ ଓ ମନୋନିଦାନର କେନ୍ଦ୍ରବିନ୍ଦୁ' ନାମକ ଜାତୀୟ କାର୍ଯ୍ୟଶାଳା ଆୟୋଜନ କରାଯାଇଛି। ଏହି ଦୁଇଦିନିଆ କାର୍ଯ୍ୟକ୍ରମଟି, ମୁଖ୍ୟ ପ୍ରଯୋଜକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ (କୁଳପତି), ପ୍ରଯୋଜକ ପ୍ରଫେସର ଭାସ୍କର ବେହେରା (ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ), ସମ୍ପାଦିକା ଡ. ରାଜଶ୍ରୀ ଦତ୍ତ (ସଂଯୋଜିକା, ପ୍ରୟୋଗୀକ ମନୋବିଜ୍ଞାନ ବିଭାଗ), ଓ ସହସମ୍ପାଦକ ଶଶାଙ୍କ ଶେଖର ଗଡ଼ନାୟକ, ଜସ୍ମିନ ସାମନ୍ତରାୟ ଓ ଜୟନ୍ତୀ ମାଳା ପ୍ରମୁଖଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା।




## ଇନ୍ଦ୍ରଧନୁ ପକ୍ଷରୁ କୁମାର ଉତ୍ସବ



ବାଲେଶ୍ୱର, ୧୦।୧୦(ସମିସ): ନୃତ୍ୟ ସଙ୍ଗୀତ କଳାମନ୍ଦିର ଓ ପୁରାତନ ଛାତ୍ର ସଂସଦର ମିଳିତ ସହଯୋଗରେ ଇନ୍ଦ୍ରଧନୁ ଅନୁଷ୍ଠାନ ପକ୍ଷରୁ ଟାଉନହଲରେ କୁମାର ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ସମ୍ମାନିତ ଅତିଥି ବସ୍ତା ବିଧାୟିକା ସୁବାସିନୀ ଜେନା, ବିଶିଷ୍ଟ ଅଭିନେତା ତନ୍ମୟ ମିଶ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ସଂଗଠକ ଶରତ ଚନ୍ଦ୍ର ଦାଶ କୁମାର ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକାରୀ ସଭାପତି ସୁଜିତ ଦେବଙ୍କ ପୌରୋହିତ୍ୟରେ ପରିଚାଳିତ ହୋଇଥିଲା। ସମ୍ପାଦକ ବ୍ରହ୍ମନାଥ ରଥ ପ୍ରାକ ସୂଚନା ପ୍ରଦାନ କରିଥିଲେ। ନୃତ୍ୟ ସଙ୍ଗୀତ କଳାମନ୍ଦିରର ସମ୍ପାଦକ ଲକ୍ଷ୍ମୀନାରାୟଣ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ନୃତ୍ୟ ସଙ୍ଗୀତ କଳାମନ୍ଦିରର ୪୦ଜଣ ଛାତ୍ରଛାତ୍ରୀ ଗୁରୁ ଭାସ୍କର ଚନ୍ଦ୍ର ଗୁଲାରଙ୍କ ନେତୃତ୍ୱରେ ବ୍ରଜନାଥ ରଥ ଓ ସୁକୁମାର ସାହୁଙ୍କ ନିର୍ଦ୍ଦେଶିତ କୁମାର ପୂର୍ଣ୍ଣିମା ସଙ୍ଗୀତ ଗାନ କରିଥିଲେ। ସଭା ପରେ ସ୍କୁଲର ୧୨୦ ଜଣ ଛାତ୍ରୀ କୁମାର ପୂର୍ଣ୍ଣିମା ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଗୁରୁ ଉର୍ମିଳା ସାହୁଙ୍କ ନିର୍ଦ୍ଦେଶନାରେ କରାଯାଇଥିଲା। ସହଯୋଗ କରିଥିରେ ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ପାତ୍ର ଓ ଅରୋଦିଆ ସ୍ୱାଇଁ।

## ଦୀର୍ଘଦିନ ଧରି ଅବହେଳିତ ହୋଇପଡ଼ିଛି ରାସ୍ତା

ବାଲେଶ୍ୱର, ୧୦।୧୦(ସମିସ)



ତଦନ୍ତ କଲେ ସଦର ବିଡିଓଙ୍କ ସହ ସ୍ୱତନ୍ତ୍ର ଟିମ

ଦୀର୍ଘଦିନ ଧରି ଅବହେଳିତ ହୋଇପଡ଼ିଛି ସଦର ବ୍ଲକ ଅଧୀନ ଗେଙ୍ଗୁଟି ପଞ୍ଚାୟତ ଜମ୍ବେଶ୍ୱରପୁର ଗ୍ରାମର ରାସ୍ତା। ଯାହା ଜନଜାତି, ଉପଜାତି ଓ ଆର୍ଥିକ ଅନଗ୍ରସର ବର୍ଗକୁ ନେଇ ଗଢ଼ା ତିନୋଟି ବସ୍ତିକୁ ସଂଯୋଗ କରୁଥିବା ଗ୍ରାମର ପ୍ରମୁଖ ରାସ୍ତା। ପ୍ରାୟ ଅଧକିଲୋମିଟରରୁ ଅଧିକ ଥିବା ରାସ୍ତାଟି ଅବହେଳିତ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମରଣଯନ୍ତା ପାଲଟିଛି। ୩୦ରୁ ଅଧିକ ପରିବାରର ଛାତ୍ରଛାତ୍ରୀ, କୃଷକ, ଶ୍ରମିକ, ଦିବ୍ୟାଙ୍ଗ ବାସିନ୍ଦାଙ୍କ ନିୟମିତ ବ୍ୟବହାର କରୁଥିବା ରାସ୍ତାଟିର ଦୁରାବସ୍ଥା ବାବଦରେ ଖବର ପ୍ରକାଶ ପାଇବା ପରେ ଆଞ୍ଚଳିକ ସୁରକ୍ଷା ମଞ୍ଚର ସଭାପତି କମଳ ଲୋଚନ ରାଉତଙ୍କ ସହିତ ସଂଗଠନର କର୍ମକର୍ତ୍ତାମାନେ ସହଯୋଗର ହାତ ବଢ଼ାଇଥିଲେ। ସେମାନଙ୍କର ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ପରିଦର୍ଶନରେ ଆସି ପରିସ୍ଥିତିର ଗୁରୁତ୍ୱତାକୁ ଉପଲବ୍ଧି କରି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଆଶୁ ନିର୍ମାଣ ନହେଲେ ଅବହେଳିତ ବର୍ଗର ମୌଳିକ ଅଧିକାର ଲାଭ ପାଇଁ ଜନ ଆନ୍ଦୋଳନ ଓ ଧାରଣା ଦେବା ପାଇଁ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଜଣାଇଥିଲେ। ସେହି ବସ୍ତିରେ ଭିନ୍ନକ୍ଷମ ଜାତୀୟ ତଥା ପ୍ରତିଭାବାନ ଭିନ୍ନକ୍ଷମ କ୍ରୀଡ଼ାବିତ ସୁଧାକର ସେଠୀ ୯୦ ଶତକଡା ଅସ୍ଥିଶଲ୍ୟ ଦିବ୍ୟାଙ୍ଗ ହୋଇଥିବାସ୍ଥଳେ ରାସ୍ତାଟି ଏମିତି ଅବହେଳିତ ହୋଇପଡ଼ିବା ଏବଂ ସ୍ଥାୟୀ ନିର୍ମାଣ ନହେବା ଅଞ୍ଚଳବାସୀଙ୍କ ପାଇଁ ଦୁଃଖର କାରଣ ପାଲଟିଛି। କାଦୁଅ ପଚପଚ ସଡ଼କ ହେତୁ ବସ୍ତିର ପିଲାମାନଙ୍କୁ ପାଠପଢ଼ିବାକୁ ଯିବା କଷ୍ଟକର ହୋଇପଡ଼ିବା ସହ କୌଣସି ଜରୁରୀକାଳୀନ ଗାଡି ସେବା ପ୍ରଦାନ ପାଇଁ ବସ୍ତି ଭିତରେ ପଶିପାରୁନାହିଁ। ଶଯ୍ୟାଶାୟୀ ବୟସାଧିକ ପାଇଁ ଆଶୁ ସେବା ଏହି ପରିସ୍ଥିତିରେ କୌଣସିମତେ ସମ୍ଭବ ନୁହେଁ। ଉଚ୍ଚପଦସ୍ତ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ସଦର ବିଡିଓଙ୍କ ସହ ୯ ଜଣିଆ ସ୍ୱତନ୍ତ୍ର ଟିମଙ୍କ ସହ ସ୍ଥାନୀୟ ସରପଞ୍ଚଙ୍କ ସ୍ୱାମୀ ସତ୍ୟନାରାୟଣ ଆଚାର୍ଯ୍ୟ ସ୍ଥାୟୀ ନିର୍ମାଣ ପାଇଁ ଆବେଦନ କରାଯାଇଥିବା ରାସ୍ତାକୁ ବୁଲି ଦେଖିବାସହ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ରାସ୍ତାଜନିତ ସମସ୍ୟାରେ ପୀଡିତ ଅଧିବାସୀ ବନପ୍ରଭା ପ୍ରଧାନ, କିଶୋର କୁମାର ବେହେରା, ବାସନ୍ତୀ ପ୍ରଧାନ, ଅଜୟ ଦାସ, ଜିତେନ୍ଦ୍ର ଦାସ, ଜ୍ଞାନମଣୀ ବେହେରା, ନିଶାକର ସେଠୀ ପ୍ରମୁଖ ଯାତାୟାତ ଅନୁପଯୋଗୀ ଗ୍ରାମାଞ୍ଚଳ ରାସ୍ତାଟି ସ୍ଥାୟୀ ପକ୍କା ସଡ଼କ ନିର୍ମାଣ ପାଇଁ ଜଣାଇଥିଲେ। ସଦର ବିଡିଓ ଯାତାୟାତ ଅନୁପଯୁକ୍ତ ରାସ୍ତାଟିର ପରିସ୍ଥିତି ସୁଧାରିବା ପାଇଁ ଆଶୁ ନିର୍ମାଣର ପ୍ରତିଶ୍ରୁତି ଦେଇଥିଲେ। ଅବହେଳିତ ବସ୍ତିର ନବନିର୍ମାଣ ଅପେକ୍ଷାରେ ଥିବା ରାସ୍ତା ଆଶୁ ନିର୍ମାଣ ପାଇଁ ସଦର ବିଡିଓଙ୍କ ପ୍ରତିଶ୍ରୁତି ବସ୍ତିବାସିନ୍ଦାଙ୍କୁ ଆଶାରେ ଆଲୋକ ଦେଖାଇଛି।

## ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳିତ




ବାଲେଶ୍ୱର, ୧୦।୧୦(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନୂତନ ଅଡିଟୋରିୟମରେ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ-୨୦୨୫ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲାର ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା ଅନ୍ତର୍ଯ୍ୟାମୀ ନାୟକ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ ବାଲେଶ୍ୱର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜନ କରାଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିଲେ। ଏହି ଦିବସ ପାଳନ ଅବସରରେ ଏକ ମନୋଜ୍ଞ ଯୋଗ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ପରେ ବରିଷ୍ଠ ନାଗରିକମାନଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ରାମକୃଷ୍ଣ ଶର୍ମା ସମେତ ସମସ୍ତ ଅତିଥି ଜଗନ୍ନାଥଙ୍କ ନିକଟରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିଭା ବେହେରା ଅତିଥି ପରିଚୟ, ସ୍ୱାଗତ ସମ୍ବର୍ଦ୍ଧନା ଏବଂ ଏହି ଦିବସ ପାଳନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସରକାରଙ୍କ ବରିଷ୍ଠ ନାଗରିକ ଆଇନ-୨୦୧୬ ଅନୁଯାୟୀ ସରକାରୀ ସହାୟତା, ବିଭିନ୍ନ ପ୍ରକାରର ସାମାଜିକ ସମସ୍ୟାରେ ସମ୍ମୁଖୀନ ହେବା, ଘରୋଇ ହିଂସା ପ୍ରସଙ୍ଗରେ ବକ୍ତବ୍ୟ ରଖିବା ସହିତ ପ୍ରଶାସନ ତରଫରୁ ବରିଷ୍ଠ ନାଗରିକ ପରିଚୟପତ୍ର, ସାମାଜିକ ସମ୍ମାନ, ନ୍ୟାୟ, ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା, ଯାତ୍ରା(ବସ୍, ରେଳଭଡ଼ା) ରିହାତି, ବରିଷ୍ଠଙ୍କ ଆଶ୍ରୟସ୍ଥଳ ନିର୍ମାଣ ଦାବି ଉପସ୍ଥାପନ କରାଯାଇଥିଲା। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ବାଲେଶ୍ୱର ସଦର ଉପଜିଲ୍ଲାପାଳ ଶିବ ମାଲବ୍ୟ ବରିଷ୍ଠଙ୍କ ନିମନ୍ତେ ସମସ୍ତ ସାହାଯ୍ୟ ସହଯୋଗ କରିବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ଶେଷରେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଗୌରାଙ୍ଗ ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଦିବସ ପାଳନ ଅବସରରେ ଉପସ୍ଥିତ ସମସ୍ତ ଅତିଥିଙ୍କ ସମେତ ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ କର, ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ପ୍ରମୁଖ ମଞ୍ଚାସିନ ଥିବାବେଳେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବରିଷ୍ଠ ନାଗରିକ (ଉଭୟ) ଯୋଗଦେଇଥିଲେ। ଏଥିସହିତ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ ରୁ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ଏବଂ ପାରଦର୍ଶିତା ପାଇଁ ସମ୍ବର୍ଦ୍ଧିତ ହୋଇଥିଲେ।

● ରାଜ୍ୟ କ୍ୟାବିନେଟରେ ୧୫ ପ୍ରସ୍ତାବକୁ ମୋହର

## ଏଥର ୯୩ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ

**ଭୁବନେଶ୍ୱର, ୧୦।୧୦(ସମିସ):** ଏବର୍ଷ ରାଜ୍ୟରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ହେବ। ଧାନ ହିସାବରେ ଏହା ପ୍ରାୟ ୯୩ ଲକ୍ଷ ମେଟ୍ରିକ୍ ଟନ୍ ହେବ। ଖରିଫ ଓ ରବିରେ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ଯଥାକ୍ରମେ ୭୩ ଓ ୨୦ ଲକ୍ଷ ମେଟ୍ରିକ୍ ଟନ୍ ରହିବ। ଏହାଠାରୁ ଯଦି ପଞ୍ଜିକୃତ ଚାଷୀଙ୍କଠାରୁ ମଣ୍ଡିକୁ ଅଧିକ ଧାନ ଆସେ, ତେବେ ତାହା ମଧ୍ୟ ରାଜ୍ୟ ସରକାର ଗ୍ରହଣ କରିବେ ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନାଦେଇ କହିଛନ୍ତି, ବୈଠକରେ ମୋଟ ୧୦ଟି ବିଭାଗର ୧୫ଟି ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ନିଷ୍ପତ୍ତି ଅନୁଯାୟୀ ଆସନ୍ତା ନଭେମ୍ବର ମାସରୁ ଖରିଫ ଧାନ ସଂଗ୍ରହ କରାଯିବ। ରବି ଧାନ ଆସନ୍ତାବର୍ଷ ମେ' ମାସରୁ ସଂଗ୍ରହ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ସେହିପରି ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଭାବେ 'ଓଡ଼ିଶା ଜନ ବିଶ୍ୱାସ' ଅଧ୍ୟାଦେଶକୁ ଅନୁମୋଦନ ମିଳିଛି। ଏହି ଅଧ୍ୟାଦେଶ ବଳରେ ଏଣିକି ରାଜ୍ୟରେ ଛୋଟ ଅପରାଧକୁ ଅପରାଧମୁକ୍ତ କରିବା ଏବଂ ବିଶ୍ୱାସଭିତ୍ତିକ ଶାସନ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଅର୍ଥାତ ଅଣ-ଗୁରୁତର ଖିଲାପ ପାଇଁ ଜେଲ୍ ଦଣ୍ଡ ବଦଳରେ ଦେୱାନୀ ଦଣ୍ଡ ବିଧାନ କରାଯିବ। ଉଭୟଙ୍କ ଉପରେ ନିୟାମକ ବୋଝ ଯଥେଷ୍ଟ ହ୍ରାସ ପାଇବ ବୋଲି ରାଜ୍ୟ ସରକାର କହିଛନ୍ତି। ସେହିପରି ରାଜ୍ୟ ସରକାର 'ଓଡ଼ିଶା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ନିୟମ-୨୦୨୫' ପ୍ରଣୟନ ପାଇଁ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଓଡ଼ିଶା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ନିୟମ-୨୦୦୧ ଅନୁଯାୟୀ କରାଯାଉଛି। ଏହି ନିୟମ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ଅଧିନିୟମ, ୧୯୬୯ ଉପରେ ପର୍ଯ୍ୟବସିତ ରହିଛି। ସେହିପରି ଜଳସମ୍ପଦ ବିଭାଗ ପକ୍ଷରୁ ଆଗତ ପ୍ରସ୍ତାବରେ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ, ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା, ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ଆଦିରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ କ୍ୟାବିନେଟ୍ ମୋହର ବାଜିଛି।

**ନଭେମ୍ବରରୁ ଆରମ୍ଭ ହେବ ଖରିଫ ଧାନ କିଣା**

## ଟ୍ରକ୍‌କୁ ଧକ୍କାଦେଇ ୨ ବାଇକ୍ ଚାଳକ ଗୁରୁତର

**ସୋର, ୧୦।୧୦(ସମିସ):** ସୋର ଥାନା ୧୬ ନମ୍ବର ଜାତୀୟରାଜପଥ ଦହିସଡା ନିକଟରେ ଛିଡା ହୋଇଥିବା ଏକ ଟ୍ରକକୁ ଧକ୍କାଦେଇ ଦୁଇ ଜଣ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ସୋର ଥାନା ମାଣିପୁର ପଞ୍ଚାୟତ ହରିଡାଗଡ଼ିଆ ଗ୍ରାମର ରାଜେଶ କୁମାର ନାୟକ(୩୭) ଓ ତାଙ୍କ ଭଣଜା ବେହେରଣପୁର ଗ୍ରାମର ଖଗେଶ୍ୱର ନାୟକ(୨୫) ବାଇକ ଯୋଗେ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ଏହି ସମୟରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇଥିଲେ। ଫଳରେ ଉଭୟ ଗୁରୁତର ଆହତ ହୋବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ମନ୍ଦାରସାହି ପଞ୍ଚାୟତରେ କଂଗ୍ରେସର ଦସ୍ତଖତ ଅଭିଯାନ

**ଭୋଗରାଇ, ୧୦।୧୦(ସମିସ):** ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତରେ ଭୋଟ ଚୋରି ବିରୋଧରେ କଂଗ୍ରେସର ଦସ୍ତଖତ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଭୋଟର ତାଲିକାରେ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଚଞ୍ଚକତା କରି ପ୍ରକୃତ ଭୋଟରମାନଙ୍କ ନାମ ଉଡାଇବା ପାଇଁ କୌଶଳ ବ୍ୟବହାର କରୁଛନ୍ତି। ଏହି ଭୋଟ ଚୋରି ବିରୋଧରେ କଂଗ୍ରେସର ଆଗଧାଡିର ନେତା ରାହୁଲ ଗାନ୍ଧୀଜୀଙ୍କ ଆହ୍ୱାନରେ ଦେଶବ୍ୟାପୀ ଏକ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ସେହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସଙ୍କ ନିର୍ଦ୍ଦେଶନାରେ ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତର ସରପଞ୍ଚ ମମତା ସାହୁଙ୍କ ଦ୍ୱାରା ଦସ୍ତଖତ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ଭାସ୍କର ଚନ୍ଦ୍ର ଗିରି, ସ୍ୱରୁପ ଦାସ, ହରିପଦ ଗିରି, ଅଞ୍ଜଳୀ ବେହେରା, ସୁଭଦ୍ରା ଗିରି, ଅପରାଜିତା ଗିରି, ଜୟନ୍ତୀ ଗିରି, ବିଷ୍ଣୁପ୍ରିୟା ଗିରି ଆଦି ବହୁସଂଖ୍ୟକ କର୍ମୀ ସହଯୋଗ କରିଥିଲେ।

## ବ୍ୟବସାୟୀ ଅଶୋକ ସେନାପତିଙ୍କ ଦେହାନ୍ତ

**ଚନ୍ଦନେଶ୍ୱର, ୧୦।୧୦(ସମିସ):** ଚନ୍ଦନେଶ୍ୱର ବଜାରର ବିଶିଷ୍ଟ ବ୍ୟବସାୟୀ ଅଶୋକ ସେନାପତିଙ୍କ ହୃଦଘାତରେ ମୃତ୍ୟୁ ଘଟିଛି। ହଠାତ ଅସୁସ୍ଥ ହୋଇପଡ଼ିବାରୁ ଲୋକେ ତାଙ୍କୁ ପ୍ରଥମେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ନର୍ସିଂହୋମକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଗ୍ରାମବାସୀ ଓ ଚନ୍ଦନେଶ୍ୱର ବଜାରର ବ୍ୟବସାୟୀମାନେ ଦୋକାନ ବନ୍ଦ ରଖି ଶୋକପ୍ରକାଶ କରିଥିଲେ। ପୁତୁରା ଗଗନ ସେନାପତି ମୁଖାଗ୍ନି ଦେଇଥିଲେ।

## ଧର୍ମପରାୟଣ ମହିଳାଙ୍କ ପରଲୋକ



**ବାଲେଶ୍ୱର/ଭୋଗରାଇ, ୧୦।୧୦(ସମିସ):** ଭୋଗରାଇ ବ୍ଲକ ସୁନାଧରବସାଣ ପଞ୍ଚାୟତ ଉକ୍ତ ଗ୍ରାମର ଧର୍ମପରାୟଣ ମହିଳା ପାର୍ବତୀ ଦଳାଇଙ୍କ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ସେ ପ୍ରାୟ ଦୁଇ ବର୍ଷରୁ ଅଧିକ ଦିନ ଶ୍ୱାସ ରୋଗର ଯନ୍ତ୍ରଣା ଭୋଗୁଥିଲେ। ଏନେଇ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ରେମୁଣାରେ ଆଇସିୟୁରେ ଚିକିତ୍ସିତ ହେଉଥିଲେ। ସ୍ଥିତି ଜଟିଳ ହେବାରୁ କଟକ ବଡ଼ ଡାକ୍ତରଖାନା ଓ ପରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଖବର ପାଇ ସରପଞ୍ଚ ଦିଲ୍ଲୀପ ଦତ୍ତ ଓ ଗ୍ରାମବାସୀଙ୍କ ସହିତ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ଅନ୍ତିମ ସଂସ୍କାର ଗ୍ରାମର ଶ୍ମଶାନରେ ହୋଇଥିବା ବେଳେ ଚାରିପୁଅ ଓ ଜ୍ୱାଇଁ ମୁଖାଗ୍ନି ଦେଇଥିଲେ। ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଶୋକ ପ୍ରକାଶ କରିଛନ୍ତି।

# ହରିପୁର ରାସ୍ତା ପାଲଟିଛି ମରଣଯନ୍ତା

### କଂକ୍ରିଟ ରାସ୍ତା ସହିତ ଡ୍ରେନ୍ ନିର୍ମାଣ ଦାବି



**ଭୋଗରାଇ, ୧୦।୧୦(ସମିସ)**

ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତ ଅଧୀନ ହରିପୁର ଗ୍ରାମର ରାସ୍ତା ମରଣଯନ୍ତା ପାଲଟିଛି। ବାରମ୍ବାର ବ୍ଲକ ପ୍ରଶାସନକୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସୂଚନାଯୋଗ୍ୟ, ହରିପୁର ଗ୍ରାମର ରାସ୍ତା ଦୀର୍ଘ ବର୍ଷ ଧରି ମରଣଯନ୍ତା ପାଲଟିଛି। ରାସ୍ତା ଉପରେ ଗର୍ତ୍ତ ସହିତ ପାଣି ଜମାରହିବା ଫଳରେ ଯିବାଆସିବା ବେଳେ ଲୋକମାନେ ଅସୁବିଧା ଭୋଗୁଛନ୍ତି। ଏହି ରାସ୍ତା ଉପରେ ୩ଟି ପଞ୍ଚାୟତ ଲୋକେ ନିର୍ଭର କରନ୍ତି। ଏହି ରାସ୍ତା ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନମ୍ବର ରାଜ୍ୟ ରାଜପଥର ମଟେଇବାଡ ଠାରୁ ଆରମ୍ଭ ହୋଇ ଦେଉଳା ହାଟ ରାସ୍ତାକୁ ସଂଯୋଗ କରୁଛି। ସେହି ରାସ୍ତାଦେଇ ଛାତ୍ରଛାତ୍ରୀ ଶ୍ରୀକାନ୍ତ ମୋକ୍ଷଦା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ହରିପୁର ଅଙ୍ଗନବାଡି କେନ୍ଦ୍ରକୁ ଯିବା ଆସିବା କରିବାରେ ଦୁର୍ଘଟଣା ଗସ୍ତ ହେଉଛନ୍ତି। ଏହି ରାସ୍ତାକୁ କଂକ୍ରିଟ ଓ ପାଣି ନିଷ୍କାସନ ପାଇଁ ଡ୍ରେନ ପାଇଁ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନକୁ ଆବେଦନ କରିଥିଲେ ମଧ୍ୟ କୈଣସି ସୁଫଳ ମିଳିନାହିଁ। କଂକ୍ରିଟ ରାସ୍ତା ସହିତ ଡ୍ରେନ ନିର୍ମାଣ ପାଇଁ ତୁରନ୍ତ ଗ୍ରାମବାସୀ ଅଶୋକ ଦତ୍ତ, ରଞ୍ଜନ ଦତ୍ତ, ଶ୍ରୀକାନ୍ତ ଦତ୍ତ, ସନାତନ ଦେ, ଶଶାଙ୍କ ଦେ, ପ୍ରଶାନ୍ତ ତ୍ରିପାଠୀ, ଦିଲ୍ଲୀପ ପାଣିଗ୍ରାହୀ, ଗୌରାଙ୍ଗ ବେହେରା, ଦିଲ୍ଲୀପ ଦାସ, ସପନ ଦତ୍ତ, ଅମରେଶ ଦତ୍ତ, ସମରେଶ ଦତ୍ତ, ତପନ ଦତ୍ତ, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଶୀଘ୍ର ପ୍ରଶାସନ ନ କରନ୍ତି ତେବେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**ବାଲେଶ୍ୱର, ୧୦।୧୦(ସମିସ):** ରୋଟାରି କ୍ଲବ ଓ ଲାୟନ୍ସ କ୍ଲବର ମିଳିତ ସହଯୋଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସ୍ୱଚ୍ଛତା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଦର ବିଧାୟକ ମାନସ କୁମାର ଦତ୍ତ, ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁ, ଅତିରିକ୍ତ ଜିଲ୍ଲାପାଳ ସଞ୍ଜୟ ସିଂ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନିଜ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିଲେ ଆମେ ବିଭିନ୍ନ ରୋଗରୁ ରକ୍ଷା ପାଇବା ସହ ସ୍ୱଚ୍ଛ ଏକ ପରିବେଶ ତିଆରି କରି ପାରିବା ବୋଲି କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାତ କୁମାର ବେହେରା କାର୍ଯ୍ୟକ୍ରମରେ ପୌରହିତ କରିଥିଲେ। ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଗିରିଜା ଶଙ୍କର ଦାସ ଉପସ୍ଥିତ କର୍ମଚାରୀ, ମିଶନ ଶକ୍ତିର ସଦସ୍ୟାମାନଙ୍କୁ ଶପଥ ପାଠ କରାଇଥିଲେ। ପରେ ଦସ୍ତଖତ ଅଭିଯାନ ହୋଇଥିଲା। ଏହି ଅବସରରେ ବିଧାୟକ ଓ ପୌରାଧକ୍ଷା ମିଳିତ ଭାବେ ସଚେତନତା ରାଲିକୁ ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଲାୟନ୍ସ କ୍ଲବ ପକ୍ଷରୁ ୫ଟି ଓ ପ୍ରିମିୟର ହୁଣ୍ଡାଇ ପକ୍ଷରୁ ୫ଟି ଡଷ୍ଟବିନ ଚିକିତ୍ସାଳୟକୁ ପ୍ରଦାନ କରାଯାଇଛି ବୋଲି ସଭାପତି ଶିବୁ ପୋଦାର ସୂଚନା ଦେଇଥିଲେ। ଲାୟନ୍ସ କ୍ଲବର ପୂର୍ବତନ ସଭାପତି ଭଗବାନ ଗୁପ୍ତା ଯୋଗଦେଇଥିଲେ। ସେହିପରି ରୋଟାରୀ କ୍ଲବ ପକ୍ଷରୁ ଡାକ୍ତରଖାନା ପରିସରରେ ଚାରାରୋପଣ କରାଯାଇଥିଲା ଏବଂ ନିୟମିତ ଭାବେ ମେଡିକାଲ ପରିସରକୁ କ୍ଲବ ଦ୍ୱାରା ସଫେଇ କରାଯିବ ବୋଲି କ୍ଲବର ସଭାପତି ଦେବାଶିଷ ଦାସ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଏଡିପିଏଚଓ ଡା. ଦୀପକ କୁମାର ନାୟକ, ହସ୍ପିଟାଲର ପ୍ରବନ୍ଧକ ସଚ୍ଚିଦାନନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ। ରୋଟାରୀ କ୍ଲବର ସୁବ୍ରତ କର, କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ସୁଖମୟ ଦାସଙ୍କ ସମେତ ଲାୟନ୍ସ କ୍ଲବର ସମ୍ପାଦକ ବିଷ୍ଣୁ ମାରୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଖଣ୍ଡେଲୱାଲ, ରାଜେଶ ଖଣ୍ଡେଲୱାଲ, ରାଜେନ୍ଦ୍ର ଗୁପ୍ତା, ମଧୁସୂଦନ ହୋତା, ଅଶୋକ କୁମାର ଖଣ୍ଡେଲୱାଲ, ରାଜ କୁମାର ଖଣ୍ଡେଲୱାଲ, ଅଫିସ ସହାୟକ ଦେବବ୍ରତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଫଳ କରାଇବାରେ ବିନୀତ ସିଂହ, ଦେବାଶିଷ ଜେନା, ଜ୍ୟୋତିର୍ମୟ ତ୍ରିପାଠୀ, ଅରୁଣ ପାତ୍ର ଗୁରୁବାରୀ ସେଠୀ ରଞ୍ଜିତା ଦାସ ପ୍ରମୁଖ ସହଯୋଗ କରିଥିଲେ।




## ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ



**ସୋର, ୧୦।୧୦(ସମିସ):** ସୋର ତହସିଲ ପକ୍ଷରୁ ଅନନ୍ତପୁର ବଜାରରୁ ଜବରଦଖଲକୁ ଉଚ୍ଛେଦ କରାଯାଇଛି। ପୂର୍ତ୍ତ ବିଭିଗ ପକ୍ଷରୁ ଏହି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ କରାଯାଉଥିବା ବେଳ ଦୀର୍ଘଦିନ ଧରି ଏହି ବଜାର ନିକଟରେ ଜବରଦଖଲ କାରଣରୁ ରାସ୍ତାକାମରେ ସମସ୍ୟା ଉପୁଜିଥିଲା। ଏବାବଦରେ ଅଭିଯୋଗ ହେବା ପରେ ସୋର ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଥିଲା। ଶୁକ୍ରବାର ମଧ୍ୟାହ୍ନରେ ସୋର ତହସିଲଦାର ଦୈତାରୀ ମଲ୍ଲିକ ସୋର ପୁଲିସ ସହଯୋଗରେ ଏହି ଜବରଦଖଲକୁ ଉଚ୍ଛେଦ କରିଥିଲେ। ଏହି ସମୟରେ ୧୫ରୁ ଅଧିକ ଦୋକାନ ଓ ଦୁଇଟି ଘରର ପାଚେରୀ ଭଙ୍ଗାଯାଇଥିଲା।

## ବାଲେଶ୍ୱର ଷ୍ଟେସନ୍‌ରେ ସ୍ୱଚ୍ଛତା ପକ୍ଷ ପାଳନ ଅଭିଯାନ



**ବାଲେଶ୍ୱର, ୧୦।୧୦(ସମିସ):** ସ୍ୱଚ୍ଛତା ପକ୍ଷ ପାଳନ ଅଭିଯାନର ଅଂଶ ଭାବେ 'ସ୍ୱଚ୍ଛ ଆହାର' ବିଷୟ ଉପରେ ବିଶେଷ ସଫା-ସୁତୁରା ଅଭିଯାନ ଖଡଗପୁର ବିଭାଗର ସମସ୍ତ ପ୍ରମୁଖ ଷ୍ଟେସନ୍‌ରେ ଆୟୋଜିତ ହୋଇଯାଇଛି। ଯେଉଁଥିରେ ବାଲେଶ୍ୱର ଷ୍ଟେସନ୍ ଅନ୍ତର୍ଭୁକ୍ତ ଥିଲା। ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଷ୍ଟେସନ୍ ପରିସର ଓ ତାହାର ଚାରିପାଖରେ ଥିବା କ୍ୟାଣ୍ଟିନ୍, ବେସ୍ କିଚେନ୍, ଖାଦ୍ୟ ଦୋକାନ ଓ କ୍ୟାଟରିଂ ୟୁନିଟ୍‌ଗୁଡିକର ସ୍ୱଚ୍ଛତା ଓ ସୁସ୍ଥତା ସୁନିଶ୍ଚିତ କରିବା। ରାନ୍ଧଣାସ୍ଥଳ, ବାସନ୍ ଧୋଇବା ସ୍ଥାନ ଓ ଆବର୍ଜନା ପକାଇବା ସ୍ଥାନର ପରିଚ୍ଛନ୍ନତା ଯାଞ୍ଚ କରାଯାଇ ସ୍ଥାୟୀ ସ୍ୱଚ୍ଛତା ମାନକକୁ ଉନ୍ନତ କରାଯାଇଛି। ଖାଦ୍ୟ ବ୍ୟବସାୟୀ, ରାନ୍ଧୁଣିଆ ଓ କ୍ୟାଣ୍ଟିନ୍ କର୍ମଚାରୀଙ୍କୁ ବ୍ୟକ୍ତିଗତ ସ୍ୱଚ୍ଛତା ରକ୍ଷା ବିଷୟରେ ମଧ୍ୟ ସଚେତନ କରାଯାଇଥିଲା ଏବଂ ସେମାନଙ୍କୁ ସଫାସୁତୁରା ଓ ଚିକିତ୍ସା ଯାଞ୍ଚ ଶିବିରରେ ମଧ୍ୟ ସମ୍ମିଳିତ କରାଯାଇଥିଲା। ଏହାଛଡ଼ା ଆବର୍ଜନା ବିଭାଜନର ଗୁରୁତ୍ୱ ବିଷୟରେ ସଚେତନତା ଅଧିବେଶନ ଆୟୋଜିତ ହୋଇଥିଲା। ଆବର୍ଜନା ପରିଚାଳନା ପାଇଁ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପାଇଁ ଅଲଗା ଅଲଗା ଡଷ୍ଟବିନ୍ ପ୍ରଦାନ କରାଯାଇଥିଲା।

## ଫସିଲା ଲକ୍ଷ୍ମୀବସ୍: ଦୁଇଘଣ୍ଟା କାଳ ହଟହଟା କର୍ମଚାରୀ

**ସୋର, ୧୦।୧୦(ସମିସ):** ସୋର ବ୍ଲକରେ ଲକ୍ଷ୍ମୀବସ ଯୋଜନାରେ ସରକାରଙ୍କ ପକ୍ଷରୁ ଚାରୋଟି ବସ୍‌ରେ ସମସ୍ତ ପଞ୍ଚାୟତକୁ ସେବା ଯୋଗାଯାଉଛି। ଶୁକ୍ରବାର ସନ୍ଧ୍ୟାରେ ଆଟପୁରକୁ ଯାଇଥିବା (ଓଡି୦୧ଏଏକ୍ସ ୭୫୩୫)ବସ୍‌ଟି ଫେରିବା ସମୟରେ ଏକ ଗାତରେ ଚକ ଫସିଯିବାରୁ ଗାଡିଟି ସେଠାରେ ଅଟକି ରହିଥିଲା। ବସ୍‌ରେ ଥିବା ଯାତ୍ରୀ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହୋଇଥିବା ବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ବସ୍ କର୍ମଚାରୀମାନେ ହଟହଟା ହୋଇଥିଲେ। ଦୀର୍ଘ ଦୁଇଘଣ୍ଟା ପରେ ଗାଡିଟିକୁ ବାହାର କରାଯାଇଥିଲା। ବସ୍‌ର ଡ୍ରାଇଭର ଜଣଙ୍କ ମଦ୍ୟପାନ କରି ଗାଡି ଚଳାଉଥିବାରୁ ଏପରି ଘଟିଥିବା କିଛି ଲୋକ ଅଭିଯୋଗ କରିଥିଲେ। ଏନେଇ ବ୍ଲକ ସୁପରଭାଇଜର ମମତା ଜେନାଙ୍କୁ ପଚାରିବାରୁ ସେ ଡ୍ରାଇଭର ପୂର୍ବରୁ ମଦ୍ୟପାନ କରୁଥିଲେ। ମାତ୍ର ଆଜି କୌଣସି ମଦ୍ୟପାନ କରିନଥିବା କହିଛନ୍ତି।

## ଚୋର ସନ୍ଦେହରେ ଯୁବକଙ୍କୁ ଧରି ପୁଲିସ ଜିମାଦେଲେ ଗ୍ରାମବାସୀ

**ସୋର, ୧୦।୧୦(ସମିସ):** ସୋର ପୌରପାଳିକା ଅଧୀନ କମରପୁର ଧଡ଼ାସାହି ଗ୍ରାମରେ ଚୋର ସନ୍ଦେହରେ ଜଣେ ଯୁବକକୁ ଗଛରେ ବାନ୍ଧି ସୋର ପୁଲିସକୁ ଜିମା ଦେଇଛନ୍ତି। ସୂଚନାନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଜଣେ ଅଣଓଡ଼ିଆ ଯୁବକ ଗ୍ରାମ ମଧ୍ୟରେ ଇତଃତସ୍ତ ଅବସ୍ଥାରେ ବୁଲୁଥିଲେ। ତାଙ୍କୁ ଗ୍ରାମବାସୀ ପଚାରିବାରୁ ସେ ସେଠାରୁ ଖସି ପଳେଇ ଯିବାକୁ ଚେଷ୍ଟା କରି ନିକଟସ୍ଥ ଏକ ଜଙ୍ଗଲିଆ ସ୍ଥାନରେ ପଶି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରୁଥିବା ବେଳେ ଅନ୍ୟ ଜଣେ ଯୁବକ ବାଇକରେ ତାଙ୍କୁ ଖୋଜିବାକୁ ଆସିଥିଲେ। ଏହି ସମୟରେ ଗ୍ରାମବାସୀ ତାଙ୍କୁ ପଚାରିବାରୁ ସେ ମଧ୍ୟ ସେଠାରୁ ଚତୁରତାର ସହିତ ଖସି ପଳେଇ ଯାଇଥିଲେ। ଫଳରେ ଗ୍ରାମବାସୀଙ୍କର ସନ୍ଦେହ ବଢ଼ି ଯାଇଥିଲା। ସେଥିପାଇଁ ଯୁବକ ଜଣଙ୍କୁ ଖୋଜାଖୋଜି କରି ପାଇବା ପରେ ତାଙ୍କୁ ଏକ ଗଛରେ ବାନ୍ଧି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ସୋର ଥାନାକୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି।






# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ




**ଜଳେଶ୍ୱର, ୧୦।୧୦(ସମିସ)**

ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜ ନନ୍ଦିକା ଜଳେଶ୍ୱର ଓ ତାଲୁକ ଆଇନସେବା ସମିତି, ଜଳେଶ୍ୱର ମିଳିତ ସହଯୋଗରେ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ସଭାଗୃହରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସାଧାରଣ ସଭାରେ ଅତିରିକ୍ତ ଜିଲ୍ଲା ବିଚାରପତି ଅଜୟ କୁମାର ସାମଲ ସଭାପତିତ୍ୱ କରିବା ସହ ପ୍ରଭୁ ଜଗନ୍ନାଥଙ୍କ ପାଦପଦ୍ମରେ ପୁଷ୍ପାର୍ଘ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ମାନସିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରହିଲେ ଯଥା ସମ୍ଭବ ଆମେ ସୁସ୍ଥ ଓ ଶାନ୍ତିରେ ରହିପାରିବା ବୋଲି ଶ୍ରୀ ସାମଲ ଉଦ୍‌ବୋଧନ ଦେଇଥିଲେ। ପରେ ଅନ୍ୟତମ ଅତିଥି ଭାବରେ ବରିଷ୍ଠ ଦେୱାନୀ ବିଚାରପତି ନିଶା ସାମଲ, କନିଷ୍ଠ ଦେୱାନୀ ବିଚାରପତି ସୁସ୍ମିତା ରଥ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଦେବଶ୍ରୀ ଦାସ, ବାର୍ ଆସୋସିଏସନ ଜଳେଶ୍ୱର ପୂବତନ ସଭାପତି ଚିନ୍ମୟ କୁମାର ଦାସ, ଅନୁଷ୍ଠାନର ସହ-ସମ୍ପାଦକ ସୁନୀଲ କୁମାର ନାୟକ ପ୍ରମୁଖ ବିଶ୍ୱାସ ମାନସିକ ସ୍ୱାସ୍ଥ୍ୟ ଦିବସର ତାତ୍ପର୍ଯ୍ୟ ସହିତ ସୁସ୍ଥ ସମାଜ ଗଠନରେ ମାନସିକ ସ୍ୱାସ୍ଥ୍ୟର ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହିପରିପ୍ରେକ୍ଷୀରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରମାକାନ୍ତ ଭଞ୍ଜ, ଦିଲ୍ଲୀପ କୁମାର ଗିରି ଓ କୋଷାଧ୍ୟକ୍ଷ ସମରେଶ ଡିଣ୍ଡା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏଥିସହିତ ମାନସିକ ସ୍ୱାସ୍ଥ୍ୟନେଇ ସମାଜରେ ଉପୁଜୁଥିବା ସମସ୍ୟା ଓ ତାହାର ନିରାକରଣ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ତାଲୁକ ଆଇନସେବା ସମିତିର ସଦସ୍ୟ ସୁନୀଲ କୁମାର ଜେନା ମଞ୍ଚ ଆହ୍ୱାନସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଇଜାକ ପରିଡ଼ା, ତାଲୁକ ଆଇନ ସେବା ସମିତିର ସମସ୍ତ ସଦସ୍ୟ ତଥା ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଜୟ କୁମାର ମହାପାତ୍ର, ଶିକ୍ଷୟିତ୍ରୀ ଧରିତ୍ରୀ ରାଣୀ ଦେ, ମିନା ବେହେରା, ଥେରାପିଷ୍ଟ ନିରୁପମା ମହାନ୍ତି, ପୂଜାରାଣୀ ଦେ, ଆଶିଷ ମହାପାତ୍ର, ସହାୟକ ଗୌରୀଶଙ୍କର ପ୍ରଧାନ, ନନ୍ଦନ କୁମାର ଦେ ଓ ସହାୟିକା ଚିନାରାଣୀ ଦେ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ସମ୍ପାଦକୀୟ



ଯଦି ଶୀଘ୍ର ଚାଲିବାକୁ ଚାହୁଁଛ ତେବେ ଏକୁଟିଆ ଚାଲ; ଯଦି ବହୁଦୂର ବାଟ ଯିବାର ଅଛି ତେବେ ସାଥୀମାନଙ୍କୁ ସାଙ୍ଗରେ ନେଇ ଚାଲ।
-ରତନ ଟାଟା

ସକାଳ
THE SAKALA

## ଆଉ ଢିଲା ଦିଅନି, ବାନ୍ଧ

ପୁଲିସ ମହାନିର୍ଦ୍ଦେଶକଙ୍କୁ ଏବେ ବିଶୃଙ୍ଖଳା ସୃଷ୍ଟିକାରୀ ଓ ଅସାମାଜିକ ତତ୍ତ୍ୱଙ୍କୁ ବାନ୍ଧିବା ପାଇଁ ନିର୍ଦ୍ଦେଶ ମିଳିଛି। ଇଏ ବି ଠିକ୍ କଥା। ନହେଲେ ଆମ ରାଜ୍ୟରେ ଭୁଷୁଡ଼ି ପଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ଏତେ ସହଜ ହେବନି। କ୍ଷମତାକେନ୍ଦ୍ର ପ୍ରତି ଲୋକେ ଆଙ୍ଗୁଠି ଉଠାଇବା ଆରମ୍ଭ କଲେଣି। ହେଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଏମାନଙ୍କୁ ନବାନ୍ଧିବା ସକାଶେ ଆଗରୁ କ'ଣ ଗୋପନ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଏବେ ବାନ୍ଧିବାକୁ ନିର୍ଦ୍ଦେଶ ଦେବା ପାଇଁ ବାଧ୍ୟବାଧକତା ଉପୁଜିଲା? ବିଶୃଙ୍ଖଳା ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବାରୁ ସରକାରଙ୍କୁ ଏହି ସୀମିତ ସମୟ ମଧ୍ୟରେ ତିନି ତିନି ଥର ସାନ୍ଧ୍ୟ ଆଇନ ଜାରି କରିବାକୁ ପଡ଼ିଛି। ଆମ୍ଭମାନଙ୍କ ଓ ଆମମାନଙ୍କର ଘଟଣା ରାଜ୍ୟବାସୀଙ୍କୁ ଏଭଳି ବିଚଳିତ କରିପକାଇଲାଣି ଯେ ସରକାର ବ୍ୟବସ୍ଥାକୁ ସୁଧାରି ନପାରି କେବଳ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରି ନିଶ୍ଚିନ୍ତ ହୋଇଯାଉଛନ୍ତି। ଅଥଚ ଘଟଣାର ଅନୁସନ୍ଧାନ ରିପୋର୍ଟ ଓ ଟାର୍ଗେଟ ବାହାରେ ଅକ୍ଷମତାର ନିକମ୍ମା ପ୍ରତି ଧ୍ୟାନ ନ ଦେବାରୁ ଅପରାଧ ବଢ଼ିଚାଲିଛି। ଧର୍ଷଣ ଘଟଣା ଦିନକୁ ଦିନ ସାମାଜିକ କ୍ରମ କରୁଥିବାରୁ ମହିଳା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେବେ ଏହି ବାନ୍ଧିବା ନିର୍ଦ୍ଦେଶରୁ ପୁଲିସର ନ ପାରିବା ପଣିଆ ବାରି ହୋଇପଡୁଛି।

ନିକଟରେ ୨୦୨୩ର ଏନସିଆରବି ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ସାମଗ୍ରିକ ଭାବେ ଦେଶର ଅପରାଧ ଚିତ୍ର ଓ ଚରିତ୍ର ସଂକ୍ରାନ୍ତ ଠୋସ୍ ଆକଳନ କୁହାଯାଇପାରେ। ଠିକ ଠିକ ହିସାବ କଲେ ଦେଶର ଅପରାଧ ହାର ପ୍ରତି ଲକ୍ଷ ନାଗରିକ କ୍ଷେତ୍ରରେ ୪୪୮.୩ ପହଞ୍ଚିଛି। ଦେଶରେ ପଞ୍ଜିକୃତ ହୋଇଥିବା ଆପରାଧିକ କାର୍ଯ୍ୟକଳାପ ସଂଖ୍ୟା ୬.୪ ନିୟୁତ ଏବଂ ଏହା ପୂର୍ବବର୍ଷ ତୁଳନାରେ ୭.୨ ପ୍ରତିଶତ ଅଧିକ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଦେଶର ସହରାଞ୍ଚଳର ଅପରାଧ ସଂଖ୍ୟା ସୀମା ଅତିକ୍ରମ କରିଛି। ଗତ ବର୍ଷ ପୂର୍ବବର୍ଷ ତୁଳନାରେ ସହରାଞ୍ଚଳ ଅପରାଧ ସଂଖ୍ୟା ୧୦.୬ ପ୍ରତିଶତ ବଢ଼ିଛି। ଜାତୀୟସ୍ତରରେ ହାରାହାରି ପ୍ରତି ୫ ସେକେଣ୍ଡରେ ଗୋଟିଏ ଅପରାଧ ଘଟୁଛି। ମହିଳାଙ୍କ କ୍ଷେତ୍ରରେ ଅସୁରକ୍ଷିତ ପରିବେଶ ସବୁଠାରୁ ଅଧିକ ଚିନ୍ତାଜନକ। ଦେଶର ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୬୬.୭ ଜଣ ଅପରାଧିକ କାର୍ଯ୍ୟକଳାପର ସମ୍ମୁଖୀନ ହେଉଛନ୍ତି। ବିଗତ ୧୨ ବର୍ଷ ମଧ୍ୟରେ ମହିଳାବିରୋଧୀ ଅପରାଧ ତିନିଗୁଣ ବଢ଼ିଛି। ଦିଲ୍ଲୀ ଓ ତେଲେଙ୍ଗାନାରେ ମହିଳା ସବୁଠାରୁ ଅଧିକ ଅସୁରକ୍ଷିତ। ଏହି ଦୁଇ ରାଜ୍ୟରେ ପ୍ରତି ୧ ଲକ୍ଷ ମହିଳାଙ୍କ କ୍ଷେତ୍ରରେ ଯଥାକ୍ରମେ ୧୩୩.୩ ଓ ୧୨୪ ଅପରାଧର ସମ୍ମୁଖୀନ ହୋଇଛନ୍ତି। ଗତ ଦଶବର୍ଷ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ମହିଳା ନିଜକୁ ସବୁଠାରୁ ଅଧିକ ଅସୁରକ୍ଷିତ ମଣୁଛନ୍ତି। ସେମାନଙ୍କ ଉପରେ ଅପରାଧ ହାର କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି।

ରିପୋର୍ଟର ନିର୍ଯ୍ୟାସ ହେଉଛି, ସାମାଜିକ ପରିବେଶରେ ପରିବର୍ତ୍ତନ ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ଆସ୍ଥା ବଢ଼ିଥିବାରୁ ମହିଳା ନିରବ ନ ରହି ସେମାନେ ସମ୍ମୁଖୀନ ହେଉଥିବା ଉତ୍ପୀଡ଼ନ ସଂପର୍କରେ ଆଗାମୀରେ ରିପୋର୍ଟ କରୁଛନ୍ତି। ସେହିଭଳି ସହରାଞ୍ଚଳରେ ବଢ଼ିଚାଲିଥିବା ଅପରାଧିକ କାର୍ଯ୍ୟକଳାପ ଓ ସାଇବର ଅପରାଧ ଚିନ୍ତାଜନକ। ଏହାକୁ ପରିବର୍ତ୍ତିତ ପରିସଂଖ୍ୟାନର ଅସଲ କାରଣ ବୋଲି ଦର୍ଶାଯାଇଛି। ୨୦୨୩ ପରେ ଘଟଣାକ୍ରମ ସୁଧୁରିବା ପରିବର୍ତ୍ତେ ଅଧିକ ବିଗୁଡ଼ୁଥିବାର ପରିଲକ୍ଷିତ ହେଉଛି। ତେଣୁ ଏନସିଆରବି ରିପୋର୍ଟରେ ଯେଉଁ ପରିସଂଖ୍ୟାନ ଉପସ୍ଥାପନ କରାଯାଇଛି ତାହା ନିଶ୍ଚିତ ଚିନ୍ତା ଉଦ୍ରେକକାରୀ। ●

## ଅଳିକ ଅହଂକାର

ଡୋନାଲ୍ଡ ଟ୍ରମ୍ପଙ୍କ କୋଳାଶ୍ରିତ ହେବା ପରେ ପାକିସ୍ତାନ ନେତାମାନେ ହଠାତ୍ ମୁଖର ହୋଇପଡ଼ିଛନ୍ତି। ଆମେରିକା ପରେ ସାଉଦୀ ଆରବ ସହ ସୁସଂପର୍କକୁ ଏକ କୂଟନୈତିକ ସଫଳତା ରୂପେ ବିଚାର କରି ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖାଜା ଆସିଫ ଯେଉଁ ଭାରତ ବିରୋଧୀ ବିବୃତି ଦେଇଛନ୍ତି ତାହାର ସୁଦୂରପ୍ରସାରୀ ପ୍ରଭାବ ନେଇ ଏପର୍ଯ୍ୟନ୍ତ ଅନିଶ୍ଚିତ ଥିବା ମନେହୁଏ। 'ଅପରେସନ ସିନ୍ଦୂର'ର ପରିଣତି ଓ ପରାଭବରୁ ନିଜକୁ ମୁକ୍ତ କରି ନଥିବା ପାକ୍‌ନେତାମାନେ ଆଭ୍ୟନ୍ତରୀଣ କନ୍ଦଳ ଓ ଆତଙ୍କୀ କାର୍ଯ୍ୟକଳାପରେ ବ୍ୟସ୍ତ ଓ ବିବ୍ରତ। ବେଲୁଚିସ୍ତାନ ଓ ଖାଇବରପଖ୍‌ତୁନଖ୍ୱା ପ୍ରଦେଶରେ ବିଦ୍ରୋହୀଙ୍କୁ ଜବତ କରିବାରେ ପାକ୍ ସେନାଙ୍କ ଅସାମର୍ଥ୍ୟ ପଦାରେ ପଡ଼ି ଯାଇଛି। ଦେଶର ସମଗ୍ର ଶାସନତନ୍ତ୍ର ସେନାବାହିନୀ ନିୟନ୍ତ୍ରଣରେ ଥିବାରୁ ସେମାନଙ୍କ ଇଙ୍ଗିତରେ ନେତାମାନେ ଭାରତ ବିରୋଧରେ ଯୁଦ୍ଧ ପ୍ରସ୍ତୁତ ନେଇ ଅପରିଣାମଦର୍ଶୀ ବୟାନ ଆରମ୍ଭ କରିଛନ୍ତି। ଆସିଫ୍ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନରେ ଐକ୍ୟ ଓ ସଂହତି ପ୍ରତିଷ୍ଠାରେ ଏହା ସହାୟକ ହୋଇଆସିଛି। ଏଥିରୁ ସ୍ପଷ୍ଟ ଯେ ପାକ୍ ସୈନ୍ୟଙ୍କ କ୍ରମାଗତ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ବିଚ୍ଛିନ୍ନତାବାଦୀ ଆତଙ୍କୀଙ୍କ ଉପଦ୍ରବ ନିୟନ୍ତ୍ରଣ ହୋଇପାରିନାହିଁ। ତେଣୁ ବିଚଳିତ ଓ ବିବ୍ରତ ସେନାଧ୍ୟକ୍ଷଙ୍କ ବିରୋଧରେ ଦେଶବାସୀଙ୍କ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

ସମୟର ଆବଶ୍ୟକତା ଦୃଷ୍ଟିରୁ ଅସ୍ଥାୟୀ ଓ କାମଚଳା କୂଟନୈତିକ ସଂପର୍କ ନେଇ ଆଶାର ପିରାମିଡ୍ ଗଢ଼ିବାରେ କାହାକୁ ମନା ନାହିଁ। ଗାଜା ପ୍ରସଙ୍ଗକୁ କେନ୍ଦ୍ରକରି ଆରବ ରାଷ୍ଟ୍ରଙ୍କ ମଧ୍ୟରେ ନୂଆ ଅଙ୍କ କଷିବା ଆରମ୍ଭ ହୋଇଥିବା ବେଳେ ସାଉଦୀ ନେତୃତ୍ୱର ପାକିସ୍ତାନ ଉପରେ ନିର୍ଭରଶୀଳତା ଯେ ଅଧିକ ତାହା ଜଳଜଳ ଦୃଶ୍ୟମାନ ହେଉଛି। ଅନ୍ୟପକ୍ଷରେ ଚୀନ ସହ ପାକିସ୍ତାନ ସଂପର୍କର ଗଭୀରତା ନିକଟରେ ଟ୍ରମ୍ପ ଯେ କେତେବେଳେ ପଛଘୁଞ୍ଚା ଦେବେ ତାହାର କିଛି ଠିକଣା ନାହିଁ। ଏସିଆ କପ ରାଜନୀତିରେ ପାକିସ୍ତାନ ଯେପରି ଅପଦସ୍ତ ହୋଇଛି ତାହା କ୍ରିକେଟ ସହ ସଂଶ୍ଳିଷ୍ଟ କୂଟନୈତିକ ସଂପର୍କରେ ପ୍ରତିବନ୍ଧକ ହୋଇଛି। ଏହି କ୍ରିକେଟ୍ ରାଜନୀତି ସହ ପାକିସ୍ତାନ ଅର୍ଥମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ଜଡିତ ଥିବାରୁ ତାହା ସରକାରଙ୍କ ସକାଶେ ଅଧିକ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି। ଏସବୁକୁ ବିଚାର କଲେ ଆସିଫ୍‌ଙ୍କ ଅହଙ୍କାର ଯେ କେତେ ଅଳିକ ତାହା ସହଜରେ ଅନୁମାନ କରାଯାଇପାରେ।

ଆଫଗାନିସ୍ତାନ ସୀମାବର୍ତ୍ତୀ ଖାଇବରପଖ୍‌ତୁନଖ୍ୱା ପ୍ରଦେଶରେ ସକ୍ରିୟ ଟିଟିପି ଆତଙ୍କବାଦୀ ଗୋଷ୍ଠୀ ବିରୋଧରେ ପାକ ସରକାର ନିଷେଧାଦେଶ ଜାରି କରିଥିଲେ ମଧ୍ୟ ସେମାନଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇ ପାରିନାହିଁ। ବୁଧବାରର ସାମରିକ କାର୍ଯ୍ୟାନୁଷ୍ଠାନରେ ୧୯ ଟିଟିପି କାର୍ମୀ ନିହତ ହୋଇଥିଲେ ମଧ୍ୟ ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଓ ଜଣେ ମେଜରଙ୍କ ସମେତ ୧୧ ଜଣଙ୍କୁ ହରାଇଛି ସେନାବାହିନୀ। ଏହି ପ୍ରଦେଶର ନେତୃତ୍ୱ ପୂର୍ବତନ ପ୍ରଧାନମନ୍ତ୍ରୀ ଇମରାନ ଖାଁଙ୍କ ପାକିସ୍ତାନ ତେହେରିକ ଇ ଇନସାଫ ଦଳ ହାତରେ ରହିଛି। ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଅଲ୍ଲି ଅମିନ ଗଣ୍ଡପୁରଙ୍କୁ ସ୍ଥାନରେ ମହମ୍ମଦ ସୋହେଲ ଆଫ୍ରିଦିଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଦଳ ଅବସ୍ଥାପିତ କରିଛି। ଅନ୍ୟପକ୍ଷରେ ବେଲୁଚିସ୍ତାନ ଉପକୂଳରେ ଗ୍ୱାଦର ବନ୍ଦର ନିକଟରେ ଆଉ ଏକ ବନ୍ଦର ପ୍ରତିଷ୍ଠା ସକାଶେ ଆମେରିକାକୁ ପ୍ରସ୍ତାବ ଦେଇ ପାକିସ୍ତାନ ଉଭୟ ବିଦ୍ରୋହୀ ବିଏଲଓ ଏବଂ ଚୀନ ଅସନ୍ତୋଷର କାରଣ ହୋଇଛି। ଏଭଳି ପ୍ରତିକୂଳ ପରିସ୍ଥିତିରେ ପାକ୍ ନେତାଙ୍କ ମିଛ ଅହଂକାର କାହିଁକି? ●

# ଓଡ଼ିଶାର ବିକାଶ ଓ ସୁସମ୍ପନ୍ନ ସହରୀକରଣ

ଡ. ପିୟୁଷ ରଞ୍ଜନ ରାଉତ

ବିଶ୍ୱର ନିରନ୍ତର ବିକାଶଯାତ୍ରାରେ ଆଧୁନିକ ସହର ଯୋଜନା ଏକ ଅପରିହାର୍ଯ୍ୟ ଅଙ୍ଗ। ସାମ୍ପ୍ରତିକ ବିବିଧତା ଭରା ଆହ୍ୱାନରେ ସହରର ଆକାର ବଢ଼େଇବା ଅପେକ୍ଷା ସ୍ୱଳ୍ପ ସମୟ ମଧ୍ୟରେ ବିକଶିତ କରିବାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ 'ପନ୍ଦର ମିନଟ ସହର ଯୋଜନା' ଏକ ସୁନ୍ଦର ପରିକଳ୍ପନା। ପନ୍ଦର ମିନିଟ ସହର ଯୋଜନାର କେନ୍ଦ୍ରବିନ୍ଦୁ ହେଉଛି, ଦୈନନ୍ଦିନ ଜୀବନରେ ମଣିଷର ଜୀବନଶୈଳୀରେ ଯାହା ଆବଶ୍ୟକ, ଯେପରି ପନ୍ଦର ମିନଟ ଦୂରତ୍ୱ ମଧ୍ୟରେ ତାହା ମିଳିପାରୁଥିବ। ଜଣେ ସାଇକେଲ ଚଳାଇ କିମ୍ବା ଚାଲିକି ଯାଇ ଆଣି ପାରୁଥିବ। ଯେତେବେଳ ଦୂର ଜାଗାକୁ ଯାତ୍ରା କରିବାର ଥିବ ସେତେବେଳେ ସର୍ବସାଧାରଣ ପାଇଁ ଉଦିଷ୍ଟ ବସ ପରିବହନ ବ୍ୟବହାର କରିପାରିବେ ଅବା ନିଜର କାର ବ୍ୟବହାର କରିପାରିବେ। ଏହା ଲୋକମାନଙ୍କ ପାଇଁ ଏକ ବନ୍ଧୁତ୍ୱପୂର୍ଣ୍ଣ ଭାଇଚାରାର ସହର ସୃଷ୍ଟି କରିବ। ପରିସ୍ଥିତିକୁ ବଦଳାଇ ପାରିବାର ଦକ୍ଷତା ରଖିଥିବ। ଅଧିବାସୀଙ୍କର ଆବଶ୍ୟକତା ଅନୁସାରେ ଯୋଜନା ପ୍ରସ୍ତୁତ ହେବ। ଫଳସ୍ୱରୂପ ଗୋଟିଏ ସହର ମଧ୍ୟରେ ଅନେକ ଆତ୍ମନିର୍ଭରଶୀଳ ସହର ଗଢ଼ିଉଠିବ।

ଶିଳ୍ପ ବିପ୍ଳବ ପରେ ଏବଂ କାର ଉଦ୍ଭାବନ ପରେ ଯେଉଁ ସହର ଯୋଜନା ପ୍ରସ୍ତୁତ ହେଉଥିଲା, ତାହା କେବଳ ଧନୀ ଓ ଗରିବ ମଧ୍ୟରେ ଦୂରତ୍ୱ ସୃଷ୍ଟି କରୁଥିଲା। ସହର ମଧ୍ୟରେ ବାସସ୍ଥାନ, କର୍ମକ୍ଷେତ୍ର, ଶିଳ୍ପ, ବାଣିଜ୍ୟ ପାଇଁ ଅଲଗା ଅଲଗା ସ୍ଥାନ ନିରୂପଣ ହେଉଥିଲା, ଯାହା ସହରକୁ ଖଣ୍ଡବିଖଣ୍ଡ କରିଦେଉଥିଲା। ତେଣୁ ସମୟକ୍ରମେ ପନ୍ଦର ମିନିଟର ସହରୀ ଯୋଜନା ପରିକଳ୍ପନା କରାଗଲା।

ଆଜିର ସହରୀକରଣର ମୁଖ୍ୟ ଆହ୍ୱାନ ହେଉଛି ସହରାଞ୍ଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିହତ କରିବା ଲାଗି ସ୍ଥାନୀୟ ଯୋଜନା ଏବଂ ତା'ର ସଫଳ ରୂପାୟନ। ଆମେ ବର୍ତ୍ତମାନ ଏପରି ଏକ ସହରୀ ସଭ୍ୟତାରେ ବସବାସ କରୁଛେ, ଯାହାକୁ ସହର ଶତାବ୍ଦୀ ବୋଲି କହିବାରେ ଦ୍ୱିଧା ନାହିଁ। ମିଳିତ ଜାତିସଂଘର ଭବିଷ୍ୟତ ଚିନ୍ତାଧାରା ଅନୁସାରେ ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱରେ ୭୦% ଲୋକ ସହରରେ ବସବାସ କରିବେ। ସହରୀକରଣ ବିଶ୍ୱର ବହୁଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ବଡ଼ ଭୂମିକା ଗ୍ରହଣ କରିଛି। ଆପାତତଃ ବିଶ୍ୱର ୭୫% ଅର୍ଥନୀତିର ଆଦାନ ପ୍ରଦାନ ସହର ମଧ୍ୟରେ ଘଟିଥାଏ, ଯାହାକି ବହୁତ ଲୋକଙ୍କୁ ଗରିବ ସୀମା ରେଖାରୁ ଉପରକୁ ଉଠେଇବାରେ ସହାୟକ ହୋଇଛି। ସହରୀକରଣରେ ଅଧିକ ପ୍ରାକୃତିକ ସମ୍ବଳ ବ୍ୟବହାର ହୋଇଥାଏ। ବିଶ୍ୱର ୩% ସ୍ଥାନ ସହର ପାଇଁ ବ୍ୟବହୃତ ହୁଏ। ସେହିପରି ବିଶ୍ୱର ୬୦% ସହର ଅଧିବାସୀ ଏହାର ୭୫% ସମ୍ବଳ ବ୍ୟବହାର କରିଥା'ନ୍ତି। ସହରରେ ବସବାସ କରୁଥିବା ଲୋକ ବିଶ୍ୱର ଦୁଇ-ତୃତୀୟାଂଶ ଶକ୍ତି ବ୍ୟବହାର କରିଥା'ନ୍ତି, ଯାହା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଆଗାମୀ ଦିନରେ ଏହି ଆହ୍ୱାନର ମୁକାବିଲା କରିବା ପାଇଁ ସହରଗୁଡ଼ିକୁ ଏକ ଉନ୍ନତଶୈଳୀରେ ପରିବେଶ ସୁରକ୍ଷିତ କରି ଗଢ଼ିବାକୁ ପଡ଼ିବ।

ଭାରତ ଏକ ବୃହତ ସହରୀକରଣ ଦିଗରେ ଅଗ୍ରସର। ୨୦୩୦ସୁଦ୍ଧା ସମ୍ଭବତଃ ୩୫୦ ନିୟୁତ ଜନସଂଖ୍ୟା ସହରରେ ବସବାସ କରୁଥିବେ ଏବଂ ୨୦୫୦ ବେଳକୁ ଏହା ୭୦୦ ନିୟୁତରେ ପହଞ୍ଚିବ। ସେହିଭଳି ଓଡ଼ିଶାର ଜନସଂଖ୍ୟାର ୧୭% ଲୋକେ ବର୍ତ୍ତମାନ ସହରରେ ବସବାସ କରୁଛନ୍ତି, ଯାହାକି ୨୦୩୦ ବେଳକୁ ସମ୍ଭବତଃ ୨୫% ପହଞ୍ଚିପାରେ।

କିନ୍ତୁ ସହରାଞ୍ଚଳରେ ବସବାସ କରିବା ପାଇଁ ଯେଉଁଭଳି ମାନଦଣ୍ଡର ସୁବିଧା ସୁଯୋଗ ରହିବା କଥା ଆଜି ମଧ୍ୟ ତାହା ଦେଖିବାକୁ ମିଳୁନି। ଯାହାଫଳରେ ସହରମାନଙ୍କରେ ସମସ୍ୟା ବଢ଼ିବାରେ ଲାଗିଛି। ଭାରତରେ ସହର ଭିତ୍ତିଭୂମି ବିକାଶ ପାଇଁ ପ୍ରତି ବାସିନ୍ଦାଙ୍କ ପାଇଁ ଖର୍ଚ୍ଚ ହେଉଛି ହାରାହାରି ୨୦ ଆମେରିକୀୟ ଡଲାର, ଯାହାକି ବ୍ରିଟେନରେ ୮୦୦ ଆମେରିକୀୟ ଡଲାର ଏବଂ ଚୀନରେ ୧୨୦ ଆମେରିକୀୟ ଡଲାର। ସମ୍ଭବତଃ ଭାରତରେ ଗ୍ରାମାଞ୍ଚଳ ଅପେକ୍ଷା ବହୁତ କମ ଅର୍ଥ ପ୍ରଦାନ କରାଯାଉଥିବାରୁ ସହରଗୁଡ଼ିକ ବିଶ୍ୱସ୍ତରରେ ପଛରେ ପଡ଼ିଯାଇଛନ୍ତି।

ଓଡ଼ିଶାର ସହରଗୁଡ଼ିକୁ ଯୋଜନାବଦ୍ଧ ଓ ସୁନ୍ଦର କରିବା ପାଇଁ ଏହା ହିଁ ଏକ ପ୍ରକୃଷ୍ଟ ସୁଯୋଗ। ଯୋଜନାବଦ୍ଧ ସୁନ୍ଦର ସହରର ଅର୍ଥ ନୁହେଁ କେବଳ ଉଚ୍ଚ ଅଟ୍ଟାଳିକା, ଚଉଡ଼ା ରାସ୍ତା। ବରଂ ସହରକୁ ଗରିବ ମୁକ୍ତ କରିବା, ଅର୍ଥନୈତିକ ଅଭିବୃଦ୍ଧି, ପରିବେଶ ସନ୍ତୁଳିତ ଏବଂ ଜଳବାୟୁ ପରିବର୍ତ୍ତନକୁ ନେଇ ଯୋଜନା ଆଧାରରେ ପ୍ରସ୍ତୁତ କରିବା। ଯେପରି ଦକ୍ଷିଣ କୋରିଆ ସିଓଲ ସହରକୁ ସମଗ୍ର ବିଶ୍ୱ ପାଇଁ ଉଦାହରଣୀୟ କରିପାରିଛି। ମାତ୍ର ତିରିଶ ବର୍ଷ ମଧ୍ୟରେ ଏକ ଗରିବ କୃଷିପ୍ରଧାନ ଦେଶରୁ ବିଶ୍ୱର ପ୍ରମୁଖ ଅର୍ଥନୈତିକ ପେଣ୍ଠସ୍ଥଳୀ ଏବଂ ବିଶ୍ୱର ଅନ୍ୟତମ ବିକଶିତ ସହରରେ ପରିବର୍ତ୍ତନ ହୋଇପାରିଛି। ପାରମ୍ପରିକ ସହର ଯୋଜାନାଠାରୁ ବହୁମାତ୍ରାରେ ଉନ୍ନତ ଓ ଲୋକାଭିମୁଖୀ କରି ଦକ୍ଷିଣ କୋରିଆ ଏହି ସଫଳତା ହାସଲ କରିଛି।

ସିଓଲ ଭଳି ବିଶ୍ୱରେ ଅନେକ ସହର ଅଛି, ଯେଉଁଗୁଡ଼ିକ ନୂତନତ୍ୱକୁ ମାନଦଣ୍ଡ କରି ଆଜି ସାରା ବିଶ୍ୱ ପାଇଁ ଉଦାହରଣ ହେଇପାରିଛନ୍ତି। ଆଉ ଏକ ସହର ହଉଛି ବୋଗଟା ଯାହାକି ବିଶ୍ୱରେ ସୁନ୍ଦର ପରିବହନ ପରିକଳ୍ପନା କରି ସ୍ୱଳ୍ପ ସମୟ ଯୋଜନାର ସହର ଭାବେ ଆପଣେଇ ପାରିଛନ୍ତି। ବୋଗଟା ସହର ନିଜ ଲୋକଙ୍କ ପାଇଁ କାର ରାସ୍ତା କରିବା ଅପେକ୍ଷା ୪୦୦ କିମି. ସାଇକେଲ ରାସ୍ତା ପ୍ରସ୍ତୁତ କରିଛନ୍ତି, ଯାହାକୁ ୪୦% ରୁ ଅଧିକ ଲୋକେ ଦୈନିକ ବ୍ୟବହାର କରୁଛନ୍ତି। ସେହିଭଳି କୁରୀଟିବା ସହର ବସ ପରିବହନ ପାଇଁ ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିପାରିଛି। ଜାପାନର ୟୋକହମା ସହର ଲୋକସଂଖ୍ୟା ବଢ଼ିବା ପରେ ବି ବର୍ଜ୍ୟ ନିଷ୍କାସନକୁ ୪୦% ପର୍ଯ୍ୟନ୍ତ ହ୍ରାସ କରିପାରିଛନ୍ତି କେବଳ ଲୋକଙ୍କ ମଧ୍ୟରେ ପରିବେଶ ସମ୍ବନ୍ଧୀୟ ସଚେତନତା ଓ ସହଯୋଗିତା ଯୋଗୁଁ।

ଆମ ରାଜଧାନୀ ଭୁବନେଶ୍ୱର ପାଇଁ ମଧ୍ୟ ଏଭଳି ଅପାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଜିକୁ ସାତ ଦଶନ୍ଧି ପୂର୍ବେ ଦୂରତ୍ୱ ଅନୁସାରେ 'ପନ୍ଦର ମିନିଟ ସହର' ଭାବେ ଗଢ଼ା ଯାଇଥିଲା। କିନ୍ତୁ ସମୟ ସହିତ ତାଳ ନ ଦେଇପାରିବା ଯୋଗୁଁ ଲକ୍ଷ୍ୟରୁ ଦୂରେଇ ଯାଇଛି। 'ପନ୍ଦର ମିନିଟର ସହର' ପରିକଳ୍ପନା ବର୍ତ୍ତମାନ ସମୟରେ ଆବଶ୍ୟକତା। କାରଣ ଭବିଷ୍ୟତରେ ଜନସଂଖ୍ୟା ବୃଦ୍ଧି ସହିତ ଯେତେ ବଡ଼ ସହର ହେବ ସେତେ ଅଧିକ ସମସ୍ୟା ସୃଷ୍ଟି ହେବ। ଭୂମି, ଜଳ, ଗ୍ୟାସ ଏତେ ସହଜରେ ମିଳିନପାରେ; ତେଣୁ ଆମକୁ ଅଳ୍ପ ସମୟ ଏବଂ ଦୂରତ୍ୱ ମଧ୍ୟରେ କିପରି ଅଧିକ ଲୋକ ବସବାସ କରିପାରିବେ ଏବଂ ସୁରକ୍ଷିତରେ ରହିପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ।

ଭୁବନେଶ୍ୱର ଏକ ଯୋଜନାବଦ୍ଧ, ପରିବେଶ ସନ୍ତୁଳିତ ଏବଂ ସମସ୍ତଙ୍କ ପାଇଁ ଉଦିଷ୍ଟ ସହର ଭଳି ଗଢ଼ି ଉଠୁ, ଯାହାକି ଅନ୍ୟ ସହର ପାଇଁ ଉଦାହରଣ ହେବ। କାରଣ ଦେଶ ଓ ରାଜ୍ୟର ଭବିଷ୍ୟତ ଦକ୍ଷତା ସମ୍ପନ୍ନ ସହରୀକରଣ ଉପରେ ନିର୍ଭରଶୀଳ। ଉପରେ।" ●

(ସହର ଯୋଜନା ବିଶେଷଜ୍ଞ)
ଭୁବନେଶ୍ୱର, ମୋ: ୯୪୩୭୧୭୬୭୧୭

## ଚିକିତ୍ସା ବିଜ୍ଞାନ ନୋବେଲ-୨୦୨୫

# ପ୍ରତିରକ୍ଷା ତନ୍ତ୍ରୀ-ସଜାଗପ୍ରହରୀର ଆବିଷ୍କାର

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ମେରୀ ଇ ବ୍ରଙ୍କୋ, ଫ୍ରେଡ ରାମସଡେଲ ଓ ଡାକ୍ତର ସାଇମୋନ୍ ସାକାଗୁଚି ୨୦୨୫ ମସିହାର ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାର ଗୌରବ ପ୍ରାପ୍ତ ହୋଇଛନ୍ତି। ପ୍ରଥମ ବିଜ୍ଞାନୀଦ୍ୱୟ ଆମେରିକୀୟ, ଡାକ୍ତର ସାକାଗୁଚି ଜାପାନର ଅଧିବାସୀ। ମେରୀ ବ୍ରଙ୍କୋ ଜଣେ ମହିଳା। ସେମାନଙ୍କ ବୟସ ଯଥାକ୍ରମେ ୬୪, ୬୪ ଓ ୭୪। ମେରୀ ବ୍ରଙ୍କୋ ଜିନୋମିକ୍ସ ଓ ଅଟୋଇମ୍ୟୁନ୍ ରୋଗ ଉପରେ ଗବେଷଣା କରୁଛନ୍ତି ସିୟାଟେଲ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର ସିଷ୍ଟମସ ବାୟୋଲୋଜି ପ୍ରତିଷ୍ଠାନରେ। ଫ୍ରେଡ ରାମସଡେଲ ସାନଫ୍ରାନସିସ୍‌କୋର ସୋନୋମା ବାୟୋ ନାମକ ଏକ ଜୈବ ପ୍ରଯୁକ୍ତି ସଂସ୍ଥାରେ ଗବେଷଣାରତ। ସାଇମୋନ୍ ସାକାଗୁଚି ଜାପାନର ସୋକା ବିଶ୍ୱବିଦ୍ୟାଳୟରେ ଇମ୍ୟୁନୋଲୋଜି ବିଭାଗର ପ୍ରଫେସର।

ଗୋଟିଏ ଗୋଷ୍ଠୀର ରୋଗ ଅଛନ୍ତି, ଯେଉଁଗୁଡ଼ିକୁ କୁହାଯାଏ ଅଟୋଇମ୍ୟୁନ। 'ଅଟୋ' ଏକ ଗ୍ରୀକ୍ ଶବ୍ଦ। ଏହାର ଅର୍ଥ ସ୍ୱ ବା ନିଜର। 'ଇମ୍ୟୁନ'ର ଅର୍ଥ ରୋଗ କବଳରୁ ପ୍ରତିରୋଧକ୍ଷମ। ଆମ ଶରୀରରେ ରହିଛି ବିଭିନ୍ନ ତନ୍ତ୍ର। ପ୍ରତ୍ୟେକ ତନ୍ତ୍ରର କାର୍ଯ୍ୟ ନିର୍ଦ୍ଦିଷ୍ଟ। ସେହି ତନ୍ତ୍ରଗୁଡ଼ିକ ମଧ୍ୟରୁ ପ୍ରତିରକ୍ଷା ତନ୍ତ୍ର ବା ଇମ୍ୟୁନ ସିଷ୍ଟମ ହେଉଛି ଅନ୍ୟତମ। ଜୀବାଣୁ, ଭୂତାଣୁ ଓ ଅନ୍ୟାନ୍ୟ ଅଣୁଜୀବଗୁଡ଼ିକର ଆକ୍ରମଣରୁ ଶରୀରକୁ ସୁରକ୍ଷିତ ରଖିବା ହେଉଛି ପ୍ରତିରକ୍ଷା ତନ୍ତ୍ରର କାମ। କିନ୍ତୁ ପ୍ରତିରକ୍ଷା ତନ୍ତ୍ରଗୁଡ଼ିକ ବେଳେ ବେଳେ ହୋଇପଡ଼େ ରୋଗ ସୃଷ୍ଟିର କାରଣ। ନିଜସ୍ୱ ପ୍ରତିରକ୍ଷା ତନ୍ତ୍ର ବା ଇମ୍ୟୁନ ସିଷ୍ଟମ ଦ୍ୱାରା ସୃଷ୍ଟି ହେଉଥିବାରୁ ସେହି ରୋଗଗୁଡ଼ିକୁ ଡାକ୍ତରୀ ଭାଷାରେ 'ଅଟୋଇମ୍ୟୁନ୍' ରୋଗ ବୋଲି କହନ୍ତି। ଏବେ ଏହିଧରଣର ରୋଗସଂଖ୍ୟା ବଢ଼ି ଚାଲିଛି। ଏ ସଂପର୍କିତ ଗବେଷଣାକୁ ସ୍ୱୀକୃତି ଜଣେଇ ନୋବେଲ ପୁରସ୍କାର କମିଟି ପ୍ରଦାନ କରିଛି ୨୦୨୫ ମସିହାର ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର। ପୁରସ୍କାରଟି ପ୍ରଦତ୍ତ ହୋଇଛି 'ପେରିଫେରାଲ ଇମ୍ୟୁନ ଟଲେରାନ୍ସ' ବା 'ପ୍ରାନ୍ତୀୟ ରୋଗ ପ୍ରତିରକ୍ଷା ସହନଶୀଳତା' ବିଷୟକ ସେମାନଙ୍କର ଯୁଗାନ୍ତକାରୀ ଆବିଷ୍କାର ପାଇଁ। ପୁରସ୍କାର ବାବଦକୁ ପ୍ରତ୍ୟେକ ନୋବେଲ ବିଜେତାଙ୍କୁ ଦିଆଯିବ ୪ ଲକ୍ଷ ଡଲାର (ଭାରତୀୟ ମୁଦ୍ରାର ପାଖାପାଖି ୩୫୦ ଲକ୍ଷ ଟଙ୍କା), ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଓ ପୁରସ୍କାର ପ୍ରମାଣପତ୍ର ବା ନୋବେଲ ଡିପ୍ଲୋମା। ଏହା ପ୍ରଦତ୍ତ ହେବ ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲଙ୍କ ତିରୋଧାନ ଦିବସ ଡିସେମ୍ବର ୧୦ ତାରିଖରେ। ଏହି ଦିବସକୁ 'ନୋବେଲ ଦିବସ' ଭାବରେ ପାଳନ କରାଯାଏ।

ପ୍ରଶ୍ନ ଉଠେ, ଆମ ଶରୀରରେ ଯଦି ପ୍ରତିରକ୍ଷା ତନ୍ତ୍ର ଭଳି ଏକ ସ୍ୱତନ୍ତ୍ର ପ୍ରଣାଳୀ ଆମକୁ ସୁରକ୍ଷିତ ରଖିବା ପାଇଁ କାମ କରୁଛି ଏବଂ ତାହା ଶରୀରର ସୁସ୍ଥ କୋଷଗୁଡ଼ିକୁ ସୁରକ୍ଷିତ ରଖି ରୋଗ ସୃଷ୍ଟିକାରୀ ଜୀବାଣୁ ଭୂତାଣୁ ଇତ୍ୟାଦିକୁ ଆକ୍ରମଣ କରି ଧ୍ୱଂସ କରିଦେଉଛି; ତେବେ ଆମ ଭିତରୁ କେତେକ ପୁଣି ଅଟୋଇମ୍ୟୁନ ରୋଗ ଦ୍ୱାରା ଆକ୍ରାନ୍ତ ହୋଇପଡୁଛନ୍ତି କିପରି? କାହିଁକି ଅବା ଆମେ ସମସ୍ତେ ଅଟୋଇମ୍ୟୁନ ରୋଗ ଭୋଗୁନେ? ସାଇମୋନ ସାକାଗୁଚି ଆବିଷ୍କାର କଲେ ଏକନୂତନ ପ୍ରକାରର ଇମ୍ୟୁନ୍ ସେଲ୍‌ଫ। ସେହି ସେଲ ବା କୋଷର ନାଁ 'ରେଗୁଲେଟରୀ ଟିସେଲ'। ସଂକ୍ଷେପରେ 'ଟି ରେଗ୍‌ସ ରେଗୁଲେଟରୀ ଟି ସେଲ' ହେଉଛି ନିଅନ୍ତ୍ରଣକାରୀ। ତାହା ସିକ୍ୟୁରିଟି ଗାର୍ଡ ବା ନିରାପତ୍ତା ରକ୍ଷୀ ଭାବରେ କାର୍ଯ୍ୟ କରି ଶରୀରର ସୁସ୍ଥକୋଷଗୁଡ଼ିକୁ ପ୍ରତିରକ୍ଷା ତନ୍ତ୍ରର ଆକ୍ରମଣରୁ ରକ୍ଷା କରେ। ଯେଉଁ ପ୍ରତିରକ୍ଷାତନ୍ତ୍ର ପୁଲିସ ଭଳି କାମ କରି ରୋଗ ସୃଷ୍ଟି କରୁଥିବା ଜୀବାଣୁ ଭୂତାଣୁମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ କାବୁ କରି ଦେଉଛି, ସେହି ପ୍ରତିରକ୍ଷା ତନ୍ତ୍ର ଯେପରି ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ ନ କରି ପାରିବ ସେଥିପ୍ରତି ପୁଲିସ ଭଳି ସେଥିପ୍ରତି କଡ଼ା ନିଘା ରଖିଛି ରେଗୁଲେଟରୀ ଟି ସେଲ ବା ନିରାପତ୍ତା ରକ୍ଷୀ। ଫଳରେ ପ୍ରତିରକ୍ଷା ତନ୍ତ୍ର ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ କରିପାରୁନାହିଁ।

ପ୍ରଶ୍ନ ଉଠେ ରେଗୁଲେଟରୀ ଟି ସେଲ ରହିଥିବା ସତ୍ତ୍ୱେ ନିରାପତ୍ତା ରକ୍ଷୀ ଭାବରେ ତାହା ପ୍ରତିରକ୍ଷା ତନ୍ତ୍ର ଉପରେ ସତର୍କ ଦୃଷ୍ଟି ରଖିଥିବା ସତ୍ତ୍ୱେ, ପୁଣି ପ୍ରତିରକ୍ଷା ତନ୍ତ୍ର ତା'ର ଭାରସାମ୍ୟ ହରେଇ ସୁସ୍ଥକୋଷକୁ ଆକ୍ରମଣ କରି ପକାଉଛି କିପରି? କିପରି ପୁଣି ଜାତ ହୋଇପାରୁଛି ଅଟୋଇମ୍ୟୁନ ରୋଗ? ଏହି ଆବିଷ୍କାରର ରହିଛି ଏକ ଦ୍ୱିତୀୟ ଅଂଶ। ଦ୍ୱିତୀୟ ଅଂଶଟିର ଆବିଷ୍କାରକ ହେଉଛନ୍ତି ମେରୀ ବ୍ରଙ୍କୋ ଓ ଫ୍ରେଡ ରାମସଡେଲ। ସେମାନେ ଏପରି ଏକ ପ୍ରଜାତିର ମୂଷାଙ୍କ ସନ୍ଧାନ ପାଇଲେ, ଯେଉଁ ମୂଷାମାନେ ଅଟୋଇମ୍ୟୁନ ରୋଗ ପ୍ରତି ଅତିମାତ୍ରାରେ ସଂବେଦନଶୀଳ। ରୋଗଭୋଗୀ ଅଳ୍ପ କେଇଟି ସପ୍ତାହ ଭିତରେ ସେମାନେ ମୃତ୍ୟୁବରଣ କରିବା ପାଇଁ ବାଧ୍ୟ ହୋଇଥା'ନ୍ତି। ସେହି ପ୍ରଜାତିର ମୂଷାଙ୍କୁ କୁହାଯାଉଛି ସ୍କର୍ଫି। କେବଳ ଅଣ୍ଡିରା ମୂଷା ଏଥିରେ ଆକ୍ରାନ୍ତ ହେଉଥିବାରୁ ମେରୀ ଓ ଫ୍ରେଡ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଅଣ୍ଡିରା ସ୍କର୍ଫି ମୂଷାଙ୍କ ଏକ୍ସ କ୍ରୋମୋଜୋମରେ କିଛି ତ୍ରୁଟି ରହିଛି। ଆହୁରି ଅଧିକ ଅନୁଧ୍ୟାନ କରି ସେମାନେ ଦେଖିଲେ ଯେ ଏକ୍ସ କ୍ରୋମୋଜୋମ୍‌ରେ ଫକ୍ସପି ୩ ନାମକ ଏକ ଜିନ୍‌ରେ ରହିଛି ଏକ ପରିବର୍ତ୍ତନ (ଜିନରେ ଏଭଳି ପରିବର୍ତ୍ତନକୁ ବିଜ୍ଞାନ ଭାଷାରେ କୁହାଯାଏ ମ୍ୟୁଟେସନ)। ଫକ୍ସପି ୩ ଜିନରେ ମ୍ୟୁଟେସନ ଯୋଗୁଁ ହିଁ ମୂଷା ଅଟୋଇମ୍ୟୁନ ରୋଗରେ ଆକ୍ରାନ୍ତ ହୋଇପଡୁଛନ୍ତି। ସେମାନେ ଏହା ବି ଦେଖିଲେ ଯେ ମଣିଷ ଶିଶୁମାନଙ୍କ ଭିତରୁ କେତେକ ଭୋଗିଥା'ନ୍ତି ଆଇପେକ୍ସ ନାମକ ଗୁରୁତର ଅଟୋଇମ୍ୟୁନ ରୋଗ। ସେହି ରୋଗୀଙ୍କଠାରେ ବି ଫକ୍ସପି ୩ଜିନରେ ପରିଲକ୍ଷିତ ହୋଇଛି ମ୍ୟୁଟେସନ। ସୁତରାଂ ମେରୀ ଓ ଫ୍ରେଡ ନିଶ୍ଚିତ ହୋଇଗଲେ ଯେ ଫକ୍ସପି ୩ ରେ ମ୍ୟୁଟେସନ କରେଇପାରେ ଅଟୋଇମ୍ୟୁନ୍ ରୋଗ।

ଏହି ତଥ୍ୟ ମିଳିଗଲା ପରେ ସାକାଗୁଚି ପୁଣି ଲାଗିପଡ଼ିଲେ ଗବେଷଣାରେ। ଦୁଇବର୍ଷ ଧରି ଗବେଷଣା ପରେ ସାକାଗୁଚି ଦର୍ଶେଇଦେଲେ ଯେ ଫକ୍ସପି ୩ ଜିନଟି ନିୟନ୍ତ୍ରଣ କରିଥାଏ ରେଗୁଲେଟରି ଟି ସେଲର ବିକାଶକୁ। ଫଳରେ ପ୍ରତିରକ୍ଷା ତନ୍ତ୍ର ଶରୀରର ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ କରିପାରେନି। କିନ୍ତୁ ଫକ୍ସପି୩ ଜିନରେ ମ୍ୟୁଟେସନ ହୋଇ ତାହା ତ୍ରୁଟିଯୁକ୍ତ ହୋଇ ପଡ଼ିଲେ ରେଗୁଲେଟରୀ ଟି ସେଲ ବା ପ୍ରତିରକ୍ଷା ତନ୍ତ୍ରର ନିରାପତ୍ତାର ରକ୍ଷୀ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହେବାରୁ ଜାତ ହୋଇପଡ଼େ ଅଟୋଇମ୍ୟୁନ ରୋଗ।

ଆମର ଅତିପରିଚିତ ରିଉମାଟଏଡ ଆଥ୍ରାଇଟିସ ନାମକ ଗଣ୍ଠିରୋଗ ଓ ଟାଇପ-୧ ଡାଇବେଟିସ ହେଉଛି ଅଟୋଇମ୍ୟୁନ ରୋଗର ଉଦାହରଣ। ଅଙ୍ଗ ପ୍ରତିରୋପଣ ଓ କେତେକ କ୍ୟାନସରରେ ମଧ୍ୟ ଏହି ଆବିଷ୍କାରର ଗୁରୁତ୍ୱ ରହିଛି। ମାତ୍ର ରେଗୁଲେଟରୀ ଟି ସେଲ ଭିତ୍ତିକ ଚିକିତ୍ସା ପଦ୍ଧତି ସଂପ୍ରତି ରହିଛି ପରୀକ୍ଷା ସ୍ତରରେ। ହେଲେ ଏହି ଚିକିତ୍ସା ପଦ୍ଧତିର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ। ●

କଟକ, ମୋ: ୯୪୩୭୭୬୬୧୧୭

# ତିବ୍ବତରେ ବୌଦ୍ଧ ବିହାର

ପ୍ରବୀର କୁମାର ପଟ୍ଟନାୟକ

## ଦ୍ୱିତୀୟ-ବୁଦ୍ଧ କଥା

ପୂର୍ବପ୍ରକାଶିତ ଉତ୍ତାରୁ...

ପ୍ରାୟତଃ ସମସ୍ତ ବୌଦ୍ଧବିହାର ଶିକ୍ଷାକେନ୍ଦ୍ର ଭାବେ କାର୍ଯ୍ୟ କରିଥା'ନ୍ତି। ଏଗୁଡ଼ିକରେ ତିବ୍ବତୀୟ ଭାଷାରେ ଅନୁଦିତ କଞ୍ଜୁର ଓ ତଞ୍ଜୁର ଦୁଇଟି ବର୍ଗର ଧର୍ମୀୟ ପୁସ୍ତକ ତଥା ବିଭିନ୍ନ ଶାସ୍ତ୍ରସବୁର ବିଶାଳ ଭଣ୍ଡାର ସଂଗୃହୀତ। ତିବ୍ବତରେ ବୌଦ୍ଧବିହାର ତଥା ମନ୍ଦିରମାନ ପ୍ରତିଷ୍ଠା କାର୍ଯ୍ୟ ତଥା ଏଥିପାଇଁ ରାଜକୀୟ ଅଥବା ଶାସକୀୟ ସହାୟତା, ମୁଖିଆ ତଥା ଅଭିଜାତ ବର୍ଗର ସହୟତା ପ୍ରାପ୍ତି ସପ୍ତମ /ଅଷ୍ଟମ ଶତାବ୍ଦୀରୁ ଆରମ୍ଭ ହୋଇ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲି ରହିଲା। ଭାରତ ଭଳି ତିବ୍ବତୀୟ ବୌଦ୍ଧ ଧର୍ମରେ ମଧ୍ୟ ବିଭିନ୍ନ ସଂପ୍ରଦାୟ ରହିଛନ୍ତି। ଏହିମାନେ ଧର୍ମର ପ୍ରଚାର ପ୍ରସାର ଅଧିକ ମାତ୍ରାରେ କରିଛନ୍ତି। ଏହି ସଂପ୍ରଦାୟଗୁଡ଼ିକ ମଧ୍ୟରେ ମୁଖ୍ୟ ହେଲେ ନିଙ୍ଗ୍‌ମାପା, ଶାସ୍‌କ୍ୟାପା ଓ କାବ୍‌ରଗ୍ୟୁଡପା। ମିଳିତ ଭାବେ ଏମାନେ 'ନାଲିଟୋପି' ସଂପ୍ରଦାୟ ଭାବେ ପରିଚିତ ଏବଂ ଏମାନଙ୍କର ସବୁଠାରୁ ଅଧିକ ସଂଖ୍ୟକ ବିହାର ରହିଛି।



ତିବ୍ବତ ହେଉଛି ବୌଦ୍ଧ ବିହାରର ଦେଶ। ସେଥିମଧ୍ୟରୁ କେତେକ ଉଲ୍ଲେଖଯୋଗ୍ୟ ବିହାର ହେଲା (୧) ସମୟେ- ଏହା ହେଉଛି ରାଜା ଖ୍ରୀ-ସ୍ରନ୍‌ଙ୍କ ଦ୍ୱାରା ପଦ୍ମସମ୍ଭବ ଓ ଶାନ୍ତରକ୍ଷିତଙ୍କ ସହାୟତାରେ ଲାସା ନିକଟରେ ନିର୍ମିତ ପ୍ରଥମ ବୌଦ୍ଧ ମହାବିହାର। ଏହି ମହାବିହାରଟି ମଗଧର ଓ ଦନ୍ତପୁରୀ ମହାବିହାର ଅବିକଳ ଢାଞ୍ଚାରେ ଖ୍ରୀ ୭୪୯ ରେ ନିର୍ମିତ ହୋଇଥିଲା। ଏହାଥିଲା ତିବ୍ବତର ମୁଖ୍ୟ ତଥା ପ୍ରଧାନ ବୌଦ୍ଧ ଶିକ୍ଷାକେନ୍ଦ୍ର। ଆଚାର୍ଯ୍ୟ ଶାନ୍ତରକ୍ଷିତ ଏଡି ବିହାରର ପ୍ରଥମ ମୁଖ୍ୟ ଆଚାର୍ଯ୍ୟ ଭାବେ ନିଯୁକ୍ତ ହୋଇ ଜୀବନର ଶେଷକାଳ ପର୍ଯ୍ୟନ୍ତ ସେହି ଦାୟିତ୍ୱ ତୁଲାଇଥିଲେ। ଏହି ବିହାରର ଅଧିକାଂଶ ଭିକ୍ଷୁ ନିଙ୍ଗ୍‌ମାପା ସଂପ୍ରଦୟର ହୋଇଥିଲେ ମଧ୍ୟ ଏହାର ମୁଖ୍ୟ ଶସ୍‌କ୍ୟାପା ଗୋଷ୍ଠୀର। (୨) ଗାଲ୍‌ଡାନ୍- ଏହାର ସଂସ୍କୃତ ଅର୍ଥ ହେଲା ତୁଷିତ (ଦେବତାମାନଙ୍କର ବାସସ୍ଥାନ, ଗୋଟିଏ ସ୍ୱର୍ଗ)। ଏହି ବିହାରଟି ଗେଲୁଗ୍‌ସ୍ୱା ସଂପ୍ରଦାୟର (ହଳଦିଆ ଟୋପି) ବିରାଟ ତଥା ପ୍ରସିଦ୍ଧ ମହାବିହାର। ଲାସାର ପୂର୍ବକୁ ତିରିଶ ମାଇଲ ଦୂରରେ ଏହା ଅବସ୍ଥିତ। ତିବ୍ବତର ମହାନ ବୌଦ୍ଧ ସଂସ୍କାରକ ସଙ୍ଗ୍-ଖା-ପା ଏହି ବିହାରକୁ ଖ୍ରୀ୧୪୦୯ ରେ ନିର୍ମାଣ କରାଇଥିଲେ। ଏହି ବିହାରଟି ଭାବିବୁଦ୍ଧ ମୈତ୍ରେୟଙ୍କର ଚିତ୍ତାକର୍ଷକ ପ୍ରତିମୂର୍ତ୍ତି ପାଇଁ ପ୍ରସିଦ୍ଧ। କିମ୍ବଦନ୍ତୀ କୁହେ ଏହା ମଗଧରୁ ଏଠାକୁ ଉଡ଼ି କରି ଆସିଛନ୍ତି। (୩) ଦେ-ପୁଙ୍ଗସ୍- ଏହା ହେଉଛି ତିବ୍ବତର ସବୁଠାରୁ ଅଧିକ କ୍ଷମତାଶାଳୀ ତଥା ଜାନାକୀର୍ଣ୍ଣ ମହାବିହାର। ଏହା ଖ୍ରୀ ୧୪୧୫ରେ ନିର୍ମିତ। ଏହି ବିହାରଟିର ବହୁ ଉଚ୍ଚ ଉଚ୍ଚ କୋଠାମାନଙ୍କର ସମାହାର ଏହାକୁ ଏକ ସହର ଭଳି ଦର୍ଶାଇଥାଏ। ଏହି ବିହାରଟି ଲାସାର ପଶ୍ଚିମକୁ ମାତ୍ର ତିନି ମାଇଲ ଦୂରରେ ଅବସ୍ଥିତ। ଏଠାରେ ପ୍ରାୟ ସାତ ହଜାର ଭିକ୍ଷୁ ବସବାସ କରିଥା'ନ୍ତି। ଏଠାରେର ଶିକ୍ଷା ନିମିତ୍ତ ଆଠ ଗୋଟି ମହାବିଦ୍ୟାଳୟ ରହିଥିଲା। ଏବେ ମାତ୍ର ଚାରିଗୋଟି କାର୍ଯ୍ୟକ୍ଷମ। (୪)ସେରା - ସଙ୍ଗ୍-ଖା-ପାଙ୍କର ମହାପ୍ରୟାଣ ବର୍ଷ ଖ୍ରୀ ୧୪୧୮ ରେ ଏହି ବିହାରଟି ଲାସାର ଅତି ନିକଟରେ ଥିବା ତାଟି ପୁ ପାହାଡ଼ରେ ଗଢ଼ାଣିଆ ସ୍ଥଳରେ ନିର୍ମିତ। ଏହା ମଧ୍ୟରେ ବହୁତଳ ବିଶିଷ୍ଟ ତିନିଗୋଟି ବିଶାଳ ବୌଦ୍ଧ ମନ୍ଦିର ରହିଛନ୍ତି। ଏହା ଚାରିଗୋଟି ମହାବିଦ୍ୟାଳୟ ସହ ଗୋଟିଏ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ। କୁହାଯାଏ ସମ୍ରାଟ ଅଶୋକଙ୍କ ଦ୍ୱାରା ନିର୍ମିତ ୮୪, ୦୦୦ ଚୈତ୍ୟମଧ୍ୟରୁ ଏଇଟି ଗୋଟିଏ ଏବଂ ଏହାକୁ ମଗଧରୁ ଅଣାଯାଇ ଥିଲା। (୫) ତାସୀ-ଲୁନ୍-ପୋ - ଏହି ବିଶାଳ ମହାବିହାରଟି ଲାସାର ଦକ୍ଷିଣ-ପଶ୍ଚିମକୁ ଶିଗାତ୍‌ସେ ଠାରେ ଅବସ୍ଥିତ। (କ୍ରମଶଃ) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

# ହାତୀ-ମଣିଷ ଲଢ଼େଇକୁ ନେଇ ରାଜ୍ୟପାଳଙ୍କ ଚିନ୍ତାପ୍ରକଟ



**ଭୁବନେଶ୍ୱର, ୧୦।୧୦ (ସମିସ):** ରାଜ୍ୟରେ ମଣିଷ-ହାତୀ ସଂଘର୍ଷ ଚନ୍ତାଜନକ। ଭିତ୍ତିଭୂମି, ବିକାଶମୂଳକ ପ୍ରକଳ୍ପ ଏବଂ ଭୂମି ବ୍ୟବହାର ପରିବର୍ତ୍ତନ ଯୋଗୁଁ ହାତୀ କରିଡର୍ ସଙ୍କୁଚିତ ହେଉଛି। ଏଥିପାଇଁ ମଣିଷ ଓ ହାତୀଙ୍କ ମଧ୍ୟରେ ବିବାଦ ବୃଦ୍ଧି ହେଉଛି। ଏହା ଦୁଃଖଦ ପରିସ୍ଥିତି ସୃଷ୍ଟି କରୁଛି। ତେଣୁ ରାଜ୍ୟର ହାତୀ କରିଡର୍‌ଗୁଡ଼ିକର ସୁରକ୍ଷା ଏବଂ ପୁନରୁଦ୍ଧାର କରିବା ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗୁରୁତ୍ୱ ଦେଇଛନ୍ତି।

ଗୁରୁବାର ଲୋକସେବା ଭବନର କନ୍‌ଭେନସନ୍ ସେଣ୍ଟର୍‌ଠାରେ ଆୟୋଜିତ ୭୧ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମୂହିକ ଦାୟିତ୍ୱର ଏକାନ୍ତ ଆବଶ୍ୟକ। ମଣିଷ ଏବଂ ବନ୍ୟପ୍ରାଣୀଙ୍କ କଲ୍ୟାଣ ପ୍ରାକୃତିକ ସମନ୍ୱୟର ଅବିଚ୍ଛେଦ୍ୟ ଅଂଶ। ତେଣୁ ହାତୀ-ମଣିଷ ଲଢ଼େଇ ପ୍ରତିହତ କରିବା ପାଇଁ ଡ୍ରୋନ୍ ନିରୀକ୍ଷଣ ଏବଂ ଜିପିଏସ୍ ଟ୍ରାକିଂ ଭଳି ଆଧୁନିକ ଉପକରଣ ବ୍ୟବହାର ସହ ଏଥିରେ ଯୁବପିଢ଼ି ଏବଂ ଗୋଷ୍ଠୀକୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି।

# ରେଳଧାରଣାରେ ଶୋଇପଡ଼ିଲେ ମହିଳା

**ବୈଶିଙ୍ଗା, ୧୦।୧୦ (ସମିସ):** ବେତନଟୀ ବ୍ଲକ ଆମ୍ବଗଡ଼ିଆ ଉପକଣ୍ଠ ନୂଆସାହିଠାରେ ଜଣେ ମହିଳା ଟ୍ରେନ୍‌ରେ କଟି ପ୍ରାଣ ହରାଇଛନ୍ତି। ମୃତ ମହିଳା ହେଲେ ନୂଆସାହି ଗ୍ରାମର ପରମାନନ୍ଦ ସିଂଙ୍କ ସ୍ତ୍ରୀ ସିତୁ ଓରଫ କଟି ସିଂ (୪୬)। ସୂଚନାନୁଯାୟୀ, ବାଙ୍ଗିରିପୋଷିରୁ ବାଲେଶ୍ୱର ଅଭିମୁଖେ ମେମୁ ଟ୍ରେନ୍ ଯାଉଥିବା ବେଳେ ଅନତି ଦୂରରେ ଅଟକିବାର ଥିଲା। ତେବେ ଠାକୁରତୋଟା ଷ୍ଟେସନର ପହଞ୍ଚିବା ଅବ୍ୟବହିତ ପୂର୍ବରୁ ସିତୁ ଦୌଡ଼ି ଆସି ରେଳଧାରଣା ଉପରେ ମୁଣ୍ଡ ରଖି ଶୋଇ ପଡ଼ିଥିଲେ। ଫଳରେ ତାଙ୍କର ମୁଣ୍ଡଗଣ୍ଡି ଅଲଗା ହୋଇଯାଇଥିଲା। ଲୋକୋପାଇଲଟଙ୍କଠାରୁ ସୂଚନା ପାଇ ରୁପ୍ସା ଜଙ୍କସନରୁ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିବା ବେଳକୁ ମହିଳାଙ୍କ ପରିବାର ମୃତଦେହକୁ ନେଇ ପଳାଇଥିଲେ। ତେବେ ପାରିବାରିକ କଳହରୁ ସେ ଏପରି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି।


**AFFIDAVIT**

By virtue of an affidavit (No. 5392, dtd- 09/10/2025) before the Executive Magistrate, Angul. I, **Bijaya Kumar Panda**, resident of At-Kaliadama, Po- Balipasi, Ps-Rengali Dam Site, Dist-Angul, PIN- 759105, Odisha declare that, I want to correction my wife name from **Subasini Satpathy to Subhasini Satphathy** & my name from **Bijaya Ku. Panda to Bijaya Kumar Panda** in my son's (**Anwesh Panda**) school admission register / records.

**AFFIDAVIT**

By virtue of an affidavit before the Notary Public, Nuapada, I, Narayan Majhi, resident of At-Darlipali ORF Chuhuri, Po-Kodomeri, Ps- Jonk, Dist-Nuapada, Odisha, PIN-766104 have changed my minor son name from Rehaan Sahu to Aryan Majhi. Henceforth, he shall be known and called as Aryan Majhi for all purposes.

Sd/-Narayan Majhi

**AFFIDAVIT**

By virtue of an affidavit before the Executive Magistrate, Tigiria vide No-03/08.10.2025 I Pravati Das W/o Lokanath Das of Vill-Badabhuindal, Po-Badabhuin, Ps-Athagarh, Dist-Cuttack that I have changed my name from Pravati Manjari Das to Pravati Das. Henceforth I shall be known as Pravati Das for all purpose.

**AFFIDAVIT**

By virtue of an affidavit before the Notary Public, Paralakhemundi, I, Smt. Satyabati Pradhan, resident of Subhadra Vihar, 4th Lane, PO/PS Paralakhemundi, Dist. Gajapati, Odisha, PIN-761211 have changed my minor son's name from Bibek Pradhan to Suman Pradhan. Henceforth, he shall be known as **Suman Pradhan** for all purposes.

Sd/- Satyabati Pradhan

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 10.10. 2025 I, Iswar Tentulikhuntia, S/o - Samaru Tentulikhuntia, Village-Gundriguda, Po.- Binjili, Ps.-Kosagumuda, Dist.- Nabarangpur, Odisha, Pin - 764058, declare that, I have changed the name of my Son from **LAKHAN KANTA TENTULIKHUNTIA** to **LAXMIKANTA TENTULIKHUNTIA**. Henceforth, he shall be known as **LAXMIKANTA TENTULIKHUNTIA** for all purposes.

Sd/- Iswar Tentulikhuntia

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit before the Executive Magistrate, Gajapati, I, Satyanarayan Karjee, resident of Village Kesara, P.O. Govindapur, P.S. Mohana, Dist.: Gajapati, Odisha (Pin: 761015), have changed my name & DOB from Satya Karjyee (D.O.B: 01.01.1985) to Satyanarayan Karjee (D.O.B: 07.08.1985) for all purposes.

Sd/-Satyanarayan Karjee

**AFFIDAVIT**

I, Samarjit Mohapatra, S/o- Amulya Kumar Mohapatra, Resident of Plot No.: 45,Near Kali Mandir, Satya Nagar, Bhubaneswar, Khordha, Odisha, PIN-751007 declared by this Affidavit No.: 1149/2025, Dated: 09.10.2025 that now onwards I shall Be Known As **SAMARRJIT MOHAPPATRA** for all future Purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur, No.911 dated 10/10/2025 I, Nalini Gonda, D/o- Sisusanta Gonda resident of Village- Dangriguda, Po.- Bikrampur, Ps.- Nabarangpur, Odisha, Pin- 764059 state that, I have changed my name from **Nalini Nagesh** to **Nalini Gonda**. Henceforth I shall be known as **Nalini Gonda** for all future purposes.

Nalini Gonda

**AFFIDAVIT**

I, Simanchala Malu, S/o-Dhundar Malu, Resident of Plot No.: 2077/5113, Mahadev Nagar, Near Gangua Canal, Jharpada, Bhubaneswar, Bhubaneswar (M.C), PO: Budheswari Colony, Dist.: Khordha Odisha, PIN-751006 declared by this Affidavit No.1157/2025, Dated: 10.10.2025. That now onwards I shall be known as **SIMANCHAL MALU** for all future Purposes.

**AFFIDAVIT**

By virtue of an affidavit (No. 6165, dtd- 25/06/2025) sworn before The Executive Magistrate, Jajpur. I, **Sudharani Pati,** W/o Asish Kumar Pati, resident of Vill: Seepura, PO: Pubasahi, PS: Dasarathur, Dist: Jajpur, PIN: 755006, Odisha declare that I have changed my minor daughter's name from **Somali Pati** (old name) to **Sonali Pati** (new name). Henceforth, she shall be known as **Sonali Pati** (new name) for all purposes.

**Sudharani Pati**

**AFFIDAVIT**

I, Shaikh Safiyan Ali, aged about 58 years, S/o-Shaikh Usman Ali, resident of AT/PO: Jhalpada, PS: Brahmabarada, Dist: Jajpur, PIN: 755005, Odisha declared by this affidavit No. 2031, dtd-09/10/2025 that now onwards I shall be known as **SHAIKH SUFIYAN ALI** for all future purposes.

**VEHICLE FOR SALE**

MAHINDRA BOLERO B6, Model - 2022, Registration No-OD-02-CC-9936, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409, within 7 days.

**AFFIDAVIT**

By an affidavit No.- 3459, sworn before the Executive Magistrate, Dharmasala on dtd- 2/9/25, I Kodanda Pal, S/o- Nrushingh Pal of Kanipatla, Jaraka, Dharmasala, Jajpur declare that in Aadhaar- 258083961419 my DOB is mentioned as 01.01.1952 instead of 24.10.1944 which is genuine and in pension PPO No.- 12020076504 it is mentioned as Kodanda, S/o- Narasingha. Both Kodanda Pal, S/o- Nrusingha Pal and Kodanda, S/o- Narasingha is same and one person.

**AFFIDAVIT**

By virtue of an affidavit sworn before the Executive Magistrate, At-Narasinghpur, dated-26.09.2025 I Aparajita Pati, w/o-santosh Had village/Po-Phulapada,Ps-Narasinghpur, Dist- Cuttack declare that I have changed my old name Aparajita Had to New name Aparajita pati. Henceforth,she shall be known as Aparajita pati for all purposes.

**AFFIDAVIT**

By virtue of an affidavit (No. 9620, dtd- 03/10/2025) sworn before The Executive Magistrate, Jajpur. I, **Sanatan Ketaki** (new name), W/o- Sri Anu Ketaki, permanent resident of Vill: Talagadia, PO: Malapara, PS: Jajpur Sadar, Dist: Jajpur, PIN: 755043, Odisha declare that I have changed my name from **Sonatan Ketki** (old name) to **Sanatan Ketaki** (new name). Henceforth, I shall be known as **Sanatan Ketaki** (new name) for all purposes.

**Sanatan Ketaki**

**VEHICLE FOR SALE**

MAHINDRA BOLERO NEO N8, Model - 2022, Registration No-OD-33-AG-9337, in as is where is condition, Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689 within 7 days.


## କେନ୍ଦ୍ରାପଡା ପୌରପରିଷଦ , କେନ୍ଦ୍ରାପଡା

"ଗଜଲକ୍ଷ୍ମୀ ପୂଜା - ୨୦୨୫" ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି।

### ନିବେଦନ

୧. ସହରର ସ୍ୱଚ୍ଛତା ଓ ବର୍ଯ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚାଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ। ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି। ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ।

୨. ରାସ୍ତା ଅବରୋଧ କରି ଇଟା, ଗୋଡି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ।

୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ) ଗିନା, ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ। ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ।

୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଯ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି, ସୁପର ଭାଇଜର, ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫି କୁ ପୌରସଂସ୍ଥା ର କର୍ମଚାରୀଙ୍କ ନିକଟରେ ପୈଠ କରି ପୌରପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ।

୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ। ଯଦି ପୂର୍ବରୁ ପୌର ସଂସ୍ଥା ର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି, ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ।

| | | |
|---|---|---|
| ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି<br>ନିର୍ବାହୀ ଅଧିକାରୀ | ଆକବରୀ ଖାତୁନ<br>ଉପାଧକ୍ଷା | ଶ୍ରୀମତୀ ସରିତା ସାହୁ<br>ଅଧକ୍ଷା |

## OFFICE OF THE SRI NILACHAKRA WEAVERS' CO-OPERATIVE SOCIETY LTD.,

REGD.NO.18 PLB(TEX), DATED: 08.03.1992

AT: THAPAPALI, PO: SAN GOCHHAPADA, PS: BAUNSUNI, BLOCK/DIST: BOUDH

### ADVERTISEMENT

No: 01 DATE: 09.10.2025

Applications are invited in the prescribed form from the desirous candidates for 01 (One) post of the Secretary of Sri Nilachakra Weavers' Co-operative Society Ltd., At: Thapapali, Post: San Gochhapada, Dist: Boudh, PIN: 762015. Application form can be obtained in person from the Office of the Sri Nilachakra W.C.S. Ltd., Thapapali on payment of Rs.100.00 (Rupees One Hundred only) from dated: 10.10.2025 to 25.10.2025 during 10.00 AM to 5.30 PM (Except holidays). The duly filled in application form along with required documents (Self attested) should be submitted in the office of the Sri Nilachakra W.C.S. Ltd. in person obtaining the acknowledgement receipt or by Registered Post from Dated: 10.10.2025 to 25.10.2025 (Except holidays) during 10.00 AM to 5.30 PM and no application will be received after 5.30 PM of dated: 25.10.2025.

**ELIGIBILITY, EDUCATIONAL QUALIFICATION AND SELECTION CRITERIA:**

1. The candidate must be permanent resident of the Area operation of the Sri Nilachakra W.C.S. Ltd.
2. The candidate must passed the Matriculation/HSC examination from the recognized institution/Board.
3. Preference shall be given to the candidate having knowledge in weaving of handloom products.
4. A candidate must not be less than 21 years or more than 38 years of age as on dated: 01.01.2025. The upper age limit shall be 43 years in respect of person belonging to SC/ST/OBC including SEBC.
5. There is no scale of pay/salary for the post. However, remuneration shall be considered by the Managing Committee taking into the working performance of the employees and profit of the Society.
6. The candidate if selected for the post will deposit the Security Money of Rs.25,000/- and Surety Bond of Rs.1,00,000/- at the time of joining in the post in the Society.
7. The employee must obey the Odisha Co-operative Societies Act, 1962 (Odisha Act-2 of 1963)/Rule, 1965 and Bye-Laws of the Society and his engagement depends on the satisfactory performance by the Managing Committee of the Society.
8. Appointment for the post of Secretary will be made by the Managing Committee basis on the mark secured in the written test/Viva-voce and additional mark if any by the candidate.
9. Submission of the incomplete application and late receipt of the application will be rejected outrightly.

**NB: The Managing Committee/Administrator of the Society reserves all right to cancel/alter/ modify/reject the advertisement at any time without assigning any reason thereof.**

By order of the Administrator
Sd/-Secretary,
Sri Nilachakra W.C.S. Ltd., Thapapali

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

## ବିକ୍ରୟ ନୋଟିସ୍
### (୩୦ ଦିନିଆ ନୋଟିସ୍)
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /**<br>୧) **ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, ୨) **ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ୦୮.୦୪.୨୦୨୧<br>/<br>୧୮.୧୧.୨୦୨୧<br>/<br>୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /**<br>୧) **ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୨) **ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୩) **ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | **ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୧୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ୦୭.୧୧.୨୦୧୭<br>/<br>୨୫.୦୪.୨୦୧୮<br>/<br>୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /**<br>୧) **ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) **ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘନ ବେହେରା, ୩) **ଶତ୍ରୁଘନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ | **ଶ୍ରୀ ଶତ୍ରୁଘନ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର:ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ୦୫.୦୫.୨୦୨୧<br>/<br>୦୨.୧୧.୨୦୨୧<br>/<br>୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /**<br>୧) **ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ୨) **ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଲି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ | **ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୫, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୧ ଡିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ୩୧.୦୮.୨୦୧୯<br>/<br>୧୬.୦୧.୨୦୨୦<br>/<br>୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /**<br>୧) **ଶ୍ରୀ ପ୍ରଭାକର ସାହୁ,** ପିତା: ଶ୍ରୀ ଅଶୋକ କୁମାର ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା,୨) **ଶ୍ରୀ ଅଶୋକ କୁମାର ସାହୁ,** ପିତା: ଶ୍ରୀ ଖଲ୍ଲି ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା | **ଶ୍ରୀ ଅଶୋକ କୁମାର ସାହୁ(ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର:୧୦୮୯ ବର୍ଗଫୁଟ, ପ୍ଲଟ୍ ନଂ.: ୧୧୧୮, ଖାତା ନଂ.: ୪୭୦/୨୮୧, ରେଭିନ୍ୟୁ ମୌଜା: ଆରୁଆପଲ୍ଲୀ, ଆରୁଆପଲ୍ଲୀ, ଗଞ୍ଜୁ, ଗଞ୍ଜାମ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ତ୍ରିନାଥ ସାହୁଙ୍କ ଗୃହ, ପଶ୍ଚିମ: ନରସିଂଘ ସାହୁଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ସୀମା ବେହେରାଙ୍କ ସମ୍ପତ୍ତି | ୦୧.୦୯.୨୦୧୮<br>/<br>୦୨.୦୧.୨୦୧୯<br>/<br>୨୨.୦୯.୨୦୨୫ |
| **ୟୁଏମ୍ଏଫ୍‌ବି ଶାଖା, ଫୋନ୍: ୭୮୭୩୫୮୧୯୪୫ /**<br>୧) **ମେସର୍ସ ଆଶା ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଜେ ଆଶା,** ସା: ଗେଦଲନାଇଡୁପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦, ୨) **ଜେ ଆଶା,** ପିତା: ଜେ ଦେବରାଜ ରାଓ, ସା: ପାଲିଆ ଲକ୍ଷ୍ମୀପୁର, କାଳିପଲି, ବଡପୁଟି, ଗଞ୍ଜାମ, ଓଡ଼ିଶା-୭୬୧୦୨୦, ୩) **ଜି ଡିଲେଶ୍ୱରି,** ସ୍ୱାମୀ: ଜି ମହାଦେବ, ସା: ଗେଦଲନାଇଡୁପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡ଼ିଶା-୭୬୧୦୨୦ | **ଜି ଡିଲେଶ୍ୱରି,** ସ୍ୱାମୀ: ଜି ମହାଦେବଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୨/୪୧୩୪, ପ୍ଲଟ୍ ନଂ.: ୨୭୫, କ୍ଷେତ୍ର: ଏକର୦.୨୪୮ ଡିସିମିଲି (ଘରବାରୀ), ରେଭିନ୍ୟୁ ମୌଜା: ଗେଦଲନାଇଡୁପଲମ, ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡିଶା, ପିନ୍-୭୬୧୦୨୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ଜି ଡିଲେଶ୍ୱରିଙ୍କ ପ୍ଲଟ୍ ନଂ.: ୨୭୬/୪୪୮୬ର ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୨୭୪, ପୂର୍ବ: ରାସ୍ତା, ପଶ୍ଚିମ: କାମେଶ୍ୱର ରାଓଙ୍କ ଜମି | ୧୪.୦୮.୨୦୨୪<br>/<br>୨୨.୧୦.୨୦୨୪<br>/<br>୨୨.୦୯.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /**<br>୧) **କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, ୨) **ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, ୩) **ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା.:କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ | **ବାସନ୍ତୀ ଶତପଥୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦,ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ୦୯.୦୪.୨୦୨୧<br>/<br>୧୪.୧୧.୨୦୨୧<br>/<br>୦୮.୧୦.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /**<br>୧) **ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, ୨) **କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, ୩) **ସୁମନ୍ତ ଦିହୁଡି,** ପିତା: ସନ୍ୟାସୀ ଦିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ | **ପ୍ରମୋଦ କୁମାର ଆରୁଖ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ୦୧.୦୧.୨୦୨୦<br>/<br>୧୯.୧୧.୨୦୨୧<br>/<br>୦୮.୧୦.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /**<br>୧) **ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, ୨) **ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, ୩) **ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍‌କୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ୦୮.୦୫.୨୦୧୮<br>/<br>୨୦.୦୯.୨୦୧୮<br>/<br>୦୮.୧୦.୨୦୨୫ |
| **ବାଉଁଶିଆପଡା ଶାଖା, ଫୋନ୍: ୯୮୧୯୪୧୦୯୫୧ /**<br>୧) **ମେସର୍ସ ମା ଲକ୍ଷ୍ମୀ ସବ୍‌ଜୀ ଭଣ୍ଡାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ସା: ରାମଚନ୍ଦ୍ରପୁର, ପୋ: ହରେକୃଷ୍ଣପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୨) **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୩) **ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୪) **ଶ୍ରୀମତୀ ଲକ୍ଷ୍ମୀରାଣୀ ସାମନ୍ତରା,** ସ୍ୱାମୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା | **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା ଏବଂ ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୯୯୦, ଖାତା ନଂ.: ୧୮୦/୬୯, କ୍ଷେତ୍ର: ଏକର୦.୧୨ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୯୧/୧୧୩୮, ଖାତା ନଂ.: ୧୮୦/୨୬, କ୍ଷେତ୍ର: ଏକର୦.୦୭ ଡିସିମିଲି, ମୌଜା: ଗାତିରି, ତହସିଲ: ନୂଆଗାଁ, ଆର୍.ଆଇ ସର୍କଲ: ମହିପୁର, ଜିଲ୍ଲା: ନୟାଗଡ଼ | ୦୨.୦୮.୨୦୧୮<br>/<br>୧୮.୦୨.୨୦୧୯<br>/<br>୨୨.୦୯.୨୦୨୫ |
| **ଦିଗପହଣ୍ଡି ଶାଖା, ଫୋନ୍: ୯୭୦୪୯୧୯୨୭୦ /**<br>୧) **ମେସର୍ସ ଅଏଲ୍‌ଲେସ୍ ଫୁଡ୍ ଇଣ୍ଡଷ୍ଟ୍ରି, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ହିଙ୍ଗଳ ତିଳତମା ରେଡ୍ଡୀ,** ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨, ୨) **ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ,** ପିତା: ଶ୍ରୀ ହିଙ୍ଗଳ ସୋମନାଥ ରେଡ୍ଡୀ, ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨ | **ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ଏସ୍ଆରଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୨୦ ଡିସିମିଲି ଯାହା ୮୭୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡୀଙ୍କ ଗୃହ, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଗୃହ | ୧୧.୧୦.୨୦୨୨<br>/<br>୧୫.୦୪.୨୦୨୩<br>/<br>୦୮.୧୦.୨୦୨୫ |
| **ଗୋସାଣୀନୂଆଗାଁ ଶାଖା, ଫୋନ୍: ୭୬୮୨୮୨୦୩୫୩ /**<br>୧) **ମୁକ୍ତା ଦାସ,** ସ୍ୱାମୀ: ବନ ଦାସ, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, ୨) **ଚନ୍ଦ୍ରକଳା ରାଉତ,** ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, ୩) **କେଦାର ରାଉତ,** ମାତା: ଚନ୍ଦ୍ରକଳା ରାଉତ, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧ | **ମୁକ୍ତା ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୫୧, ଖାତା ନଂ.: ୭୮୨, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବ୍ରହ୍ମପୁର, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୦୮ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପଦ୍ମ ଦାସଙ୍କ ଗୃହ, ପଶ୍ଚିମ: କୁନ୍ତଳା ଦାସଙ୍କ ଗୃହ, ଉତ୍ତର: ଶ୍ରୀ ସୁବୁଦ୍ଧି ସେଠୀଙ୍କ ଗୃହ, ଦକ୍ଷିଣ: ରାସ୍ତା | ୨୮.୦୭.୨୦୨୨<br>/<br>୧୧.୧୦.୨୦୨୨<br>/<br>୨୨.୦୯.୨୦୨୫ |
| **କୁଲ୍ଲାଡ ଶାଖା, ଫୋନ୍: ୭୦୦୪୮୩୬୬୭୬ /**<br>୧) **ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକ, ୨) **ବିଜୟ ନାୟକ,** ପିତା: ସହଦେବ ନାୟକ, ଉଭୟଙ୍କ ଠିକଣା- ସା.: ରାଇପଲ୍ଲୀ, ପୋ.: ତିଳିସିଙ୍ଗି, ଭାୟା: କୁଲ୍ଲାଡ, ଗଞ୍ଜାମ, ଓଡିଶା-୭୬୧୧୩୧ | ୧) **ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍ଆରଓ /ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ : ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତ୍ରୁଘନ ପ୍ରଧାନଙ୍କ ଜମି, ଦକ୍ଷିଣ: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.: ୭୬୮, ଉତ୍ତର: ରାସ୍ତା, ୨) **ବିଜୟ ନାୟକ,** ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲ୍ଲୀ, ଏସ୍ଆରଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶୀନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | ୩୦.୦୪.୨୦୨୧<br>/<br>୧୦.୧୨.୨୦୨୧<br>/<br>୨୨.୦୯.୨୦୨୫ |
| **ନୀଳକଣ୍ଠନଗର ଶାଖା,ଫୋନ୍: ୯୮୬୧୨୮୧୨୩୪/**<br>୧) **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୦୦୦୨, ୨) **ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ | **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ**ଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଗୃହ ସମ୍ପତ୍ତିର **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ୦୬.୦୪.୨୦୨୦<br>/<br>୧୭.୧୧.୨୦୨୨<br>/<br>୦୮.୧୦.୨୦୨୫ |
| **ରମ୍ଭା ଶାଖା, ଫୋନ୍: ୯୮୬୧୦୧୪୪୯୦ /**<br>୧) **ରଞ୍ଜନ କୁମାର ନାହାକ,** ପିତା: ରାମ ଚନ୍ଦ୍ର ନାହାକ, ୨) **ଗୁରୁବାରୀ ନାହାକ (ବନ୍ଧକଦାତା/ଗ୍ୟାରେଣ୍ଟିଦାତା),** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ୩) **ବିକ୍ରମ କୁମାର ନାହାକ,** ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ପିନ୍-୭୬୧୦୨୮ | **ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ସା: ଏନ୍ଏସି ମେନ୍ ରୋଡ୍, ହାଇସ୍କୁଲ ସମ୍ମୁଖ, ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ/ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୫୧୩, ଖାତା ନଂ.:୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଦକ୍ଷିଣ: ଯୋଗୀ ମହାପାତ୍ର, ଉତ୍ତର: ରାସ୍ତା | ୩୦.୦୪.୨୦୨୧<br>/<br>୦୫.୦୧.୨୦୨୨<br>/<br>୨୨.୦୯.୨୦୨୫ |
| **ଏସ୍ଏମ୍ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୯୪୮୬୦୯୮୬୫୩ /**<br>୧(କ) **ଶ୍ରୀ ସଞ୍ଜୟ ରାଉଳ,** ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ଋଣଗ୍ରହୀତା),** ୧(ଖ) **ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ସହ-ଋଣଗ୍ରହୀତା),** ୨(କ) **ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ବନ୍ଧକଦାତା)** | **ଶ୍ରୀ ଧୋବା ରାଉଳ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୩୦.୦୪.୨୦୨୧<br>/<br>୧୪.୧୨.୨୦୨୧<br>/<br>୦୮.୧୦.୨୦୨୫ |
| **ଶେରଗଡ ଶାଖା, ଫୋନ୍: ୯୦୯୦୦୩୨୭୮୩ /**<br>୧) **ମେସର୍ସ ରାମଚଣ୍ଡୀ କିରାନା ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କୃଷ୍ଣ ଚନ୍ଦ୍ର ଗୌଡ,** ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୦୬, ୨) **ଶ୍ରୀ କୃଷ୍ଣ ଚନ୍ଦ୍ର ଗୌଡ (ଋଣଗ୍ରହୀତା ତଥା ଗ୍ୟାରେଣ୍ଟିଦାତା),** ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୦୬, ୩) **ଶ୍ରୀମତୀ ଧୋବୁଣି ଗୌଡ (ବନ୍ଧକଦାତା ତଥା ଗ୍ୟାରେଣ୍ଟିଦାତା),** ସ୍ୱାମୀ: କାଳିଆ ଗୌଡ, ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୦୬ | **ଶ୍ରୀମତୀ ଧୋବୁଣି ଗୌଡ**ଙ୍କ ନାମରେ ଥିବା ଗୃହ ସମ୍ପତ୍ତି ଯାହାର ମୌଜା/ଗ୍ରାମ: ଶେରଗଡ, ପୋ/ଥାନା/ଏସ୍ଆରଓ: ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୮୩୩/୪୨୯, ପ୍ଲଟ୍ ନଂ.: ୩୪୬୨/୫୭୮୨, କ୍ଷେତ୍ର: ଏକର୦.୦୧୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜମି, ଉତ୍ତର: ପୁରୁଷୋତ୍ତମ ଦାଶଙ୍କ ବାରି, ଦକ୍ଷିଣ: କୈଳାସ ଚନ୍ଦ୍ର ତ୍ରିପାଠୀ | ୦୯.୦୧.୨୦୨୪<br>/<br>୦୩.୦୫.୨୦୨୪<br>/<br>୧୦.୧୦.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିଗୁଡିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୦.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ଭତ୍ତା ବଣ୍ଟନରେ ଅନିୟମିତତା; ଯୋଗ୍ୟ ହିତାଧିକାରୀ ବଞ୍ଚିତ

ରୂପସା, ୧୦।୧୦(ସମିସ)



ଭତ୍ତା ବଣ୍ଟନରେ ଅନିୟମିତତା ଏବଂ ପାଉନାହାନ୍ତି ଯୋଗ୍ୟ ହିତାଧିକାରୀ। ହାତଗୁଞ୍ଜା ଓ ଭୁଲ ପ୍ରମାଣପତ୍ର ଦେଇ ଭତ୍ତା ହାତେଇଛନ୍ତି ଅଯୋଗ୍ୟ ହିତାଧିକାରୀ ବୋଲି ଅଭିଯୋଗ ହେଉଛି। ସରକାର ୮୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ୮୦ ପ୍ରତିଶତରୁ ଅଧିକ ହିତାଧିକାରୀମାନଙ୍କୁ ୩୫୦୦ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରୁଛନ୍ତି। ମାତ୍ର କିଛି ଅସାଧୁ ଅଧିକାରୀଙ୍କୁ ହାତଗୁଞ୍ଜା ଦେଇ ଏହାର ଫାଇଦା ନେଉଛନ୍ତି ଅଯୋଗ୍ୟ ହିତାଧିକାରୀ ଏବଂ ବାଦ ପଡୁଛନ୍ତି ଯୋଗ୍ୟ ହିତାଧିକାରୀ। ଏପରିକି କିଛି ଅସାଧୁ ଅଧିକାରୀ ଏହାର ଫାଇଦା ଉଠାଇ ହାତଗୁଞ୍ଜା ନେଇ ଅଯୋଗ୍ୟ ବ୍ୟକ୍ତିଙ୍କୁ ଯୋଗ୍ୟଦର୍ଶାଇ ଏହି ଯୋଜନାରେ ସାମିଲ କରିଥିବା ଅଭିଯୋଗ ଆସିଛି। ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ରୂପସା ସାମିଲ ହସନପୁର ପଞ୍ଚାୟତର ଉକ୍ତ ଗ୍ରାମରେ ଅନେକ ଅଯୋଗ୍ୟ ହିତାଧିକାରୀଙ୍କ ଭୋଟ ପରିଚୟ ପତ୍ରରେ ବହୁ କମ ବୟସ ହୋଇଥିଲେ ମଧ୍ୟ କିଛି ଦଲାଲଙ୍କ ସହାୟତାରେ ଭୁଲ ପ୍ରମାଣପତ୍ର ଦେଇ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଯାହାଫଳରେ ଯୋଗ୍ୟ ହିତାଧିକାରୀମାନେ ଏଥିରୁ ବାଦ ପଡୁଛନ୍ତି। ପଞ୍ଚାୟତରେ ଅନେକ ବୃଦ୍ଧ ବୃଦ୍ଧା ଏବଂ ଶାରୀରିକ ଦିବ୍ୟାଙ୍ଗ ବ୍ୟକ୍ତି ରହିଥିଲେ ମଧ୍ୟ ତାଙ୍କଠାରୁ ବହୁ କମ ବୟସର ଲୋକେ ଭତ୍ତା ହାତେଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତର ଅନେକ ଲୋକଙ୍କ ବୟସ ୨୦୨୪ ଭୋଟର ଲିଷ୍ଟରେ ୫୮ରୁ ୬୧ ବର୍ଷ ହୋଇଥିବା ବେଳେ ୨୦୨୫ ମସିହା ମେ' ମାସ ବେଳକୁ ୮୦ ବର୍ଷରୁ ଅଧିକ ହୋଇଥିବା ଭୁଲ ପ୍ରମାଣପତ୍ର ଦେଇ ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା ଲେଖାଏଁ ନେଉଥିବା ଅଭିଯୋଗ ହୋଇଛି। ଗ୍ରାମର ୨ ଜଣଙ୍କ ୨୦୨୪ ମସିହା ଭୋଟର ତାଲିକାରେ ବୟସ ୬୦ ଥିବା ବେଳେ ୨୦୨୫ ଭୋଟର ତାଲିକାରେ ୬୧ ହେବା କଥା କିନ୍ତୁ ସେ ଏବେ ୮୧ ବୟସର ଭତ୍ତା ନେଉଛନ୍ତି। ସେହିପରି ସେହି ଗ୍ରାମର ଅନ୍ୟଜଣେ ମଧ୍ୟ ବୟସ ୨୦୨୫ ଭୋଟର ଲିଷ୍ଟରେ ବୟସ ୫୦ ଥିବା ବେଳେ ବର୍ତ୍ତମାନ ତାଙ୍କର ବୟସ ୬୪ ଏହା କେମିତି ଓ କେଉଁ ଆଧାରରେ ହେଉଛି ତାହା ପଞ୍ଚାୟତବାସୀଙ୍କ ମନରେ ପ୍ରଶ୍ନ। ପଞ୍ଚାୟତର ପାର୍ବତୀ ମିଶ୍ର, ଉର୍ମୀଳା ପରିଡ଼ା, କ୍ଷୀରମଣି ବେହେରା, ବିଜୟ କୁମାର ସାହୁଙ୍କ ଭଳି ଅନେକ ଲୋକ ୮୫ରୁ ୯୦ ପ୍ରତିଶତ ଶାରୀରିକ ଦିବ୍ୟାଙ୍ଗ। ଆଉ ମାଣିକ ବେହେରା, ମନ୍ଦୋଦରୀ ସାହୁ ପରି ଅନେକ ବୟସ୍କ ବ୍ୟକ୍ତି ୮୦ ବର୍ଷରୁ ଅଧିକ ବୟସ ହୋଇଥିଲେ ମଧ୍ୟ ବର୍ଦ୍ଧିତ ଭତ୍ତା ତାଲିକାରେ

**● ଭୁଲ ପ୍ରମାଣପତ୍ର କରି ଅନେକ ଅଯୋଗ୍ୟ ଭତ୍ତା ହାତେଇଛନ୍ତି**

**● ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀଙ୍କ ଦାବି**

ତାଙ୍କ ନାଁ ନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ସଦର ବିଡିଓ ଶ୍ରୀ ଜେନାଙ୍କୁ ପଚାରିବାରୁ ଇପିଆଇସି ରୋଲ ଅନୁଯାୟୀ ବୟସ ପ୍ରମାଣପତ୍ରର ଆଧାରରେ ଭତ୍ତା ଅନୁମୋଦନ ହୋଇଥିବା କହିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗାମୀ ଦିନରେ ଜନ ଅନ୍ଦୋଳନ ହେବ ବୋଲି ସାମ୍ବାଦିକ ସମ୍ମିଳନୀ କରି ଚେତାବନୀ ଦେଇଛନ୍ତି ପଞ୍ଚାୟତ ବାସିନ୍ଦା।

## ଦୁଇ ଅସହାୟ ମହିଳାଙ୍କୁ ରାସନ କାର୍ଡ ବଣ୍ଟନ





ଲଙ୍ଗଳେଶ୍ୱର/ବାଲିଆପାଳ, ୧୦।୧୦(ସମିସ): ସରକାରୀ ଅଧିକାରୀ ହେଲେ ମାନବତାର ସ୍ପର୍ଶ ଥିବା ଆବଶ୍ୟକ। ଯାହାର ଜ୍ୱଳନ୍ତ ଉଦାହରଣ ବାଲିଆପାଳ ବ୍ଲକର ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥ। ଦୁଇ ଅସହାୟ ମହିଳାଙ୍କୁ ରାସନ କାର୍ଡ ଯୋଗାଇ ତାଙ୍କ ଜୀବନରେ ଆଶା ଆଣିଛନ୍ତି। ବାଲିଆପାଳ ବ୍ଲକ ବିଶ୍ୱନାଥପୁରର ପୁଷ୍ପାଞ୍ଜଳି ମଲ୍ଲିକ ଦୁଇ ଶିଶୁକୁ ନେଇ ଅସହାୟ ଅବସ୍ଥାରେ ରହୁଥିବା ବେଳେ ତାଙ୍କୁ ଶ୍ରୀ ରଥ ସାହାଯ୍ୟର ହାତ ବଢ଼ାଇଥିଲେ। ବୋଲଂ ଗ୍ରାମର ନଦୀ ଆଡିବନ୍ଧରେ ଜରିପାଲ କୁଡ଼ିଆ କରି ପୁଷ୍ପାଞ୍ଜଳି ଦୁଇ ପିଲାଙ୍କୁ ନେଇ ଆଶ୍ରୟ ନେଉଛନ୍ତି। ପ୍ରତିଦିନ ଭିକ୍ଷାବୃତ୍ତି ହିଁ ଏହି ଅସହାୟ ମାଆ ଏବଂ ଦୁଇ ନିଷ୍ପାପ ଶିଶୁର ସାହାରା ଥିଲା। ତାଙ୍କୁ ରାସନ ଡିଲର ମାଧ୍ୟମରେ ଆଗୁଆ ଚାଉଳ ଦେବାର ବ୍ୟବସ୍ଥା କରିଥିଲେ।

ସେହିପରି ବୋଲଂ ପଞ୍ଚାୟତର ବିଧବା ମହିଳା ଫୁଲମଣୀ ଟୁଡୁ ରାସନ କାର୍ଡ ଯୋଜନାରୁ ବଞ୍ଚିତ ଥିଲେ। ସାମାଜିକ କର୍ମୀ ରାଜକିଶୋର ପାତ୍ରଙ୍କ ସୂଚନାରେ ଯୋଗାଣ ଅଧିକାରୀ ଶ୍ରୀ ରଥ ସେହି ମହିଳାଙ୍କ ହାତେ ରାସନ କାର୍ଡ ଯୋଗାଇବା ସହିତ ପୁଷ୍ପାଞ୍ଜଳିଙ୍କୁ ମଧ୍ୟ ଗତକାଲି ରାସନ କାର୍ଡ ଯୋଗାଇଛନ୍ତି।

## ରେଳଧାରଣାରୁ ଅଜଣା ଯୁବକର ମୃତଦେହ ଉଦ୍ଧାର

ଜଳେଶ୍ୱର, ୧୦।୧୦(ସମିସ): ରାଜଘାଟ ଫ୍ଲାଏଓଭର ବ୍ରିଜ୍ ନିକଟ ରେଳଧାରଣାରୁ ଜଣେ ଯୁବକର ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର ହୋଇଛି। ସୂଚନାନୁଯାୟୀ, ଗୁରୁବାର ଅପ୍‌ଲାଇନରେ ଏକ ମାଲବୁହା ଗାଡ଼ିରେ ଯୁବକ ଜଣଙ୍କ କଟିଥିବା ନେଇ ଲୋକ ପାଇଲଟ ଅମର୍ଦା ଷ୍ଟେସନରେ ସୂଚନା ଦେଇଥିଲେ। ରେଳ ଧାରଣାରୁ ଜିଆରପି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ବାଲେଶ୍ୱର ପଠାଇଛନ୍ତି। ଯୁବକର ବୟସ ୫୦ ପାଖାପାଖି ଅନୁମାନ କରାଯାଉଥିବା ବେଳେ ଖଣ୍ଡିଆ ପ୍ୟାଣ୍ଟ ଓ ଚପଲ ପିନ୍ଧିଛନ୍ତି। ପରିଚୟ ମିଳିପାରି ନଥିବା ବେଳେ ଅପମୃତ୍ୟୁ ମାମଲା ରୁଜୁକରି ଚିହ୍ନଟ ଲାଗି ବାଲେଶ୍ୱରରେ ଶବ ଗଚ୍ଛିତ ରଖାଯାଇଛି।

## ଅଜଣା ଦୁର୍ବୃତ୍ତଙ୍କ ଆକ୍ରମଣରେ ବଳଦ ଆହତ

କାଳିପଦା, ୧୦।୧୦(ସମିସ): ବାଲିଆପାଳ ବ୍ଲକର ଗେଙ୍ଗୁଟିଆ ଛକ ନିକଟବର୍ତ୍ତୀ ବିଲରେ ଏକ ବଳଦକୁ ମାରଣାସ୍ତ୍ରରେ କେହି ଦୁର୍ବୃତ୍ତ ଝୁଣ୍ଟା ହାଣି ଆଘାତ କରିଥିବା ଦେଖିବାକୁ ମିଳିଛି। ରକ୍ତସ୍ରାବ ହେତୁ ବଳଦଟି ପଡ଼ିଯାଇ ମୁମୁର୍ଷୁ ଅବସ୍ଥାରେ ଛଟପଟ ହେଉଥିବାର ଦେଖାଯାଇଥିଲା। ଖବର ପାଇ ବିଶ୍ୱ ହିନ୍ଦୁପରିଷଦର ଉପଦେଷ୍ଟା ବୀରମାଧବ ଦାସ, କାର୍ଯ୍ୟକାରୀ ସଭାପତି ସନ୍ନ୍ୟାସୀ ବେହେରା, ସଭାପତି ଶ୍ରୀହରି ମଣ୍ଡଳ, ସାମ୍ବାଦିକ ଗୋପାଳ ବିଶ୍ୱାଳ ପହଞ୍ଚିଥିଲେ। ସଙ୍ଗେ ସଙ୍ଗେ ଅବସରପ୍ରାପ୍ତ ପଶୁ ଡାକ୍ତରଙ୍କୁ ଡକାଇ ଚିକିତ୍ସା କଲାପରେ ବଳଦଟି ସୁସ୍ଥ ହୋଇଥିଲା। ଘଟଣାକୁ ନେଇ ଗୋମାତାଙ୍କ ସୁରକ୍ଷା ପାଇଁ ବାଲିଆପାଳରେ ଏକ ଗୋଶାଳା ପ୍ରତିଷ୍ଠା କରିବାକୁ ଜନ ସାଧାରଣ ଦୃଢ଼ ଦାବି କରିଛନ୍ତି।

## ବ୍ରାଇଟ୍ ଫ୍ୟୁଚର ତରଫରୁ ବିଜ୍ଞାନ ମେଳା

ସୋର, ୧୦।୧୦(ସମିସ): ସୋର ସଂସ୍କୃତି ଭବନ ପରିସରରେ ସରଶଙ୍କସ୍ଥିତ ବ୍ରାଇଟ୍ ଫ୍ୟୁଚର ଷ୍ଟଡି ସେଣ୍ଟର ତରଫରୁ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମାନବ ଉତ୍‌ଥାନ ସେବା ସଂସ୍ଥାନର ସଭାପତି ଜୟନ୍ତ କୁମାର ପ୍ରଧାନଙ୍କ ଆୟୋଜନରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ମୁଖ୍ୟଅତିଥି ଭାବେ ୟୁଏନ୍ କଲେଜର ପଦାର୍ଥ ବିଜ୍ଞାନ ବିଭାଗର ପୂର୍ବତନ ପ୍ରାଧ୍ୟାପକ ପଦ୍ମଲୋଚନ ଦ୍ୱିବେଦୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସିନିୟର ଜୁନିୟର ବିଭାଗର ୪୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବାଲେଶ୍ୱର ନିଷ୍ଟ ଯୁକ୍ତ ଦୁଇ କଲେଜର ଚେୟାରମ୍ୟାନ ତଥା ଅଗ୍ନିବେଣା ପତ୍ରିକାର ସମ୍ପାଦକ ଡ. ପଙ୍କଜ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ କୁନିକୁନି ପ୍ରତିଯୋଗୀଙ୍କୁ ବିଜ୍ଞାନ କ୍ଷେତ୍ରରେ ତଥା ସାମାଜିକ ଚଳଣିରେ ସଂସ୍କାର ରହିବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଡା. ଆଲୋକ ଦାସ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ପ୍ରତି ଆଗ୍ରହାନ୍ୱିତ କରାଇବା ପାଇଁ ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମରେ ଅଧିକ ସାମିଲ କରିବା ଜରୁରୀ ବୋଲି କହିଥିଲେ। ସମୀକ୍ଷକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ ପ୍ରସାଦ ବାରିକ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ସସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉଭୟ ବିଭାଗରୁ ୬ ଜଣ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାକୁ ସେଣ୍ଟରର ଅଧ୍ୟାପକ ସନ୍ତୋଷ କୁମାର ଧଡ଼ା, ଶଶିକାନ୍ତ ବିଶ୍ୱାଳ, ଶ୍ରୀତମ ଜେନା, ସତ୍ୟ ରଞ୍ଜନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ



ସୋର, ୧୦।୧୦(ସମିସ): ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଯୁବକ ସଂଘର କ୍ଷୀରକୋଣି ସ୍ଥିତ କାର୍ଯ୍ୟାଳୟର ମାତା ଭୁବନେଶ୍ୱରୀ ଦେବୀ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ପଦାଧିକାରୀ ଏବଂ ସଦସ୍ୟମାନେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବାସହ ଗୋପବନ୍ଧୁଙ୍କର ରାଷ୍ଟ୍ର ପ୍ରତି ଥିବା ସେବା ଓ ତ୍ୟାଗର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଭାରତର ବିଶିଷ୍ଟ ଶିଳ୍ପପତି ତଥା ଭାରତ ରତ୍ନ ସ୍ୱର୍ଗତ ରତନ ଟାଟାଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଥିଲା। ଯୁବକ ସଂଘର ସଭାପତି କମଳଲୋଚନ ବାରିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଯୁବପୀଢ଼ିମାନଙ୍କୁ ବ୍ୟକ୍ତିଗତ ସ୍ୱାର୍ଥରୁ ନିବୃତ ରହି ସମାଜ ସେବା କରିବା ପାଇଁ ଆଗେଇ ଆସିବାକୁ ଉତ୍ସାହିତ କରିଥିଲେ। ଯୁବକ ସଂଘର ସମ୍ପାଦକ ସରୋଜ କୁମାର ବିଶ୍ୱାଳ ରାଷ୍ଟ୍ରର ଅର୍ଥନୀତି ବିକାଶରେ ଶ୍ରୀ ଟାଟାଙ୍କର ଅବଦାନକୁ ମନେ ପକାଇଥିଲେ। ଏହି ଅବସରରେ ଯୁବକ ସଂଘର କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ସାହୁ, ଦେବାଶିଷ ପୋଇ, ପରେଶ କୁମାର ବେହେରା, ସ୍ଲୋଗାନ ଦାସ, ବସନ୍ତ ସାହୁ ଓ ବିମ୍ବାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଛିଡ଼ା ହୋଇଥିବା ହାଇୱାରୁ ତେଲ ଚୋରି

ରାଜଘାଟ, ୧୦।୧୦(ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ଗୋଡ଼ିଖାଳ ବାଘବଜାର ଛକ ନିକଟରେ ଛିଡ଼ା ହୋଇଥିବା ଏକ ହାଇୱାରୁ ତେଲ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲ୍ଲା ମଙ୍ଗଳପୁର ଅଞ୍ଚଳର ପ୍ରଭାତ ଜେନା ଓ ବସ୍ତା ଥାନା ଚୋରପଦା ଗ୍ରାମର ସରୋଜ ଦାସ ଓଡ଼ି ୦୧ଏପି ୨୦୮୫ ନମ୍ବର ବିଶିଷ୍ଟ ଏକ ହାଇୱାର ଚାଳକ ଏବଂ ଖଲାସୀ ଭାବେ କାମ କରନ୍ତି। ଗତକାଲି ବିଳମ୍ବିତ ରାତିରେ ପ୍ରଭାତ ଗାଡ଼ି ଭିତରେ ଶୋଇଥିବା ବେଳେ ଏକ ପ୍ରକାରର ଶବ୍ଦ ଶୁଣି ଉଠିପଡ଼ିଥିଲେ। ଦେଖିବା ବେଳକୁ ଜଣେ ଅଜଣା ବ୍ୟକ୍ତି ବ୍ୟାରେଲ ଯୋଗେ ଗାଡ଼ିରୁ ତେଲ ଚୋରି କରିନେଇ ଦୌଡ଼ିବାର ଦେଖିବାକୁ ପାଇଥିଲେ। ପ୍ରଭାତ ବୁଲି ପଡ଼ିବାରୁ ଅନ୍ୟ ଜଣେ ଦୁର୍ବୃତ୍ତ ଦୌଡ଼ିଯାଇ ଗୋଟିଏ ଗାଡ଼ିରେ ବସି ଦ୍ରୁତଗତିରେ ପଳେଇ ଯିବାର ଦେଖିବାକୁ ପାଇଥିଲେ। ସେ ତୁରନ୍ତ ହାଇୱା ଚାଳକ ସରୋଜଙ୍କୁ ଫୋନରେ ସବୁକଥା କହିଥିଲେ। ଦୁହେଁ ଆସି ଦେଖନ୍ତି ତ ଦୁର୍ବୃତ୍ତମାନେ ଘଟଣାସ୍ଥଳରେ ଗୋଟିଏ ପୂର୍ଣ୍ଣମାତ୍ରାରେ ଭର୍ତ୍ତି ବ୍ୟାରେଲ, ଅନ୍ୟ ଗୋଟିଏ ଅଧାଭର୍ତ୍ତି ବ୍ୟାରେଲ, ବ୍ୟାଗ, ତେଲ ଭର୍ତ୍ତି ପାଇଁ ବ୍ୟବହୃତ ୩ଟି ପାଇପ, ପ୍ଲାସ, ଦାଆ ଓ ଦଉଡ଼ି ଆଦି ଛାଡ଼ି ଯାଇଛନ୍ତି। ଘଟଣା ସମ୍ପର୍କରେ ପ୍ରଭାତ ଜାତୀୟ ରାଜପଥ ପହରା ପୁଲିସ ଓ ଅମର୍ଦ୍ଦାରୋଡ ଫାଣ୍ଡି ପୁଲିସକୁ ଖବର ଦେବା ପରେ ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ଉକ୍ତ ଚୋରିରେ ସ୍ଥାନୀୟ କିଛି ଯୁବକଙ୍କ ସମ୍ପୃକ୍ତି ଥିବା ସରୋଜ ପୂର୍ବାନୁମାନ କରି ପୁଲିସକୁ ଜଣାଇଛନ୍ତି।



## ପ୍ରଶାସନର ଚଢ଼ଉ; ଦୁଇ ଗାଡ଼ି ଜବତ

ସୋର, ୧୦।୧୦(ସମିସ): ସୋର ତହସିଲଦାର ଦୈତାରୀ ମଲ୍ଲିକ ଓ କନିଷ୍ଠ ଖଣି ଅଧିକାରୀ ଜଗନ୍ନାଥ ଦାସ ସୋର ପୁଲିସ ସହଯୋଗରେ ୧୬ ନମ୍ବର ଜାତୀୟ ରାଜପଥରେ ଯାଉଥିବା ଗାଡ଼ିଗୁଡ଼ିକର କାଗଜପତ୍ର ଯାଞ୍ଚ କରିଥିଲେ। ତଳନଗର ରେଳ ଓଭରବ୍ରିଜ ନିକଟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଓଡି ୨୨ ଏବି ୯୭୦୫ ନମ୍ବର ବିଶିଷ୍ଟ ବାଲି ବୋଝେଇ ଗାଡ଼ିକୁ ଅଟକାଇବା ପରେ ଏଥିରେ ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଥିବା ଜାଣିପାରି ଗାଡ଼ିକୁ ଜବତ କରିଥିଲେ।

ସେହିପରି ମାଣତ୍ରି ଛକ ନିକଟରେ ବାଗୁଡ଼ି ପଥର ଖାଦାନରୁ ବେଆଇନ ଭାବେ ପଥର ବୋଝେଇ କରି ଆସୁଥିବା ଓଡି ୧୧ ଜି ୯୦୯୬ ନମ୍ବର ବିଶିଷ୍ଟ ଡମ୍ଫରକୁ ଜବତ କରିଥିବା ବେଳେ ଏହାର ଚାଳକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଜବତ ଗାଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଥିବା ବେଳେ ଗାଡ଼ିଗୁଡ଼ିକ ସୋର ତହସିଲ ପରିସରରେ ରଖାଯାଇଛି। ଚଢ଼ଉ ହେଉଥିବା ଜାଣିପାରି ଅନେକ ଗାଡ଼ି ରାସ୍ତା ବଦଳାଇ ଫେରାର ହୋଇଯାଇଥିଲେ।

## ରାସ୍ତାକୁ ମାଡ଼ିବସିଛନ୍ତି ଅଣଓଡ଼ିଆ; ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ

ନୀଳଗିରି, ୧୦।୧୦(ସମିସ): ଦେଶକୁ ସୁରକ୍ଷା କରିବାପାଇଁ ପ୍ରତିରକ୍ଷା ବିଭାଗ ପକ୍ଷରୁ ବାଲେଶ୍ୱର ଜିଲ୍ଲାର ନୀଳଗିରିରେ ବହୁ ବର୍ଷ ପୂର୍ବରୁ ରାଡାର୍ ସ୍ଥାପନ କରାଯାଇଛି। ପରିସରର ମୁଖ୍ୟରାସ୍ତାକୁ କିଛି ଅଣ ଓଡ଼ିଆ ମାଡ଼ି ବସିଥିବା ବେଳେ ପ୍ରତିରକ୍ଷା ବିଭାଗର ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଅସୁବିଧାରେ ସମ୍ମୁଖୀନ ହେଉଥିବାର ସୂଚନା ମିଳିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଭିଯୋଗ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଚିଠିମୂଳେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନସହ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୂଳେ ନିଳଗିରି ତହସିଲଦାର ସୋନମ୍ ଦାସ, ଏସ୍‌ଡିପିଓ ପ୍ରମୋଦ କୁମାର ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ୭ଟି ଅଣ ଓଡ଼ିଆ ପରିବାର ଅବରୋଧ କରିଥିବାର ଦେଖିବାକୁ ପାଇଥିଲେ। ଏସବୁ ତଦନ୍ତ ରିପୋର୍ଟ ସରକାରଙ୍କୁ ଅବଗତ କରାଇବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।



## ଲକ୍ଷାଧିକ ଟଙ୍କା ସମେତ ଅଳଙ୍କାର ଚୋରି



ସୋର, ୧୦।୧୦(ସମିସ): ସୋର ଥାନା ଦାଣ୍ଡ ହରିପୁର ପଞ୍ଚାୟତ ଆରୁହା ଗ୍ରାମରେ ଶୁକ୍ରବାର ଅପରାହ୍ଣରେ ଘରେ କେହି ନ ଥିବା ବେଳେ ଗଡ଼ରେଜ ଭାଙ୍ଗି ନଗଦ ଟଙ୍କାସହ ସୁନାଗହଣା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅପରାହ୍ଣରେ ଗ୍ରାମର କମଳାକାନ୍ତ ମହାନ୍ତିଙ୍କ ସ୍ତ୍ରୀ ମମତା ମହାନ୍ତି ନିକଟସ୍ଥ ଦେଢ଼ଶୁରଙ୍କ ଘରକୁ ଯାଇଥିଲେ। ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତ ମାନେ ତାଙ୍କ ଘରେ ପଶି ଦୁଇଟି ଗଡ଼ରେଜ ଚାବି ଭାଙ୍ଗି ସେଥିରେ ଥିବା ୩୦ ଗ୍ରାମର ଏକ ରାଣୀହାର, ୧୩ ଗ୍ରାମର ଏକ ହଳ କାନଫୁଲ, ୧୦ ଗ୍ରାମର ଏକ ସୁନା ଚେନ, ପଲା ଏକ ହଳ, ଛଅ ହଳ ସୁନା କାନ ଟପ ସମେତ ନଗଦ ୧ ଲକ୍ଷ ୪୦ ହଜାର ଚୋରି କରି ନେଇ ଫେରାର ହୋଇଯାଇଥିଲେ। ପରେ ମମତା ଘରକୁ ଫେରିବା ପରେ ଘର କବାଟ ଖୋଲା ଥିବା ସହିତ ଗଡ଼ରେଜ ଚାବି ଭଙ୍ଗା ଯାଇଥିବା ଦେଖି ସାଉଡ଼ ଫାଣ୍ଡିକୁ ଖବର ଦେଇଥିଲେ। ଖବର ପାଇ ସାଉଡ଼ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ତେବେ ଖବର ଲେଖା ପର୍ଯ୍ୟନ୍ତ ସୋର ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ଅବସରପ୍ରାପ୍ତ ଶିକ୍ଷାବିତଙ୍କୁ ସମ୍ବର୍ଦ୍ଧନା



ଲଙ୍ଗଳେଶ୍ୱର, ୧୦।୧୦(ସମିସ): ବାଲିଆପାଳ ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ରତାଇ ସତ୍‌ସଙ୍ଗ ବିହାର ପରିସରରେ ଅବସରପ୍ରାପ୍ତ ଶିକ୍ଷାବିତ ନିଆସୀ ଚରଣ ବେହେରା, ଭୂପତି ଚରଣ ପ୍ରମାଣିକ, ବାବୁରାମ ପ୍ରଧାନ, ଭଗବାନ ଚନ୍ଦ୍ର ପରିଡ଼ାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସଭାରେ ଶ୍ରୀକାନ୍ତ ଜେନା ସଭାପତିତ୍ୱ କରିଥିଲେ। ଅତିଥି ଭାବରେ ରାଖାଲ ଚନ୍ଦ୍ର ଦାସ, ସୁଧାସିନ୍ଧୁ ସାହୁ, ଶମ୍ଭୁନାଥ ପାଣିଗ୍ରାହି, ପଞ୍ଚାନନ ପ୍ରଧାନ, କେଶବ ଚନ୍ଦ୍ର ବାରିକ, ଅନାଦି ଚରଣ ପ୍ରଧାନ, ନଗେନ୍ଦ୍ର ନାଥ ଦଣ୍ଡପାଟ, ଗଙ୍ଗାଧର କୁହ୍ଲାରୀ, ପୁରୁଷୋତ୍ତମ ମାଝୀ, ମନ୍ମଥ କୁମାର ସାହୁ, ବନବିହାରୀ ଦାସ ଅଧିକାରୀ, କମଳାକାନ୍ତ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ନରସିଂହ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକର ବିଭିନ୍ନ ସ୍ଥାନରୁ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

**କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ**

## ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣ ପରିପ୍ରକାଶ କରିଥାଏ 'ସୁରଭି'





ବାଲିଆପାଳ, ୧୦।୧୦(ସମିସ)

ବାଲିଆପାଳ ବ୍ଲକ ଶ୍ରୀରାମପୁର ସ୍ଥିତ ଶଙ୍କର ନାଥ ସରକାରୀ ଉ.ପ୍ରା. ବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନରେ ଖାଳମୁହାଣୀ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖାଳମୁହାଣୀ କ୍ଲଷ୍ଟରରେ ୧୭ଟି ବିଦ୍ୟାଳୟରୁ ୨୦୦ରୁ ଅଧିକ ପିଲା 'ସୁରଭି' କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସିଆରସିସି ପାର୍ଥ ସାରଥି ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ 'ସୁରଭି' କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀଙ୍କର ଅନ୍ତର୍ନିହିତ ଗୁଣର ପରିପ୍ରକାଶ ହୋଇପାରୁଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁଲତା ମହାପାତ୍ର, ଶିକ୍ଷାବିତ ଯୁଗଳ କିଶୋର ପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ ଭୂବନ ମୋହନ ପାତ୍ର, ପରିଚାଳନା କମିଟିର ସଭାପତି ଜୟନାରାୟଣ ଜେନା ପ୍ରମୁଖ ଯୋଗଦେଇଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଛନ୍ତି ବୋଲି ସିଆରସିସି କହିଛନ୍ତି। ଶିକ୍ଷକ ବିଜୟ କୁମାର ବାରିକ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ କମିଟିର ସଦସ୍ୟ ନିଶିଥ କୁମାର ଦେ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଅନାଦି ଚରଣ ଦେ, ନିଶିଥ କୁମାର ପାଳ, ରତିକାନ୍ତ ଜେନା, ମଙ୍ଗଳ ମାଝୀ, ସୁମିତ୍ରା ସିଂହ, କରିସ୍ମା ଜେନା ପ୍ରମୁଖ ସହଯୋଗ କରିଥିଲେ।

**ବାଲିଆପାଳ:** ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତସ୍ଥିତ ଡାଙ୍ଗରପଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ବଡ଼ାପାଳ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ଥିବା ୧୩ଟି ବିଦ୍ୟାଳୟରୁ ୨୦୦ ଶହରୁ ଅଧିକ ପିଲା ଭାଗନେଇଥିଲେ। ପ୍ରଥମ ଅଧିବେଶନରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମରଞ୍ଜନ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅସ୍ତିର ପୂର୍ବତନ ସରପଞ୍ଚ ଶରତ ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆରସିସି ପବନ କୁମାର ଦେ, ବଂଶୀଧର ନାୟକ, ସିଆରସିସି ତପନ କୁମାର ରାଉଳ, ଶିକ୍ଷକ ନେତା ପୂର୍ଣ୍ଣେନ୍ଦୁ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ଅସ୍ତି ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ହରେକୃଷ୍ଣ ଜେନା ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। କୃତିତ୍ୱ ହାସଲ କରିଥିବା ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ବ୍ଲକସ୍ତରୀୟ 'ସୁରଭି'ରେ ଭାଗନେବେ ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ସୂଚନା ଦେଇଛନ୍ତି। ଶିକ୍ଷୟିତ୍ରୀ ରଶ୍ମିତା ସି ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମୃତ୍ତିକା ସଂରକ୍ଷଣ ଅଣଗେଜେଟେଡ୍ କ୍ଷେତ୍ର କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ



**କେନ୍ଦୁଝର, ୧୦।୧୦(ସମିସ):** କେନ୍ଦୁଝର ଜିଲ୍ଲା ମୃତ୍ତିକା ସଂରକ୍ଷଣ ଅଣଗେଜେଟେଡ କ୍ଷେତ୍ର କର୍ମଚାରୀ ସଙ୍ଘର ବୈଠକ ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଶୁଆକାଟି ପିଆଇଏ କାର୍ଯ୍ୟାଳୟ ଜିଲ୍ଲା ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହେଇଛି। ଏହି ଅବସରରେ ନୂତନ ପଦୋନ୍ନତ ଏସଇଓ ଏବଂ ଯୋଗଦେଇଥିବା ଏସଇଡବ୍ଲୁ ଓ ଏସଇଓଙ୍କୁ ସ୍ୱାଗତ କରାଯାଇଥିଲା। ଅନ୍ୟତ୍ର ବଦଳି ଏସଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଂଘର ସଭାପତି ଭାବେ ଶିବପ୍ରସାଦ ଦାସ, ସମ୍ପାଦକ ରୋହିତ କୁମାର ନାଏକ, କୋଷାଧକ୍ଷ ରାଜେନ୍ଦ୍ର କୁମାର ଧଳଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଉପଦେଷ୍ଟାମଣ୍ଡଳୀରେ ସଞ୍ଜୀବ ସେଠୀ, ରାଧାଶ୍ୟାମ ବଳ, ସେନାଲି ସିଂ, ବିଶ୍ୱଜିତ୍ ନାୟକଙ୍କୁ ମନୋନୀତ କରାଯାଇଛି। ନଭେମ୍ବର ୨୩ରେ ପୁରୀ ଟାଉନହଲରେ ରାଜ୍ୟସଂଘର ସମ୍ମିଳନୀ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଅଂଶଗ୍ରହଣ ପାଇଁ ୧୦ ଜଣଙ୍କୁ ମନୋନୀତ କରାଯାଇଛି। ଅଣଗେଜେଟେଡ କ୍ଷେତ୍ର କର୍ମଚାରୀ ସଂଘକୁ ପ୍ରତି ଅସହଯୋଗ ମନୋଭାବ ରହିଲେ ଆଗାମୀ ଦିନରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ସଦସ୍ୟ କିମ୍ବା ସଦସ୍ୟା ପଞ୍ଜୀକରଣ କଲେ ସଂଘକୁ ଅବଗତ କରାଯିବାକୁ କୁହାଯାଇଛି। ସଂଘର ପରବର୍ତ୍ତୀ ସଭା ସାହାରପଡାରେ ଆୟୋଜନ ହେବ ବୋଲି ଜଣାପଡିଛି। ଶିବପ୍ରସାଦ ଦାସ, ରୋହିତ ନାଏକ, ରାଜେନ୍ଦ୍ର ଧଳ, ଅରବିନ୍ଦ ନାଏକ, ଅରୁଣ ସିଂ, ସିପୁନ ନାଏକ, ସଂଘମିତ୍ରା ମହାପାତ୍ର, ଲୋକନାଥ ସେଠୀ, ସୁମନ୍ତ ସେଠୀ, ରାଧାଶ୍ୟାମ ପାଲ୍, ସଞ୍ଜୀବ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ମଦନପୁର କ୍ଲଷ୍ଟରସ୍ତରୀୟ 'ସୁରଭି'



**ବେଲବାହାଲି, ୧୦।୧୦(ସମିସ):** ଘସିପୁରା ବ୍ଲକ ମଦନପୁର ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସିଆରସିସି ଆଲୋକ ରଞ୍ଜନ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ମଦନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେଶ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ହିମାଂଶୁ ଶେଖର ଜେନା, ମୁଖ୍ୟବକ୍ତା ଭାବେ ବଂଶୀଧର ବିଦ୍ୟାପୀଠ ପ୍ରଧାନଶିକ୍ଷକ ରକ୍ଷାକର ଦାସ, ସମ୍ମାନିତ ଅତିଥି ମା' ବାରମାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲୀପ ସାହୁ, ସ୍ୱତନ୍ତ୍ର ଅତିଥି ଭାବରେ ଶିକ୍ଷକ ସଂଘ ସଭାପତି ଉମାକାନ୍ତ ଜେନା, ବିଚାରକ ଭାବରେ ଗୋପୀନାଥପୁର ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଣ୍ଡଳ ପଣ୍ଡା, ମହୁଲପଶି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶାନ୍ତନୁ ରାଉତ ଯୋଗ ଦେଇଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗରେ ତର୍କ, ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ, ସୃଜନଶୀଳ ଲେଖନ, ସଙ୍ଗୀତ, ନୃତ୍ୟ ଓ ସାଧାରଣ ଜ୍ଞାନ ଆଦି ବିଭିନ୍ନ ବିଷୟରେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଶିକ୍ଷକ ମାନସ ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଶିକ୍ଷକଶିକ୍ଷୟିତ୍ରୀ ପ୍ରଜ୍ଞାପର୍ଣ୍ଣା ଖମାରୀ, ମମତା ମଞ୍ଜରୀ ଚକ୍ର, ରଶ୍ମିତା ଦାସ, ସୁବଧାସୁଚିସ୍ମିତା ଚକ୍ର, ଡାଇନା ମୁଦୁଲି, ବିଚିତ୍ରାନନ୍ଦ ସା ସହଯୋଗ କରିଥିଲେ।

# ଅପରାଧୀଙ୍କୁ ରାସ୍ତା ମଝିରେ ପରେଡ୍ କରାଇଲା ପୁଲିସ

**ଯୋଡ଼ା, ୧୦।୧୦(ସମିସ):**



କେନ୍ଦୁଝର ଜିଲ୍ଲା ଯୋଡ଼ାସ୍ଥିତ ପୂର୍ବତନ ବିଧାୟକ ଜିତୁ ପଟନାୟକଙ୍କ କିଡ୍ ଜି ସ୍କୁଲ ଭିତରେ ଚୌକିଦାରଙ୍କ ହାତ ଓ ମୁହଁ ବାନ୍ଧି ଡକାୟତି ଉଦ୍ୟମ ଘଟଣାରେ ପୁଲିସ ଏପର୍ଯ୍ୟନ୍ତ ୧୧ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୂର୍ବରୁ ପାଞ୍ଚ ଜଣ ଏହି ଘଟଣାରେ ଗିରଫ ହୋଇଥିଲେ। ଆଜି ଆଉ ଛଅ ଜଣଙ୍କୁ ଗିରଫ କରି ଯୋଡ଼ା ବଜାରରେ ପରେଡ୍ କରାଇଛି। ଅଭିଯୁକ୍ତଙ୍କଠାରୁ ପୂର୍ବରୁ ଯୋଡ଼ା ମାଉଜର ଏବଂ ବ୍ୟବହୃତ ବ୍ୟାଗକୁ ଜବତ କରିଥିଲା।

- **ଜିତୁ ପଟନାୟକ କିଡଜି ସ୍କୁଲ ଡକାୟତି ଉଦ୍ୟମ ଘଟଣା**
- **ଆଉ ୬ ଗିରଫ, ଗିରଫ ସଂଖ୍ୟା ୧୧, ରିମାଣ୍ଡରେ ଆସିବେ ୪**

ପୁଲିସ ଡକାୟତି ଘଟଣାରେ ବ୍ୟବହୃତ ହୋଇଥିବା ଏକ ବୋଲେରୋ (ଓଡି୦୯ ଏ୫୧୨୫) ସହ ଦୁଇଟି ଲୁହାରଡ, ଗୋଟିଏ ଖଣ୍ଡା, ଗୋଟିଏ କଟର ମେସିନ, ୧୦ଟି ହାତ

ଏକ ସ୍ୱତନ୍ତ୍ର ଟିମ ଏହି ଘଟଣାରେ ବିଭିନ୍ନ ସ୍ଥାନରୁ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ଥାନା କନିକା ଗ୍ରାମର ଆନନ୍ଦ ବେହେରା, ଯୋଡା ବିଆଇଏଲ କଲୋନୀର ମାନସ ରଞ୍ଜନ ଦାସ, ଝାଡ଼ଖଣ୍ଡ ରାଜ୍ୟ ମଝୀଗାଆଁ ଥାନା କୁରପୋଷି ଗ୍ରାମର ସାହିଦ ଆଫ୍ରିଦି, ଜାମିର ହୁସେନ ଓ ସେମିଉଲ ଆନସାରୀ। ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡା ଆଇଆଇସି ପ୍ରଶାନ୍ତ ସାମଲ ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଘଟଣାର ପର୍ଦ୍ଦାଫାସ କରିଛନ୍ତି।

ଅନ୍ୟପକ୍ଷରେ, ସଂପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ କେନ୍ଦୁଝର ଟାଉନ ଥାନା ପୁଲିସ ଶୁକ୍ରବାର ନରଣପୁର ବ୍ୟାଙ୍କ ଡକାୟତି ମାମଲାରେ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମୟୂରଭଞ୍ଜ ଜିଲ୍ଲା ଘାଗରବେଡ଼ା ଥାନା ଛେଳିଆନାଳି ଗ୍ରାମର ଗଣେଶ ଓରଫ ବିଶ୍ୱଜିତ୍ ଗିରି, ରରୁଆଁ ଥାନା ଉତ୍ତରପୋଷୀ ଗ୍ରାମର ସୁବାଶିଷ ଗିରି, ଯୋଡା ଦିପୁ ହଟିଂର ନିର୍ମଳ ପ୍ରଧାନ, ବଡ଼ବିଲ ଠାକୁରାଣୀ ବସ୍ତିର ରଞ୍ଜନ ପଲେଇ। ଏମାନେ କିଡଜି ସ୍କୁଲ ଡକାୟତି ଉଦ୍ୟମ ଘଟଣାରେ ସିଧାସଳଖ ସଂପୃକ୍ତ ଥିବାରୁ ଯୋଡା ପୋଲିସ ସେମାନଙ୍କୁ ରିମାଣ୍ଡରେ ଆଣିବ। ପୂର୍ବରୁ ଏହି ଘଟଣାରେ ପୁଲିସ ଗତ ୬/୧୦/୨୦୨୫ରେ ବଡ଼ବିଲ ସେରେଣ୍ଡା ଅଞ୍ଚଳର ଏମଡି ଆହେଶାମ, ବଡ଼ବିଲ ପିଏଚଡି ରଡ ଅଞ୍ଚଳର ରିଆଜ ଖାନକୁ ଗିରଫ କରିଥିଲା।

ଯୋଡ଼ାରେ ଅଭିଯୁକ୍ତଙ୍କୁ ଶୁକ୍ରବାର ପାଦରେ ଚଲାଇ ଚଲାଇ ଧରଣୀଧର ଛକରୁ ଲକ୍ଷ୍ମୀ ମନ୍ଦିର ପର୍ଯ୍ୟନ୍ତ ନେଇଥିଲା। ଏସଡିପିଓ ପିଙ୍ଗୁଆ କହିଛନ୍ତି ଯେ ସମାଜକୁ ଅପରାଧମୁକ୍ତ କରିବା ପାଇଁ ଏହି ଜନସାଧାରଣଙ୍କୁ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ଏହି ପ୍ରଦର୍ଶନ କରାଯାଇଥିଲା। ଗତ ୨୮/୯/୨୦୨୫ ବିଳମ୍ବିତ ରାତିରେ ଦୁଇ ଜଣ ଚୌକିଦାରଙ୍କୁ ବନ୍ଧୁକ ମୁନରେ ଭୟଭୀତ କରିବା ସହିତ ମୁହଁ ଓ ହାତରେ କପଡା ବାନ୍ଧି ସ୍କୁଲର ତାଲା ଭାଙ୍ଗି ଡକାୟତି ଉଦ୍ୟମ କରିଥିଲେ। ଜଣେ ଚୌକିଦାର ଖସି ଯାଇ ଚିତ୍କାର କରିବାରୁ ସେମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ।

# ଆଇନସେବା ପ୍ରାଧିକରଣ-ସମିତି ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

**କେନ୍ଦୁଝର/ଆନନ୍ଦପୁର, ୧୦।୧୦(ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ସୌଜନ୍ୟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହଠାରେ ସ୍ୱାସ୍ଥ୍ୟ ବିଭାଗ ସହାୟତାରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରା, ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଇ ବିଘ୍ନେଶ୍ୱର ରାଓ, ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗ ଦେଇଥିଲା ବେଳେ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସୁଶାନ୍ତ ମାଝୀ, ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ, ଆରକ୍ଷୀ ପରିଦର୍ଶକ ପ୍ରଫୁଲ୍ଲ ବାର୍ଲା, ପୁଷ୍ପାଞ୍ଜଳି ନାୟକ, ସ୍ୱାସ୍ଥ୍ୟ ବିଭାଗର ପୂର୍ଣ୍ଣମାସୀ ପଣ୍ଡା, ଆଇନଜୀବୀ ସୁନୀଲ ମହାନ୍ତ, ଅର୍ଚ୍ଚନା ଦାଶ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ସଭା ପରିଚାଳନା କରିଥିଲେ। ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପରିଚାଳିତ ଆଶ୍ରୟର ଅନ୍ତେବାସୀ ସେମାନଙ୍କ ସଫଳତା ପ୍ରକାଶ କରିଥିବାବେଳେ ଏହାର ସଂଯୋଜକ ଜଟାଧାରୀ ମହାନ୍ତ ବକ୍ତବ୍ୟ ରଖିଥିଲେ। ସ୍ୱାସ୍ଥ୍ୟ ବିଭାଗର ତାଲିମ ଗ୍ରହୀତା, ପାରା ଆଇନ ସ୍ୱେଚ୍ଛାସେବୀ, ଆଇନସେବା ପ୍ରାଧିକରଣ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସହଯୋଗ କରିଥିଲେ। ପ୍ରଭାତରୁ ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ରାଲି ନଗର ପରିକ୍ରମା କରିଥିଲା ବେଳେ ରୋଗୀ ଏବଂ ଅନ୍ତେବାସୀଙ୍କୁ ଫଳ ପ୍ରଦାନ କରାଯାଇଥିଲା।

**ଆନନ୍ଦପୁର:** ଆନନ୍ଦପୁର ତାଲୁକ୍ ଆଇନ୍ ସେବା ସମିତି ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଖଣ୍ଡ ଚିକିତ୍ସାଳୟରେ ସଭାଗୃହରେ ପାଳିତ ହୋଇଯାଇଛି। ତାଲୁକ୍ ଆଇନସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ଦାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଆନନ୍ଦପୁର ଉପଖଣ୍ଡର ନ୍ୟାୟିକ ବିଚାରପତି ଗୌରିଶଙ୍କର ପଣ୍ଡା, ପ୍ରଥମଶ୍ରେଣୀ ନ୍ୟାୟିକ ବିଚାରପତି ଯଶସ୍ୱିନୀ ମହାପାତ୍ର, ଓକିଲ ସଂଘର ସଭାପତି ଦୟାନିଧି ଦାଶ, ସ୍ୱତନ୍ତ୍ର ସରକାରୀ ଅଧିବକ୍ତା ବାଇଧର ସେଠୀ, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଦାଶ, ଶିଶୁ ବିଶେଷଜ୍ଞ ଡା. ଅମର ବେହେରା, ଆଇନଜୀବୀ ଭାଗୀରଥୀ ଦାଶ, ସମାଜସେବୀ ବୁଲୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉପଖଣ୍ଡ ଚିକିତ୍ସାଳୟର କର୍ମଚାରୀମାନେ ସହଯୋଗ କରିଥିଲେ। ଏହି ଅବସରରେ ଶିଶୁ ୱାର୍ଡରେ ଥିବା ରୋଗୀଙ୍କୁ ଫଳ ବିତରଣ କରାଯାଇଥିଲା।

# ସାମୂହିକ ହନୁମାନ ଚାଳିଶା ପାଠ

**ଆନନ୍ଦପୁର,୧୦।୧୦ (ସମିସ):** ଆନନ୍ଦପୁରରେ ବଜରଙ୍ଗ ସେନା ପକ୍ଷରୁ ସାମୂହିକ ହନୁମାନ ଚାଳିଶା ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ରଣବୀରପଟେରିଆଙ୍କ ଆହ୍ୱାନକ୍ରମେ ରାଜ୍ୟ ବଜରଙ୍ଗ ସେନା ସଭାପତି ଗଣେଶ୍ୱର ମହାନ୍ତିଙ୍କ ସଂଯୋଜନାରେ ଆନନ୍ଦପୁର ପୌର ପରିଷଦ ଅନ୍ତର୍ଗତ ମୁକ୍ତିତୀର୍ଥ ଆନନ୍ଦଧାମରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିରରେ ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୧୦୮ ହନୁମାନ ଚାଳିଶା ପୁସ୍ତକ ଉପସ୍ଥିତ ସେନା କର୍ମକର୍ତ୍ତାଙ୍କୁ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଦେବରଞ୍ଜନ ସାହୁ, ମନରଞ୍ଜନ ସିଂ, ରୁଦ୍ର ରାଜ, ସଚିନ ମଲ୍ଲିକ, ରୁଦ୍ରନାରାୟଣ ସିଂ, ସମ୍ବିତ ଦାସ, ତାରିଣୀ ବେହେରା, ସାଇପ୍ରୀତମ ରଣାଙ୍କ ସମେତ ଅନେକ ହନୁମାନପ୍ରେମୀ ଭାଗ ନେଇଥିଲେ।

# ଶଙ୍କରପୁରରେ ଫୁଟ୍‌ବଲ ପ୍ରତିଯୋଗିତା



**ନାରଦପୁର,୧୦।୧୦(ସମିସ):** ଯୋଡ଼ା ବ୍ଲକ୍ ଚମକପୁର ପଞ୍ଚାୟତ ଶଙ୍କରପୁର ଖେଳପଡ଼ିଆରେ ଫୁଟବଲ ପ୍ରତିଯୋଗିତା ଶୁକ୍ରବାର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଚମକପୁର ସରପଞ୍ଚ ଶକୁନ୍ତଳା ନାଏକ, ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ଅର୍ଜୁନ ବେହେରା ଯୋଗ ଦେଇଥିଲେ। ଏହି ଖେଳ ୧୨ ତାରିଖରେ ଶେଷ ହେବ। ଏଥିରେ ବିଭିନ୍ନ ଅଞ୍ଚଳରୁ ଫୁଟବଲ ଦଳ ଅଂଶଗ୍ରହଣ କରୁଛନ୍ତି। କମିଟିର ସମସ୍ତ ସଦସ୍ୟ ସହଯୋଗ କରୁଥିବା ବେଳେ ଖେଳ ଦେଖିବାକୁ ବହୁ ଲୋକଙ୍କ ଭିଡ଼ ଜମୁଛି।

# ନବନିଯୁକ୍ତ ବିଜେଡି ବ୍ଲକ୍ ସଭାପତିକୁ ସମ୍ବର୍ଦ୍ଧନା



**ମୋରଡ଼ା,୧୦।୧୦ (ସମିସ):** ମୋରଡ଼ା ବ୍ଲକ ଚିତ୍ରଡା ପଞ୍ଚାୟତର ମାଉସୀ ମା' ମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ଶୁକ୍ରବାର ବିଜୁ ଜନତା ଦଳର ନବ ନିଯୁକ୍ତ ବ୍ଲକ ସଭାପତି ସଚ୍ଚିଦାନନ୍ଦ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବରିଷ୍ଠ ବିଜେଡି କର୍ମୀ କ୍ଷୀତିଶ ଚନ୍ଦ୍ର ମହାନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ରାଜକିଶୋର ଦାସ, ମୋରଡା ବ୍ଲକ ଅଧ୍ୟକ୍ଷ ପିଥନାଥ ସରେନ, ଜିଲ୍ଲା ପରିଷଦ ସଭ୍ୟା ଝରଣା ମୁର୍ମୁ,ମିନାକ୍ଷୀ ସରେନ, ସେକ ଇଦ୍ରୀଶ, ସଞ୍ଜୀବ କୁମାର ଦେ ପ୍ରମୁଖ ଯୋଗଦେଇ ନୂତନ ସଭାପତିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ତଥା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରୁ ଅଧିକ ସୁଦୃଢ କରିବା ଏବଂ ଦଳକୁ ଆଗାମୀ ଦିନରେ ବ୍ଲକରେ ଏକ ନମ୍ବର କରିବା ପାଇଁ ଉଦ୍ୟମ ଜାରି ରଖିବେ ବୋଲି କର୍ମୀମାନେ ପ୍ରକାଶ କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ପଦଯାତ୍ରାକୁ ସଫଳ କରିବା ପାଇଁ କର୍ମୀଙ୍କୁ ପ୍ରାକ୍ତନ ବିଧାୟକ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ।

# ଗ୍ରାମାଞ୍ଚଳ ମଲିପାଟ ଫୁଟ୍‌ବଲ ଉଦ୍‌ଯାପିତ

**ଶରତ, ୧୦।୧୦(ସମିସ):** କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡିଆ ଗ୍ରାମ ପଞ୍ଚାୟତ ଅଧୀନ ମଲିପାଟ ଗ୍ରାମରେ ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଜ୍ଞାନଶକ୍ତି ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ୧୦ତମ ପାଦପେଣ୍ଟୁ ପ୍ରତିଯୋଗିତାରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଜାରିକା ମାର୍ଶାଲ ଏଫ.ସି ଫୁଟବଲ ଟିମ ଏବଂ ବେହେରା ମାର୍ଶାଲ ଏପ.ସି ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜାରିକା ମାର୍ଶାଲ ୪-୩ ଗୋଲରେ ଆଗୁଆ ହୋଇ ପ୍ରଥମ ପୁରସ୍କାର ଅର୍ଜନ କରିଥିଲେ। ଟୁଜିବି ଠାକୁରାସାହି ତୃତୀୟ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ବାଉଁଶଗଡିଆ ଫୁଟବଲ ଟିମ ଚତୁର୍ଥ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଶରତ ବିକାଶ ମଞ୍ଚ ସଭାପତି ଗାମାଏ ରୀମିଲ ସିଂ ଗୋଇପାଇ, ସମାଜସେବୀ ଖଜୁରୀ ସିଂ, ଶିକ୍ଷକ ବାଗୁନ ଜାରିକା, କେଦାର କାଲୁଣ୍ଡିଆ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ କୃତୀ ଦଳକୁ ପୁରସ୍କୃତ କରିଥିଲେ।



# ଚୋରି କରୁଥିବାବେଳେ ଫେରିବାଲାକୁ ବାନ୍ଧି ପୁଲିସ ଜିମା ଦେଲେ ଲୋକେ

**ରାଇରଙ୍ଗପୁର,୧୦।୧୦(ସମିସ):** ରାଇରଙ୍ଗପୁର ପୌରପରିଷଦ ୧୩ ନଂ ୱାର୍ଡର ସିଗନାଲ୍ ସାହିରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ଚୋରି କରୁଥିବା ଦୁର୍ବୃତ୍ତଙ୍କୁ ଲୋକେ ଧରି ଖୁଣ୍ଟରେ ବାନ୍ଧି ପୁଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ ସିଗନାଲ ସାହିର ଏକ ପରିବାର ଦଶାହ କାର୍ଯ୍ୟରେ ବାହାରକୁ ଯାଇଥିବାବେଳେ ଘରେ ଜଣେ ନାବାଳକ ଥିଲେ। ଏହାର ସୁଯୋଗ ନେଇ ଏକ ଫେରିବାଲା ଜିନିଷ ବିକ୍ରି କରିବା ଆଳରେ ଘରେ କେହିନଥିବା ଜାଣି ପଶି ଚୋରି କରୁଥିବା ସମୟରେ ନାବାଳକ ଜଣକ ପଡୋଶୀଙ୍କୁ ଡାକିଥିଲା। ପରେ ପଡୋଶୀମାନେ ପହଞ୍ଚି ଫେରିବାଲାକୁ ଖୁଣ୍ଟରେ ବାନ୍ଧି ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଥିଲା। ଚୋର ଜଣକ ମୁର୍ସିଦାବାଦର ଫେରିବାଲା ବୋଲି ଜଣାପଡିଛି।

# ନୂତନ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଖୁଣ୍ଟି, ୧୦।୧୦(ସମିସ):** ଶୁକୁଳି ବ୍ଲକ ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ହେଲା ଖାଲି ପଡିଥିବା ପ୍ରଧାନ ଶିକ୍ଷକ ପଦ ପୂରଣ ହୋଇଛି। ଶରତ ଚନ୍ଦ୍ର ଘଣା ପ୍ରଧାନଶିକ୍ଷକଭାବେ ଯୋଗଦାନ କରି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ପାତ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପୂର୍ବରୁ ସେ ତିରିଂ ବ୍ଲକ ଜିରେଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଯୋଗଦାନ ଅବସରରେ ସ୍କୁଲର ଜ୍ୟୋତ୍ସ୍ନାମୟୀ ପାତ୍ର, ସୁଲୋଚନା ନାଏକ, ସସ୍ମିତା ସାହୁ, ରହିତ୍ ରୋସନ ମହାନ୍ତ, କଳ୍ପନା ହେମ୍ବ୍ରମ, ବୀଣାପାଣି ଖୁଣ୍ଟିଆ, କୁମାର ସିଂ ତିରିଆ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଯୁବ ସାମ୍ବାଦିକ ଅଭିଷେକ ପାଣିଗ୍ରାହୀ ମଧ୍ୟ ଶ୍ରୀ ଘଣାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।



# ଗଛକୁ ଧକ୍କାଦେଲା ସ୍କୁଟି; ଜଣେ ମୃତ

**ବଡ଼ସାହି,୧୦।୧୦(ସମିସ):** ବଡ଼ସାହି ଥାନା ଅଧୀନ ଶିଆଳିଘାଟୀ ପଞ୍ଚାୟତ ବଣତାଳପଦା ଗ୍ରାମର ଶରତ ଚନ୍ଦ୍ର ବେହେରା ଓରଫ ଟୁନା ସ୍କୁଟିରେ ବାରିପଦା ଯାଉଥିଲେ। ଆହାରୀ ଜଙ୍ଗଲ ରାସ୍ତାର ଏକ ବାଙ୍କରେ ଭାରସାମ୍ୟ ହରାଇ ସେ ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ସାଙ୍ଗରେ ଥିବା ତାଙ୍କ ନାତୁଣୀ ଅଳ୍ପକେ ବର୍ତ୍ତି ଯାଇଛି।

# ନୂଆଗାଁରେ ବାର୍ଷିକ ଛଉ ନୃତ୍ୟ

**ମୋରଡା,୧୦।୧୦(ସମିସ):** ମୋରଡା ବ୍ଲକ ଅନ୍ତର୍ଗତ ନୂଆଗାଁ ଗ୍ରାମପଞ୍ଚାୟତ ନୂଆଗାଁ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ବାର୍ଷିକ ଛଉ ନୃତ୍ୟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନୂଆଗାଁ ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ ତରଫରୁ ମାଖନ ଚୋରି, ଶ୍ରୀରାମଙ୍କ ଗଙ୍ଗା ପାରି, ବନବାସୀ, ଗୋପଦାଣ୍ଡରେ ଧୂଳି ଖେଳ ଓ ମୂଳିଆ ଆଦି ନୃତ୍ୟ ପରିବେଷଣ କରାଯାଇଥିଲା। ତେବେ ଅନୁଷ୍ଠାନର ସଭାପତି ଗିରୀଶ ମହାନ୍ତ, ସମ୍ପାଦକ ତ୍ରିଲୋଚନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଛଉ ନୃତ୍ୟ ଆୟୋଜନ କରାଯାଇଥିଲା। ଛଉ ନୃତ୍ୟ ଗୁରୁବିଜୟ କୁମାର ବିନ୍ଧାଣି, ସରୋଜ କୁମାର ମହାନ୍ତ ମଞ୍ଚ ପରିଚାଳନା କରିଥିଲେ।

# ଦୁଇ ବିଦ୍ୟାର୍ଥୀଙ୍କୁ ଅନାଥ ପ୍ରମାଣପତ୍ର ପ୍ରଦାନ

**ବିଶୋଇ,୧୦।୧୦ (ସମିସ) :** ମୟୂରଭଞ୍ଜ ଜିଲ୍ଲାର ଦୁଇ ଆଦିବାସୀ ମେଧାବୀ ବିଦ୍ୟାର୍ଥୀଙ୍କୁ ଜିଲ୍ଲାପାଳ ହେମାକାନ୍ତ ସଏ ଅନାଥ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ପ୍ରଥମ କରି ଏହି ଦୁଇ ବିଦ୍ୟାର୍ଥୀଙ୍କୁ ଜିଲ୍ଲାପାଳଙ୍କ ପକ୍ଷରୁ ଅନାଥ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦୁଇ ଛାତ୍ରଛାତ୍ରୀ ଏହି ପ୍ରମାଣପତ୍ର ପାଇ ଆଗାମୀ ଦିନରେ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ ହେବାସହିତ ଉଚ୍ଚ ଶିକ୍ଷା ଗ୍ରହଣରେ ଆର୍ଥିକ ସହାୟତା ସୁଯୋଗ ପାଇବେ। ସୂଚନାଯୋଗ୍ୟ ଯେ, ବିଶୋଇ ବ୍ଲକର ରାଧାନଗର ଗ୍ରାମର ଚାନ୍ଦମଣି ବାରଦା ଏବଂ ଉଦଳା ଅଞ୍ଚଳର ଯନ୍ତ୍ରୀଡା ଗ୍ରାମର ଭକ୍ତିପ୍ରସାଦ ନାଏକ ଜିଲ୍ଲାପାଳଙ୍କଙ୍କଠାରୁ ଏହି ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ଏବେ ଦୁଇ ଛାତ୍ରଛାତ୍ରୀ ଯୁକ୍ତ ୩ ପ୍ରଥମ ବର୍ଷରେ ଅଧ୍ୟୟନ କରୁଛନ୍ତି। ଏହି ପ୍ରମାଣପତ୍ର ପାଇବା ଦ୍ୱାରା ଏହି ଦୁଇ ଛାତ୍ରଛାତ୍ରୀ ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ ଆବେଦନ କରି ବାର୍ଷିକ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପାଇପାରିବେ। ଜିଲ୍ଲା ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ପ୍ରୋଗ୍ରାମ ଅଫିସର ସସ୍ମିତା ମହାନ୍ତି, ବିଶୋଇ ସିଡିପିଓ ବିଟୁ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ।



**ଆଗକୁ ଦୀପାବଳି; ବାରୁଦ ଗଦାରେ ବାଛୁରୀପଡା**

# ନିର୍ମାଣାଧୀନ ସରକାରୀ ଘର ପାଲଟିଛି ଗୋଦାମ

**ବାରିପଦା, ୧୦।୧୦(ସମିସ):**

ଆଗକୁ ଦୀପାବଳି। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଶିବକାଶୀ ଭାବେ ପରିଚିତ ବୈଶିଙ୍ଗା ଥାନା ବାଛୁରୀପଡା ଗ୍ରାମ ଏବେ ବାରୁଦଗଦାରେ ରହିଛି। ଗତ ତିନି ବର୍ଷରେ ବାଣ ବ୍ୟବସାୟରେ ସମ୍ପୃକ୍ତ ୩ ଜଣ ଗ୍ରାମବାସୀଙ୍କ ଜୀବନ ଗଲା ପରେ ମଧ୍ୟ ଚେତୁନାହାନ୍ତି ଗ୍ରାମବାସୀ। ସୂଚନା ଅନୁସାରେ ଗାଁରେ ବାଛୁରୀପଡା ଗାଁରେ ୩୬ଟି ସ୍ଥାନରେ ବେଆଇନ ବାଣ ତିଆରି ସହିତ ବିକ୍ରି ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାରର ଚୋରା ବାଣ ମହଜୁଦ ରହିଥାଏ। ସରକାରୀ ଭାବେ ଏହି ଗ୍ରାମର ୨ଜଣ ବାଣ ତିଆରି ପାଇଁ ଲାଇସେନ୍ସ ପ୍ରାପ୍ତ; ପରନ୍ତୁ ଗାଁରେ ବାଣ ତିଆରି କୁଟୀର ଶିଳ୍ପ। ଜନବସତିଠାରୁ ଦୂରରେ ଏ ସମସ୍ତ କାର୍ଯ୍ୟକଳାପ ପାଇଁ ନିୟମ ଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ଗାଁରେ ଏକ ସ୍କୁଲ ମଧ୍ୟ ରହିଛି। ଏଣୁ ବେଆଇନ ବାଣ ତିଆରି ଓ ବିକ୍ରି ବନ୍ଦ ପାଇଁ ପୂର୍ବରୁ ଗ୍ରାମର ଲୋକେ ୨ବର୍ଷ ତଳେ ପୁଲିସ ଓ ପ୍ରଶାସନଙ୍କୁ ଜଣାଇଥିଲେ। ହେଲେ ଫଳ ଶୂନ। ଗତ ୫ ତାରିଖରେ ବାଣ ବିସ୍ଫୋରଣ ହେବା ଯୋଗୁଁ ଗୋଟିଏ ପରିବାରର ୪ ଜଣ ଆହତ ହୋଇଥିଲେ ଏବଂ ୬ ତାରିଖ ଗୁରୁତର ଅନୀଲ ସାହୁଙ୍କ ମୃତ୍ୟୁ ଘଟିଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ ହେଉଥିବା ବନ ସୁରକ୍ଷା ସମିତି ଗୃହରୁ ୩୫ ବସ୍ତା ବାଣକୁ ବୈଶିଙ୍ଗା ପୁଲିସ ଜବତ କରିଥିଲା। ଏହି ଘଟଣାକୁ ନେଇ ପୁଲିସ ତରଫରୁ ବିଧିବଦ୍ଧ ତଦନ୍ତ କରାଯାଇ ପ୍ରକୃତ ଦୋଷୀ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ପାଇଁ ସାମ୍ବାଦିକ ବିମଳେନ୍ଦୁ ମହାପାତ୍ର ଏକ ଅଭିଯୋଗ ବୈଶିଙ୍ଗା ଥାନାରେ ଦାଖଲ କରିବା ପରେ ପୁଲିସ ଏକ ମାମଲା ରୁଜୁ କରିଛି। ଗ୍ରାମରେ ୮ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ "ବନ ସୁରକ୍ଷା ସମିତି' ନାମରେଏକ ଘର ନିର୍ମାଣ ହେଉଥିବା ଫଳକରେ ଦର୍ଶାଯାଇଛି। ଏହାର କାର୍ଯ୍ୟାଦେଶ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ସାହୁଙ୍କ ନାମରେ ଥିବା ବିଡିଓ ସୁଶାନ୍ତ ସୂତାର ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟଶ୍ରୀ ଭୋଇ ପ୍ରକାଶ କରିଥିଲେ। ତେବେ ଘରର କାର୍ଯ୍ୟ ସଂପୂର୍ଣ୍ଣ ହୋଇ ନଥିବାରୁ ବନ ସୁରକ୍ଷା ସମିତିକୁ ହସ୍ତାନ୍ତର କରାଯାଇ ନଥିବା କନିଷ୍ଠ ଯନ୍ତ୍ରୀ କହିଥିଲେ। ମାତ୍ର ଏହି ସରକାରୀ ଗୃହରେ କେମିତି ଓ କାହିଁକି ଏତେ ପରିମାଣରେ ବେଆଇନ ବାଣ ଲୁଚାଇ ରଖାଯାଇଥିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶାସକ ଦଳର ଜନୈକ ନେତା ଗୃହ ନିର୍ମାଣ କରୁଥିଲେ। କବାଟ ଓ ଗ୍ରୀଲ ଲାଗିଥିବା ଯୋଗୁଁ ଘରର ଚାବିକାଠି ତାଙ୍କ ପାଖରେ ଥିଲା। ତେବେ ସେଠାରେ ସରକାରୀ ଗୃହରେ ୩୫ ବସ୍ତା ତିଆରି ବାଣ ରଖାଯାଇଥିଲା ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ। ତେବେ ଏହି ଘଟଣାକୁ ଚପାଇ ଦେବା ପାଇଁ ପୁଲିସ ଉପରେ ଚାପ ପକାଯାଉଥିବା ଘଟଣା ଶୁଣିବାକୁ ମିଳୁଛି। ଅଭିଯୋଗକାରୀ ବିମଳେନ୍ଦୁ ମହାପାତ୍ର ଏହି ଘଟଣାର ବିଧିବଦ୍ଧ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେବା ପାଇଁ ଦାବି କରିଛନ୍ତି। ସୂଚନାଯୋଗ୍ୟ, କାଳୀପୂଜା ଓ ଦୀପାବଳି ପୂର୍ବରୁ ହୋଲସେଲ ବାଣ ବିକ୍ରି ୧୫ଦିନ ପୂର୍ବରୁ ସରିଯାଇଥାଏ। ସରକାରୀ ଭାବେ ମୟୂରଭଞ୍ଜ ଜିଲ୍ଲାରେ ମାତ୍ର ୭ଜଣ ଅଧିକୃତ ବିକ୍ରେତା ଓ ୨ଜଣ ବାଣତିଆରି ଅନୁମତି ପାଇଛନ୍ତି। ପରନ୍ତୁ ବାସ୍ତବରେ ଜିଲ୍ଲାରେ ବେଆଇନ ବାଣ କାରବାର ଓ ତିଆରି ବହୁସ୍ଥାନରେ ଚାଲିଛି। ପଡୋଶୀ ପଶ୍ଚିମବଙ୍ଗରେ ବାଣ ତିଆରି ସରକାରୀ ଭାବେ ବ୍ୟାନ ଥିବାରୁ ସେଠାକାର ବାଣ ତିଆରି କାରିଗର ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ ଶୁଳିଆପଦା, ମୋରଡା, ରାସଗୋବିନ୍ଦପୁର ଓ ବେତନଟୀ ବ୍ଲକର ବିଭିନ୍ନ ସ୍ଥାନରେ ଭଡା ନେଇ ବାଣ ତିଆରି କରୁଛନ୍ତି। ସେହିପରି ବଡସାହି ବ୍ଲକର ଭୀମିଦା ଅଞ୍ଚଳରେ ମଧ୍ୟ ବେଆଇନ ବାଣ ତିଆରି ସମୟରେ ମଧ୍ୟ ଗତ ମାସରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା।



# ସିବିଆଇ ପଞ୍ଝାରେ ଆରପିଏଫ୍ ଯବାନ



ରାଉରକେଲା, ୧୦।୧୦ (ସମିସ): ଚକ୍ରଧରପୁର ରେଳ ଡିଭିଜନ୍ ଅଧୀନ ବନ୍ଧମୁଣ୍ଡାରେ ଜଣେ ଅଳିଆ ସଂଗ୍ରହକାରୀଙ୍କଠାରୁ ଲାଞ୍ଚ ନେବା ବେଳେ ଜଣେ ଆରପିଏଫ୍ ଯବାନଙ୍କୁ ସିବିଆଇ ଗିରଫ କରିଛି। ଗିରଫ ଆରପିଏଫ୍ ଯବାନ ହେଉଛନ୍ତି, ମହମ୍ମଦ ଅସରାର। ସୂଚନାନୁସାରେ, ଅସରାର ବନ୍ଧମୁଣ୍ଡା ଆରପିଏଫ୍ ପୋଷ୍ଟରେ ନିଯୁକ୍ତ ଥିଲେ। ସ୍ଥାନୀୟ ରେଲୱେ କଲୋନୀରେ ପ୍ଲାଷ୍ଟିକ୍ ବୋତଲ ଏବଂ ସ୍କ୍ରାପ୍ ଅଳିଆ ସଂଗ୍ରହ କରୁଥିବା ଜଣେ ମହିଳାଙ୍କଠାରୁ ପ୍ରତି ମାସରେ ୧୫ହଜାର ଟଙ୍କା ଦାବି କରିଥିଲେ। ଏନେଇ ସେ ସିବିଆଇରେ ଅଭିଯୋଗ କରିଥିଲେ। ଏହି କ୍ରମରେ ଶୁକ୍ରବାର ସକାଳେ ଅଭିଯୋଗକାରିଣୀଙ୍କଠାରୁ ବିଶ୍ରା ଛକଠାରେ ଆରପିଏଫ୍ ଯବାନ ମହମ୍ମଦ ଅସରାର ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସିବିଆଇ ଟିମ୍ ଚଢ଼ଉ କରିଥିଲେ। ଏହା ଦେଖି ଯବାନଜଣଙ୍କ ଖସି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସିବିଆଇ ଟିମ ତାଙ୍କୁ କାବୁ କରିନେବା ସହ ତାଙ୍କଠାରୁ ରାସାୟନିକ ରଙ୍ଗ ବୋଳା ଉକ୍ତ ଲାଞ୍ଚ ଟଙ୍କାକୁ ଜବତ କରିଥିଲା। ସିବିଆଇ ଟିମ୍ ଅସରାରଙ୍କୁ ଅଧିକ ପଚରାଉଚରା ପାଇଁ ନେଇଯାଇଛି। ସୂଚନାଯୋଗ୍ୟ, ଗତ କିଛି ମାସ ମଧ୍ୟରେ ଉକ୍ତ ଚଢ଼ଉ ବନ୍ଧମୁଣ୍ଡା ଓ ରାଉରକେଲାରେ ତୃତୀୟ ଘଟଣା। ପୂର୍ବରୁ ରେଲୱେ କର୍ମଚାରୀ ଓ ଆରପିଏଫ୍ ଲାଞ୍ଚ ନେଉଥିବା ସମୟରେ ଗିରଫ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାରିଆ ମାଚାଡ଼ୋଙ୍କୁ...

ଶୁକ୍ରବାର ଘୋଷଣା କରାଯାଇଛି। ମାରିଆ ପ୍ରତିଷ୍ଠା କରିଥିବା 'ସୁମାତେ' ନାମକ ଏନ୍‌ଜିଓ ଦେଶରେ ଏକଛତ୍ରବାଦ ଶାସନ ବିରୋଧରେ ଏବଂ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିଆସୁଛି। ଏହି ସଂସ୍ଥା ଦେଶରେ ମୁକ୍ତ ତଥା ନିରପେକ୍ଷ ନିର୍ବାଚନ ପାଇଁ ଦାବି କରିଆସୁଛି।

ମାରିଆଙ୍କୁ ପୁରସ୍କାର ବାବଦରେ ୧୧ ମିଲିଅନ ସ୍ୱିଡିଶ କ୍ରୋନର ଅର୍ଥାତ ୧୦.୩ କୋଟି ଟଙ୍କା, ଏକ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ମିଳିବ। ଡିସେମ୍ବର ୧୦ରେ ନରୱେର ରାଜଧାନୀ ଓସଲୋରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ୧୯୬୭ ଅକ୍ଟୋବର ୭ରେ ଭେନଜୁଏଲାର କାରାକାସ୍‌ରେ ଜନ୍ମଗ୍ରହଣ କରିଥିବା ମାରିଆ ରାଜନୀତିକୁ ଆସିବା ପୂର୍ବରୁ ଜଣେ ଇଣ୍ଡଷ୍ଟ୍ରିଆଲ ଇଞ୍ଜିନିୟର ଭାବେ ବେଶ୍ ସଫଳତା ହାସଲ କରିଥିଲେ। ୨୦୨୫ରେ ପ୍ରକାଶିତ ସବୁଠାରୁ ପ୍ରଭାବଶାଳୀ ତାଲିକାରେ ମାରିଆଙ୍କୁ ସାମିଲ କରାଯାଇଥିଲା। ୨୦୧୧ରୁ ୨୦୧୪ ମଧ୍ୟରେ ସେ ଭେନଜୁଏଲାର ରାଷ୍ଟ୍ରୀୟ ସଭାକୁ ନିର୍ବାଚିତ ହୋଇଥିଲେ। ପୂର୍ବରୁ ମଧ୍ୟ ସେ ଏକାଧିକ ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି। ୨୦୨୪ରେ ୟୁରୋପୀୟ ସଂଘର ସାଖାରୋଭ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ଏହା ୟୁରୋପୀୟ ସଂଘ ତାଙ୍କୁ ସର୍ବୋଚ୍ଚ ମାନବାଧୀକାର ପୁରସ୍କାର ଦେଇଥିଲା। ୨୦୨୪ରେ ସେ ଭେନଜୁଏଲାରେ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ସେ ଏବଂ ତାଙ୍କ ପାର୍ଟି ବିଜୟୀ ହୋଇଥିଲେ ମଧ୍ୟ ତାଙ୍କୁ ଶାସନରୁ ଦୂରେଇ ରଖାଯାଇଥିଲା।

ଶୁଳ୍କ ଯୁଦ୍ଧ ଆରମ୍ଭ କରି ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତିଙ୍କୁ ନିରାଶ ହେବାକୁ ପଡ଼ିଛି। ପାକିସ୍ତାନ, ତୁର୍କୀ, ଇସ୍ରାଏଲ, କାମ୍ବୋଡିଆ, ଥାଇଲାଣ୍ଡ, ରାୱାଣ୍ଡା, କଙ୍ଗୋ, ଆର୍ମେନିଆ, ଆଜରବୈଜାନ ଏବଂ ଶେଷରେ ରୁଷ୍‌ର ସମର୍ଥନ ସତ୍ତ୍ୱେ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିପାରି ନାହିଁ। ଏହି ପୁରସ୍କାର ପାଇବା ପାଇଁ ଦୀର୍ଘ ଦିନ ହେଲା ଟ୍ରମ୍ପ କରିଥିବା ପ୍ରଚାରପ୍ରସାର ବ୍ୟର୍ଥ ହୋଇଯାଇଛି। ୮ଟି ଯୁଦ୍ଧ ବନ୍ଦ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ସ୍ଥିରତା ଦାବି ସହିତ ସ୍ୱିଡେନ ଅର୍ଥମନ୍ତ୍ରୀଙ୍କୁ ଫୋନ କରିବା ପରେ ବି ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଟ୍ରମ୍ପ ଅଯୋଗ୍ୟ ହୋଇଛନ୍ତି।

### ପୂର୍ବ ଜେଲ୍...

ଅନ୍ୟପକ୍ଷରେ ଏହି ସମଗ୍ର ଘଟଣାରେ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ୍ (ଓପିଆର୍‌ବି) ସହ ନିଯୁକ୍ତି ପରୀକ୍ଷା ଟେଣ୍ଡର ପାଇଥିବା ଆଇଟିଆଇ ଲିମିଟେଡ୍ ଅନୁରୂପ ଦାୟୀ ବୋଲି ଅଭିଯୋଗ ହୋଇଛି । ଓପିଆରବି ସହ ଆଇଟିଆଇ କରିଥିବା ବୁଝାମଣା ଅନୁସାରେ ସମ୍ପୃକ୍ତ ସଂସ୍ଥା କେବଳ ପରୀକ୍ଷା ପରିଚାଳନା ନିମନ୍ତେ ଅନ୍ୟ ସଂସ୍ଥାଠାରୁ ମାନବସମ୍ବଳ ସହଯୋଗ ନେବା ବ୍ୟବସ୍ଥା ରହିଥିଲା। ମାତ୍ର ପରୀକ୍ଷା ପରିଚାଳନାରେ ସହଯୋଗ ନେବା ପରିବର୍ତ୍ତେ ଆଇଟିଆଇ ଲିଃ ପୁରା ବ୍ୟବସ୍ଥାକୁ ସିଲିକନ୍ ଟେକ୍‌ଲାବ୍‌କୁ ପ୍ରଦାନ କରିଥିଲା। ଅର୍ଥାତ୍ ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ର ପ୍ରସ୍ତୁତି, ଏହାକୁ ଛାପିବା, ଲିଖିତ ପରୀକ୍ଷା ପରିଚାଳନା କରିବା ସମସ୍ତ ଦାୟିତ୍ୱ ସିଲିକନ୍ ନେଇଥିଲା। କୌତୂହଳର କଥା ହେଉଛି ସିଲିକନ୍ ଟେକଲାବ୍ ନିଜେ ପରୀକ୍ଷା ପରିଚାଳନା କରିବା ପରିବର୍ତ୍ତେ ଏହାକୁ ଅନ୍ୟଏକ ଅଖ୍ୟାତ ସଂସ୍ଥା ପଞ୍ଚସଫ୍ଟକୁ ପ୍ରଦାନ କରିଥିଲା। ଦୁଇଟି ପର୍ଯ୍ୟାୟରେ ଦୁଇଟି ସବ୍‌ଲେଟ୍ ଏସ୍ଆଇ ପରୀକ୍ଷାରେ ଦୁର୍ନୀତି ପାଇଁ ବାଟ ଖୋଲି ଦେଇଥିଲା । ଅନୁରୂପ ଟେଣ୍ଡରରେ ରହିଥିବା ଅନ୍ୟଏକ ସର୍ତ୍ତ ଅନୁସାରେ ଆଇଟିଆଇ ପରୀକ୍ଷା ପରିଚାଳନା ନିମନ୍ତେ ଯେଉଁ ସଂସ୍ଥାଠାରୁ ମାନବସମ୍ବଳ ସହଯୋଗ ନେବ, ସେହି ସଂସ୍ଥା ସମ୍ପର୍କରେ ପୁରା ବିବରଣୀ ଓପିଆର୍‌ବିକୁ ଆଗୁଆ ଦେବା କଥା। ମାତ୍ର ତାହା କରାଯାଇ ନ ଥିବା ଯୋଗୁଁ ଆଇଟିଆଇକୁ ଓପିଆର୍‌ବି ପକ୍ଷରୁ ନୋଟିସ ଜାରି କରାଯାଇଥିବା କୁହାଯାଉଛି।

କୌତୂହଳର କଥା ହେଉଛି ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ଏସ୍ଆଇ ପରୀକ୍ଷା ସମ୍ପର୍କରେ ଏବେ ଦେଖାଉଥିବା ଅଜ୍ଞତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଦାୟିତ୍ୱ ପାଇଥିବା ସଂସ୍ଥା ଆଇଟିଆଇ ଲିମିଟେଡ୍ ପରୀକ୍ଷା ପରିଚାଳନା କରୁ ନ ଥିବା ଓ ଏହାକୁ ଅନ୍ୟ ସଂସ୍ଥାକୁ ସବ୍‌ଲେଟ କରାଯାଇଥିବା ସଂକ୍ରାନ୍ତରେ ଓପିଆର୍‌ବିର ସମସ୍ତ ଅଧିକାରୀ ଅବଗତ ଥିଲେ । ଏପରିକି ଓପିଆରବି ସହ ଜଡ଼ିତ ଅନେକ ଅଧିକାରୀ ନିୟମିତ ଭାବରେ ସିଲିକନ୍ ଟେକ୍‌ଲାବ ଓ ପଞ୍ଚସଫ୍ଟ ଅଫିସକୁ ଯିବାଆସିବା କରିବା ଏହି ସନ୍ଦେହକୁ ଦୃଢ଼ୀଭୂତ କରିଛି। ଅନୁରୂପ ଭାବରେ ସିଲିକନ କର୍ତ୍ତୃପକ୍ଷଙ୍କ ସହ ରାଜ୍ୟ ପ୍ରଶାସନର ଅନେକ ବଡ଼ ଅଧିକାରୀଙ୍କ ସମ୍ପର୍କ ଏବଂ ପଞ୍ଚ ସଫ୍ଟ ମୁଖ୍ୟ କୁହାଯାଉଥିବା ଶଙ୍କର ପୃଷ୍ଟି, ତାର ସହଯୋଗୀ ମୁନ୍ନା ମହାନ୍ତି ସହ ଶାସକ ଦଳର ବହୁ ନେତାଙ୍କ ଘନିଷ୍ଠତାର ପ୍ରମାଣ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । ଏହି ପରିପ୍ରେକ୍ଷୀରେ ଓପିଆର୍‌ବି ନିଜ ମୁଣ୍ଡରୁ ଅଠା ଛଡ଼ାଇବାକୁ ଯେପରି ବ୍ୟାକୁଳ, ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ମଧ୍ୟ ଓପିଆରବି ଓ ଶଙ୍କର ପୃଷ୍ଟି ସହ ଜଡ଼ିତ ଶାସକ ଦଳ ନେତାଙ୍କୁ ସୁରକ୍ଷା ଦେବାକୁ ବ୍ୟସ୍ତ ।

ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶାରେ ଏସ୍ଆଇ ଚାକିରି ବିକ୍ରି କେବଳ ରାଜ୍ୟ ପ୍ରସଙ୍ଗ ହୋଇନାହିଁ । ଏହାର ଚେର ଅନ୍ୟ ରାଜ୍ୟକୁ ବି ବ୍ୟାପିଥିବା ସୂଚନା ମିଳିଛି । ଶଙ୍କର ପୃଷ୍ଟିର ମହାରାଷ୍ଟ୍ର ସମ୍ପର୍କ ଜଣାପଡ଼ିବା ପରେ ଶାସକ ଦଳର କିଛି ନେତାଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି ।

### ଦିଲ୍ଲୀରୁ ଫେରିଲେ...

ସମ୍ପ୍ରତି ପୁଲିସ ଚାକିରି ବିକ୍ରି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ସେହିପରି ଭସାଣି ସମୟରେ କଟକରେ ଘଟିଥିବା ଅଘଟଣ ମଧ୍ୟ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିରନ୍ତର ଏହି ଘଟଣା ସମ୍ପର୍କରେ ଖବର ରଖୁଥିବା ଓ ପ୍ରତିକ୍ରିୟା ଦେଉଥିବା ସତ୍ତ୍ୱେ ନବୀନଙ୍କ ଓଡ଼ିଶା ପ୍ରତ୍ୟାବର୍ତ୍ତନକୁ ରାଜ୍ୟବାସୀ ଚାହିଁ ରହିଥିଲେ। ଏହା ସହିତ ଆଗକୁ ନୂଆପଡ଼ା ଉପନିର୍ବାଚନ ଥିବାରୁ ନବୀନଙ୍କ ନିଷ୍ପତ୍ତି ଉପରେ ସବୁ ଦଳର ନଜର ରହିଛି । ଯଦିଓ ନୂଆପଡ଼ା ଉପନିର୍ବାଚନ ପାଇଁ ଦଳ ପକ୍ଷରୁ ନବୀନ ବରିଷ୍ଠ ନେତାଙ୍କୁ ନେଇ ଷ୍ଟିଅରିଂ କମିଟି ଗଠନ କରିଛନ୍ତି, ତଥାପି ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ । ଏହି ପରିପ୍ରେକ୍ଷୀରେ ଦିନେ ଦୁଇଦିନ ମଧ୍ୟରେ ନୂଆପଡ଼ା ଆସନ ପାଇଁ ନବୀନ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି ।

## ହାଇକୋର୍ଟରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନୀ ମାମଲା

# ୧୦ ହଜାର ତଣ୍ଡ ଗଣିବେ ଆବେଦନକାରୀ

କଟକ, ୧୦।୧୦ (ସମିସ): ୨୦୨୪ ନିର୍ବାଚନରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ନିର୍ବାଚିତ ହୋଇଥିବା ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗ ଆଣି ନିର୍ବାଚନୀ ମକଦ୍ଦମା ଦାୟର କରିଥିବା ଆବେଦନକାରୀଙ୍କୁ ୧୦ ହଜାର ଟଙ୍କା ତଣ୍ଡ ରାଶି ପଇଠ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ସଂଜୟ କୁମାର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରତିପକ୍ଷ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲଙ୍କ ଯୋଗ୍ୟତା ଉପରେ ଆପତ୍ତି ଉଠାଇ ଆବେଦନକାରୀ ଡ. ସୁବାସ ମହାପାତ୍ର ଦାଖଲ କରିଥିବା ଅନ୍ତରୀଣ ଆବେଦନକୁ ଅଦାଲତ ଖାରଜ କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅନ୍ତରୀଣ ଆବେଦନଗୁଡ଼ିକ ଅଯଥା ଏବଂ ଅଦାଲତଙ୍କ ମୂଲ୍ୟବାନ ନ୍ୟାୟିକ ସମୟର ଅପଚୟ। ଏହାବ୍ୟତୀତ, ନିର୍ବାଚନୀ ମକଦ୍ଦମାର ଆବେଦନକାରୀଙ୍କ ଆଚରଣ ଲୋକ ପ୍ରତିନିଧି ଆଇନ, ୧୯୫୧ର ଧାରା ୮୬(୭) ଅନୁଯାୟୀ ନିର୍ଦ୍ଦେଶର ଉଲ୍ଲଙ୍ଘନ ବୋଲି ହାଇକୋର୍ଟ କହିଛନ୍ତି। ଏଣୁ ହାଇକୋର୍ଟ ଆଇନଜୀବୀ କଲ୍ୟାଣ ପାଣ୍ଠିରେ ୧୦ ହଜାର ଟଙ୍କା ତଣ୍ଡ ଆକାରରେ ଦୁଇ ସପ୍ତାହ ମଧ୍ୟରେ ଜମା କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ପ୍ରକାଶଥାଉକି ପ୍ରତିପକ୍ଷଙ୍କ ଆଇନଜୀବୀ ଶ୍ରୀ ଅଗ୍ରୱାଲ ଜାଲ୍ ଏଲଏଲବି ପ୍ରମାଣପତ୍ର ହାସଲ କରିଥିବା ଅଭିଯୋଗ ସହ ଉଭୟ ପ୍ରତିପକ୍ଷ ସାଂସଦ ଶ୍ରୀ ପ୍ରଧାନ ଓ ନିର୍ବାଚନ କମିସନଙ୍କ ପାଇଁ ମାମଲା ପରିଚାଳନା କରୁଥିବାରୁ ତାଙ୍କୁ ମାମଲା ପରିଚାଳନାରୁ ବିରତ କରିବା, ଅଦାଲତକୁ ବିଭ୍ରାନ୍ତ କରିଥିବା ଘଟଣାର ସିବିଆଇ ତଦନ୍ତ, ଆବେଦନକାରୀଙ୍କୁ ନିର୍ବାଚନ କମିସନ ୧୦ କୋଟି କ୍ଷତିପୂରଣ ଦେବା ପାଇଁ ଅନ୍ତରୀଣ ଆବେଦନ ରୁଜୁ କରିଥିଲେ ଡ. ମହାପାତ୍ର। ଏହାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ତେବେ ମୂଳ ନିର୍ବାଚନୀ ମକଦ୍ଦମାର ଶୁଣାଣି ଆସନ୍ତା ଅକ୍ଟୋବର୨୪କୁ ଧାର୍ଯ୍ୟ କରାଯାଇଛି।

## ପୀତବାସ ପଣ୍ଡା ହତ୍ୟା ଘଟଣା

# ପୁରୁଣା ଅପରାଧୀଙ୍କ ଫାଇଲ ଓଲଟାଉଛି ପୁଲିସ

**ସ୍କାନରରେ ସାର୍ପ ସୁଟର୍**

**ଆସିଲା ପୋଷ୍ଟମର୍ଟମ ଓ ସାଇଣ୍ଟିଫିକ ରିପୋର୍ଟ, ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା**

**୫ ଦିନ ପରେ ବି ସ୍ପଷ୍ଟ ହେଉନି କାରଣ**

**୬ରୁ ଉର୍ଦ୍ଧ୍ୱ ଅଟକ ଓ ଦାମୀ ଗାଡ଼ି ଜବତ**

ବ୍ରହ୍ମପୁର,୧୦।୧୦(ସମିସ): ବହୁଚର୍ଚ୍ଚିତ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ଘଟଣାକୁ ଇତି ମଧ୍ୟରେ ୫ଦିନ ବିତିଯାଇଥିଲେ ହେଁ ପୁଲିସ କାହାରିକୁ ଗିରଫ କରିପାରିନାହିଁ। ସେହିପରି, କେଉଁ କାରଣରୁ ପୀତବାସଙ୍କୁ ହତ୍ୟା କରାଯାଇଛି, ତାହା ମଧ୍ୟ ସାମ୍ନାକୁ ଆଣିପାରିନାହିଁ। ହତ୍ୟାକାଣ୍ଡ ପଛରେ ଏକାଧିକ ତଥା ସମ୍ବେଦନଶୀଳ କାରଣକୁ ନେଇ ଆଲୋଚନା ପରେ ପୁଲିସର ଦ୍ୱନ୍ଦ୍ୱ ବଢ଼ିଯାଇଛି। କେଉଁ ଦିଗକୁ ନେଇ ତଦନ୍ତ ଆଗକୁ ବଢ଼ାଇବ, ତାହା ବର୍ତ୍ତମାନ ପରିସ୍ଥିତିରେ ପୁଲିସ ପାଇଁ ବଡ଼ ଚାଲେଞ୍ଜ ହୋଇଛି। ସହରର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ସ୍ଥାନରୁ ସଂଗୃହୀତ ସିସିଟିଭି ଫୁଟେଜ ଆଧାରରେ ୫୫ରୁ ଅଧିକ ବ୍ୟକ୍ତିଙ୍କୁ ସନ୍ଦେହରେ ପଚରାଉଚରା କରିଛି ପୁଲିସ। ସେପଟେ ଦାମୀ ଗାଡ଼ି ସହ ୬ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଥିବା କହିଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ। ସେଥିମଧ୍ୟରେ ଜଣେ ଏସ୍‌ଓଜି କମାଣ୍ଡୋ ଓ ଅନ୍ୟ ଜଣେ ସିଆଇଏସଏଫ ଯବାନ ରହିଛନ୍ତି।

ହତ୍ୟାକାଣ୍ଡରେ ସାର୍ପସୁଟର୍ ବା ସୁପାରି କିଲରଙ୍କୁ ନିୟୋଜିତ କରାଯାଇଥିବା ନେଇ ପୁଲିସର ସନ୍ଦେହ ଘନୀଭୂତ ହୋଇଛି। ସେମାନଙ୍କୁ ଗିରଫ କରିବାକୁ ପୁଲିସ ପ୍ରସ୍ତୁତି ଆରମ୍ଭ କରିଛି। ଜିଲ୍ଲାରେ ପୂର୍ବରୁ ସଂଘଟିତ ବିଭିନ୍ନ ଗୁଳିକାଣ୍ଡ ଘଟଣାରେ ନିୟୋଜିତ ସାର୍ପସୁଟର୍‌ଙ୍କ ତାଲିକା ପ୍ରସ୍ତୁତ କରିବାକୁ ଯାଇ ପୁରୁଣା ଅପରାଧୀଙ୍କ ଫାଇଲକୁ ଓଲଟାଉଛି ପୁଲିସ। ପୂର୍ବରୁ କେଉଁ କେଉଁ ମାମଲାରେ ସୁପାରି କିଲରଙ୍କୁ ନିୟୋଜିତ କରାଯାଇଥିଲା ଏବଂ କେଉଁଠାରୁ ଆମଦାନୀ କରାଯାଇଥିଲା, ସେମାନଙ୍କ କୁଣ୍ଡଳୀ ଖୋଜୁଛି ପୁଲିସ।

ଅପରପକ୍ଷେ, ପୀତବାସଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପୁଲିସକୁ ଅପେକ୍ଷା କରିଥିବା ବେଳେ ଆଜି ତାହା ପୁଲିସ ହାତରେ ଲାଗିଛି। ଏମ୍‌କେସିଜି ମେଡିକାଲର ଏଫଏମ୍‌ଟି ବିଭାଗ ପକ୍ଷରୁ ତଦନ୍ତକାରୀ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ ହସ୍ତାନ୍ତର କରାଯାଇଛି। ପୀତବାସଙ୍କୁ ଅନ୍ୟୁନ ୨ରୁ ୨.୫ମିଟର ଦୂରରୁ ଗୁଳିମାଡ଼ ହୋଇଥିଲା। ଗୁଳିମାଡ଼ ପରେ ତାଙ୍କ ଶରୀରରୁ ପ୍ରାୟ ୪ଲିଟର ରକ୍ତସ୍ରାବ ହୋଇଥିଲା। ପ୍ରଚୁର ରକ୍ତସ୍ରାବ ଓ ଛାନିଆ ଯୋଗୁଁ ପୀତବାସଙ୍କ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନଙ୍କ ଗୁଳି ଛାତିରେ ସିଧାନବାଜି ସାମାନ୍ୟ ବଙ୍କା ହୋଇ ବାଜିଥିଲା। ଫଳରେ ଗୁଳିଟି ଶରୀରର ଅନେକ ଶିରାପ୍ରଶିରାକୁ ଭେଦ କରି ମେରୁଦଣ୍ଡ ନିକଟରେ ଲାଖି ରହିଥିଲା ଏବଂ ଗୁଳିଟିକୁ ବାହାର କରିବାକୁ ପ୍ରାୟ ଦେଢ଼ଘଣ୍ଟା ସମୟ ଲାଗିଥିଲା। ଏଭଳି ପୂର୍ବରୁ ଅନ୍ୟ କେଉଁ ମାମଲାରେ ଦେଖାଯାଇନଥିବା କହିଛନ୍ତି ଏଫଏମଟି ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ସୁଦୀପା ଦାସ। ଅପରପକ୍ଷେ, ପୀତବାସଙ୍କ ରକ୍ତଜୁଡ଼ୁବୁଡ଼ୁ ପୋଷାକର ନମୁନା ସହ ଗୁଳିର ଖୋଖାକୁ ସାଇଣ୍ଟିଫିକ ଟିମ୍ ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିଲା। ଇତିମଧ୍ୟରେ ସାଇଣ୍ଟିଫିକ ରିପୋର୍ଟ ପୁଲିସର ହସ୍ତଗତ ହୋଇଥିବା ବେଳେ ଜବତ ଖୋଖା ଓ ଶରୀରରୁ ଉଦ୍ଧାର କରାଯାଇଥିବା ଗୁଳିର ବାଲାଷ୍ଟିକ୍ ରିପୋର୍ଟକୁ ଅପେକ୍ଷା କରାଯାଇଥିବା କହିଛନ୍ତି ବ୍ରହ୍ମପୁର ଏସପି।

# ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିବା ଯୁବକଙ୍କୁ ୨ ବର୍ଷ ଜେଲ

କାକଟପୁର, ୧୦।୧୦ (ସମିସ): ଜୁଡିସିଆଲ ଫାଷ୍ଟକ୍ଲାସ୍ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ପ୍ରଥମ ରାୟରେ ଏକ ସମ୍ବେଦନଶୀଳ ଘଟଣାର ଶୁଣାଣି ହୋଇଥିଲା। ଶୁଣାଣିରେ ଏକ ଐତିହାସିକ ରାୟ ଶୁଣାଇଛନ୍ତି ବିଚାରପତି ଶ୍ରୀଚନ୍ଦନ ଦାଶ। ଜଣେ ଯୁବକ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିବା ବେଳେ ପ୍ରଥମ ପତ୍ନୀ ଆପତ୍ତି ଉଠାଇ ନ୍ୟାୟଭିକ୍ଷା କରିଥିଲେ। ଯାହାର ବିଚାର କରି ବିଚାରପତି ସଂପୃକ୍ତ ଯୁବକଙ୍କୁ ୨ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି।

ସୂଚନାନୁଯାୟୀ, କାକଟପୁର ଥାନା ବାଲିସାହି ଗ୍ରାମର ସୁକାନ୍ତ କାନୁନ୍‌ଗୋ, ଶକୁନ୍ତଳା କାନୁନ୍‌ଗୋଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପରେ ତାଙ୍କୁ ନିର୍ଯାତନା ଦେଇ ଘରୁ ତଡ଼ିଦେବା ପରେ ପୁଣି ନୟାହାଟ ଅଞ୍ଚଳ ବିନିସପୁର ଗ୍ରାମର ରୀତା ତରାଇଙ୍କୁ ଦ୍ୱିତୀୟ ବିବାହ କରି ଏକାଠି ରହି ଆସୁଥିଲେ। ତେବେ ପ୍ରଥମ ପତ୍ନୀ ଶକୁନ୍ତଳା ଏହାର ପ୍ରତିବାଦ କରି ୨୦୦୫ରେ କାକଟପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା କେସ୍ ନମ୍ବର ୬୬/୨୦୦୫ର ତଦନ୍ତ କରିଥିଲା ପୁଲିସ। ପରବର୍ତ୍ତୀ ସମୟରେ ଏହି ମାମଲା ନିମାପଡ଼ା କୋର୍ଟଙ୍କ ଦ୍ୱାରା ପରିଚାଳିତ ହୋଇଆସୁଥିଲା। ତେବେ କାକଟପୁରରେ ନୂତନ କୋର୍ଟ ଖୋଲିବା ପରେ ଉକ୍ତ ମାମଲାଟି କାକଟପୁର କୋର୍ଟକୁ ବିଚାର ପାଇଁ ପଠାଯାଇଥିଲା। ଯାହାକି କୋର୍ଟର ପ୍ରଥମ ମାମଲା ଥିଲା। ଏହାର ବିଚାର କରି ଶୁକ୍ରବାର କୋର୍ଟଙ୍କ ଦ୍ୱାରା ରାୟ ପ୍ରକାଶ ପାଇଛି। ଜୁଡିସିଆଲ ମାଜିଷ୍ଟ୍ରେଟ୍ ଶ୍ରୀଚନ୍ଦନ ଦାଶଙ୍କ ଦ୍ୱାରା ସୁକାନ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଆଦେଶ କରାଯାଇଛି। ଜରିମାନା ଅନାଦେୟ ଆହୁରି ୨ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି। ଶକୁନ୍ତଳାଙ୍କ ପକ୍ଷରୁ ସରକାରୀ ଓକିଲ ଅନୀଲ କୁମାର ଦୀକ୍ଷିତ ମାମଲା ପରିଚାଳନା କରୁଥିଲେ। ସେହିପରି ସୁକାନ୍ତଙ୍କ ପାଇଁ ଏମ୍‌କେଏମ୍ ମହାପାତ୍ର ଏବଂ ରୀତା ତରାଇଙ୍କ ପକ୍ଷରୁ ଓକିଲ ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରିଥିଲେ।

# ଆଇଇଡି ବିସ୍ଫୋରଣରେ ଶିଶୁ ଗୁରୁତର



ମାଲକାନଗିରି,୧୦।୧୦(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲା ପିଡ଼ିଆ ଅଞ୍ଚଳରେ ନକ୍ସଲମାନଙ୍କ ଦ୍ୱାରା ଖଞ୍ଜାଯାଇଥିବା ଏକ ଆଇଇଡି ବୋମା ବିସ୍ଫୋରଣରେ ଜଣେ ନିର୍ଦ୍ଦୋଷ ଶିଶୁ ଗୁରୁତର ଆହତ ହୋଇଛି। ଗ୍ରାମୀଣ ଅଞ୍ଚଳରେ ଏହି ପ୍ରକାର ଘଟଣା ଲଗାତାର ଘଟୁଥିବାରୁ ସ୍ଥାନୀୟ ଲୋକମାନେ ଭୟଭୀତ ଓ ଉତ୍ତେଜିତ ହୋଇପଡ଼ିଛନ୍ତି।

ସୂଚନାନୁସାରେ, ଶିଶୁଟି ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରେ ଯାଉଥିବା ବେଳେ ଆଇଇଡି ଉପରେ ତା'ର ପାଦ ପଡ଼ିଯିବାରୁ ବିସ୍ଫୋରଣ ଘଟିଥିଲା। ଫଳରେ ଶିଶୁଟି ଗୁରୁତର ଭାବେ ଆହତ ହୋଇଥିଲା। ଘଟଣାସ୍ଥଳରେ ସିଆରପିଏଫର ୧୯୯ ଓ ୮୫ ବଟାଲିଅନ୍‌ର ଯବାନମାନେ ପହଞ୍ଚି ଆହତ ଶିଶୁକୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ଶିଶୁଟିର ଗୋଟିଏ ଗୋଡ଼ରେ ଗଭୀର ଆଘାତ ଲାଗିଛି। ସେ ଗାଇ ଚରାଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ପରେ ଅଞ୍ଚଳରେ ତଲାସି ଅଭିଯାନକୁ ବଢ଼ାଇ ଦିଆଯାଇଛି।

# ୩ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୧୦।୧୦(ସମିସ): ତେଲେଙ୍ଗାନାରେ ମାଓବାଦୀ ଆନ୍ଦୋଳନକୁ ଝଟ୍‌କା ଲାଗିଛି। ମାଓବାଦୀ ସଂଗଠନର ତିନିଜଣ ବରିଷ୍ଠ ମାଓନେତା ଆଜି ଡିଜିପି ଶିବଧର ରେଡ୍ଡୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, କୁକାଟି ଭେଙ୍କଟ ଓରଫ ବିକାଶ, ମୋଗିଲିଚର୍ଲା ରାଜୁ ଓରଫ୍ ସିଏନଏମ ଚନ୍ଦୁ ଏବଂ ଗଙ୍ଗୱା ଓରଫ ସୋନି। ଏମାନେ ଦୀର୍ଘବର୍ଷ ଧରି ମାଓବାଦୀ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିଲେ। ତେଲେଙ୍ଗାନା, ଓଡ଼ିଶା, ଛତିଶଗଡ଼ ଆଦି ଅଞ୍ଚଳରେ ମାଓ ଅଭିଯାନ ଚଳାଇଥିଲେ। ଡିଜିପି ଶିବଧର ରେଡ୍ଡୀ କହିଛନ୍ତି ଯେ ରାଜ୍ୟ ସରକାର ଯେକୌଣସି ମାଓବାଦୀଙ୍କୁ ହିଂସା ଛାଡ଼ି ସମାଜର ମୁଖ୍ୟଧାରାକୁ ଫେରିବା ପାଇଁ ସୁଯୋଗ ଦେଉଛନ୍ତି। ଯେଉଁମାନେ ଆତ୍ମସମର୍ପଣ କରିଛନ୍ତି, ସେମାନଙ୍କୁ ପୁନର୍ବାସ ଯୋଜନା ଅନୁଯାୟୀ ସମସ୍ତ ସହାୟତା ଦିଆଯିବ।

## ପଦୋନ୍ନତି ପାଇ କି' ଲାଭ

# ୫ ମାସ ପରେ ବି ଇନ୍ସପେକ୍ଟର୍ ପଦରେ ଡିଏସ୍‌ପି

**■ ନିଯୁକ୍ତି ଅପେକ୍ଷାରେ ୯୯ ଡିଏସ୍‌ପି**

**■ ଚୌଦ୍ୱାର ହାଜତ ମୃତ୍ୟୁ ପରେ ମନରେ ଛନକା**

ଭୁବନେଶ୍ୱର, ୧୦।୧୦(ସମିସ): ଗତ ଏପ୍ରିଲରେ ୧୬୯ ଜଣ ଇନ୍ସପେକ୍ଟରଙ୍କ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି କରାଯାଇଥିଲା। ଜୁନ୍ ୨୬ରେ ସେଥିମଧ୍ୟରୁ ୭୦ଜଣଙ୍କୁ ବିଭିନ୍ନ ସ୍ଥାନରେ ନିଯୁକ୍ତି ଦିଆଗଲା। ଅର୍ଡର୍ ସିନା ବାହାରିଗଲା, ହେଲେ ସେମାନଙ୍କୁ ରିଲିଭ୍ କରାଗଲା ନାହିଁ। କେତେଜଣ ଅଧିକାରୀଙ୍କୁ ଛାଡ଼ିଦେଲେ, ବାକି ଯିଏ ଯେଉଠି ଥିଲେ, ଏବେ ବି ସେଇଠି ଅଛନ୍ତି। ଅଧା ପଦୋନ୍ନତି ପାଇଥିଲେ ମଧ୍ୟ ନିଯୁକ୍ତି ପାଇନାହାନ୍ତି। ଆଉ କିଛି ନିଯୁକ୍ତି ପାଇଥିଲେ ବି ନୂଆ ସ୍ଥାନରେ ଯୋଗ ଦେଇପାରୁନାହାନ୍ତି। ରାଜ୍ୟ ପୁଲିସର ଅନ୍ୟତମ ମେରୁଦଣ୍ଡ କୁହାଯାଉଥିବା ଡିଏସ୍‌ପି ରାଙ୍କର ଅଧିକାରୀଙ୍କ ଅବସ୍ଥା ଏବେ ଏମିତି।

ପୂର୍ବରୁ ଡିଏସ୍‌ପି ବଦଳି କ୍ଷମତା ପୁଲିସ ଡିଜି କରୁଥିବା ବେଳେ ନୂଆ ସରକାର ଆସିବା ପରେ ଏହି କ୍ଷମତା ରାଜ୍ୟ ଗୃହ ବିଭାଗ ଛଡ଼ାଇ ନେଇଥିଲା। ଡିଏସ୍‌ପିମାନେ ନିଯୁକ୍ତି ନ ପାଇବା ଖୋଦ୍ ଗୃହ ବିଭାଗର ଅକ୍ଷମତାକୁ ପଦାରେ ପକାଇଥିବା ବେଳେ ପୁଲିସ ଅଧିକାରୀଙ୍କ ମନୋବଳ ଭାଙ୍ଗିବାରେ ଲାଗିଛି।

ସୂଚନାନୁସାରେ, ଗତ ଏପ୍ରିଲ ୨୩ ତାରିଖ ଦିନ ରାଜ୍ୟ ସରକାର ୧୬୮ ଇନ୍ସପେକ୍ଟରଙ୍କୁ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସ୍‌ପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ କୁହାଯାଇଥିଲା। ଏହାର ଦୁଇ ମାସ ପରେ ଅର୍ଥାତ୍ ଜୁନ୍ ୨୬ରେ ନୂଆ କରି ପଦୋନ୍ନତି ପାଇଥିବା ୭୦ ଜଣଙ୍କୁ ମିଶାଇ ମୋଟ ୭୯ ଡିଏସ୍‌ପିଙ୍କୁ ନିଯୁକ୍ତି ମିଳିଥିଲା। ହେଲେ, ବାକି ୯୯ ଜଣ ଡିଏସ୍‌ପି ଏବେ ମଧ୍ୟ ପୂର୍ବ ପଦବୀରେ କାର୍ଯ୍ୟ କରୁଛନ୍ତି। ଡିଏସ୍‌ପି ନିଯୁକ୍ତି କ୍ରମାନ୍ୱୟରେ ହୋଇନଥିବାରୁ ଅନେକ କନିଷ୍ଠ ବ୍ୟାଚ୍‌ର ଅଧିକାରୀଙ୍କୁ ନିଯୁକ୍ତି ମିଳିଥିବା ବେଳେ ବରିଷ୍ଠମାନଙ୍କୁ ଏ ପର୍ଯ୍ୟନ୍ତ ମିଳିନାହିଁ। ଫଳରେ କନିଷ୍ଠ ଓ ବରିଷ୍ଠଙ୍କ ମଧ୍ୟରେ ଭେଦଭାବ ଭଳି ପରିସ୍ଥିତି ଉପୁଜିଛି। ଏହା ଭିତରେ ପଦୋନ୍ନତିକୁ ୫ ମାସ ବିତିଯାଇଥିଲେ ମଧ୍ୟ ୯୯ଜଣ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। ଫଳରେ, ନିଯୁକ୍ତି ନପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର୍‌ମାନେ ଡିଏସ୍‌ପି(ଇନ୍‌ଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି।

ସେପଟେ ଗତ ମାସ ତୃତୀୟ ସପ୍ତାହରେ ଚୌଦ୍ୱାର ଥାନାରେ ହାଜତ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ନୂଆ କରି ପଦୋନ୍ନତି ପାଇଥିବା ଡିଏସ୍‌ପି ତଥା ତତ୍କାଳୀନ ଚୌଦ୍ୱାର ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କୁ ନିଲମ୍ବିତ କରାଯାଇଥିଲା। ଏହାଦ୍ୱାରା ପଦୋନ୍ନତି ପାଇ ଥାନା ଦାୟିତ୍ୱରେ ଥିବା ଡିଏସ୍‌ପିମାନଙ୍କ ମନରେ ଛନକା ପଶିଛି। ଗୋଟିଏପଟେ, ଉପର ପାହ୍ୟାର ଅଧିକାରୀ ହୋଇ ଥାନା ଦାୟିତ୍ୱରେ ରହିବେ, ଅନ୍ୟପଟେ କୌଣସି ଅଘଟଣ ଘଟିଲେ ନିନ୍ଦା ଅପବାଦ ମୁଣ୍ଡାଇବା ସହ ନିଲମ୍ବନ ହେବାର ଭୟ ଏବେ ସେମାନଙ୍କୁ ଘାରିଛି। ଏଥିସହ ପଦୋନ୍ନତି ପାଇ ଅସ୍ଥାୟୀ ଭାବେ ଥାନା ଦାୟିତ୍ୱରେ ଥିବାରୁ ତଳ କର୍ମଚାରୀମାନେ ମଧ୍ୟ ସେମାନଙ୍କ କଥାକୁ ବିଶେଷ ଗୁରୁତ୍ୱ ଦେଉନାହାନ୍ତି। ପଦୋନ୍ନତିର ୫ ମାସ ପରେ ମଧ୍ୟ ଡିଏସ୍‌ପିମାନଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ନିଷ୍ପତ୍ତି ନେବାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପିଲାଙ୍କ କଫ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ କରିବାକୁ ନିମନ୍ତେ ପରାମର୍ଶ

# ୨ବର୍ଷରୁ କମ ଶିଶୁଙ୍କ କଫ ଓ ଥଣ୍ଡା ପାଇଁ ସିରପ୍ ମନା

ଭୁବନେଶ୍ୱର,୧୦।୧୦(ସମିସ): ଦେଶର ବିଭିନ୍ନ ସ୍ଥାନରେ ବିଷାକ୍ତ କଫ ସିରପ ଯୋଗୁଁ ଶିଶୁମାନଙ୍କ ମୃତ୍ୟୁ ପରେ ଓଡ଼ିଶାରେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା ହେଉଛି। ଏଣୁ ଶୁକ୍ରବାର ଓଡ଼ିଶା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସମସ୍ତ ମେଡିକାଲ କଲେଜ, ହସ୍ପିଟାଲ ଅଧିକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଶିଶୁ ଚିକିତ୍ସା ବିଶେଷଜ୍ଞ ସଂଘ, ଓଡ଼ିଶା ମେଡିକାଲ ସେବା ସଂଘ ପ୍ରଭୃତିକୁ କଫ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ,ସୁଚିନ୍ତିତ ଓ ଯୌକ୍ତିକ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି। ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଥଣ୍ଡା ଓ କଫ ରୋଗ ପ୍ରାୟତଃ ଆପେଆପେ ଶରୀରର ପ୍ରତିରୋଧକ ଶକ୍ତି ବଳରେ ଭଲ ହୋଇଥାଏ। ସେଥିପାଇଁ ସବୁବେଳେ ବାହ୍ୟ ଔଷଧ ପ୍ରୟୋଗର ବିଶେଷ ଆବଶ୍ୟକତା ନାହିଁ। ଅପରପକ୍ଷେ ଶରୀରର ପର୍ଯ୍ୟାପ୍ତ ଜଳଯୋଜନ (ଆଡ଼ିକ୍ୟୁଏଟ ହାଇଡ୍ରେସନ), ବିଶ୍ରାମ ଏବଂ ଆନୁସଙ୍ଗିକ ସହାୟତା ଆଦି ଉପରେ ଅଗ୍ରାଧିକାର ଦିଆଯିବା ଦରକାର। ୨ବର୍ଷରୁ କମ ଶିଶୁଙ୍କ କଫ ଓ ଥଣ୍ଡା ପାଇଁ ସିରପ୍ ଦିଆଯିବା ଉଚିତ୍ ନୁହେଁ। ଏହି ସବୁ ଔଷଧ ମଧ୍ୟ ୫ବର୍ଷରୁ କମ ପିଲାଙ୍କ ପାଇଁ ସୁପାରିଶ ଯୋଗ୍ୟ ନୁହେଁ। ଏପରିକି ୫ବର୍ଷରୁ ଅଧିକ ବୟସ୍କ ପିଲାଙ୍କ ପାଇଁ ଏସବୁ ପ୍ରକାର ଔଷଧ ଉପଯୁକ୍ତ ପରୀକ୍ଷା ନିରୀକ୍ଷା, ସମ୍ପୃକ୍ତ ପିଲାର ସ୍ୱାସ୍ଥ୍ୟ ଅବସ୍ଥାର ସଠିକ୍ ଆକଳନ ଆଦି ପରେ ଡାକ୍ତରଙ୍କ ସିଧାସଳଖ ତତ୍ତ୍ୱାବଧାନରେ କରାଯିବା ଦରକାର। ପିଲା କେତେ ମାତ୍ରାରେ ଔଷଧ କେତେ ଥର ଓ କେତେବେଳେ ଖାଇବ ତାହା ମଧ୍ୟ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ ନିର୍ଦ୍ଧାରିତ ହେବା ଦରକାର।

ଶିଶୁ ରୋଗ ଚିକିତ୍ସା ଓ ଔଷଧ ବଣ୍ଟନ କରୁଥିବା ସମସ୍ତ ସରକାରୀ ଓ ଘରୋଇ ଚିକିତ୍ସାଳୟମାନଙ୍କୁ ଏହି ପରାମର୍ଶ ଅନୁପାଳନ ନିମନ୍ତେ କୁହାଯାଇଛି।

**Government of Odisha "e" Procurement Notice**

Bid Identification No. TENDER ONLINE SNPR-03 OF 2025-26 O-967

| | | |
|---|---|---|
| 1. | Name of the work | Building Works as per DTCN available in the website www.tendersodisha.gov.in |
| 2. | Total No. of Work | 02 (Two) Nos. |
| 3. | Approximate Estimated Cost | Vary from Rs. 23.57 lakh to Rs. 47.70 lakh |
| 4. | Period of Completion | 6 (Six Calendar months) to 9 (Nine Calendar months) |
| 5. | Period and time of availability of bid document in the portal for bidding | 13.10.2025 at 11.00 AM to 24.10.2025 up to 5.00 PM |
| 6. | Date and time of opening of Tender | 27.10.2025 at 11.00 AM (Technical Bid) & (Financial Bid will be intimated later on) |
| 7. | Name and address of the officer inviting bid | S.E.R.W. Division, Sonepur |

(1) Other details can be seen from detailed notice
(2) Inviting tenders, available in website www.tendersodisha.gov.in
(3) Corrigendum if any shall only be published in the website: www.tendersodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0037/2526

## ଆଜିର ରାଶିଫଳ

**ମେଷ:** ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ ବିତିବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ। ସଫଳତା ପାଇଁ କଠିନ ପରିଶ୍ରମ କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ଯାତ୍ରା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।


## ଆଜିର ଇତିହାସ

- ୧୮୫୨- ସିଡ୍‌ନୀ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୦୨- ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜନ୍ମ।
- ୧୯୩୭- ପ୍ରଫେସର କ୍ୱିଜ୍ ନାମରେ ରେଡିଓରେ ପ୍ରଥମ କ୍ୱିଜ୍ କାର୍ଯ୍ୟକ୍ରମର ପ୍ରସାରଣ ଆରମ୍ଭ ହେଲା।
- ୧୯୪୨- ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ଜନ୍ମ।
- ୧୯୪୫- ଚୀନ୍‌ରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୧୯୮୭- ଭାରତୀୟ ଶାନ୍ତି ସେନା ଶ୍ରୀଲଙ୍କାରେ ଅପରେସନ୍ ପବନର ଆରମ୍ଭ କଲା।

## ଆନ୍ତର୍ଜାତିକ ବାଳିକା ଦିବସ



ସମଗ୍ର ବିଶ୍ୱରେ ଝିଅମାନେ ସମ୍ମୁଖୀନ ହେଉଥିବା ଲିଙ୍ଗଗତ ଅସମାନତା, ଆଇନ ଅଧିକାର, ସ୍ୱାସ୍ଥ୍ୟସେବା, ହିଂସା, ଭେଦଭାବ ଏବଂ ଅପରିପକ୍ୱ ବୟସରେ ବିବାହ ଭଳି ଅସମାନତା ବିରୋଧରେ ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଅକ୍ଟୋବର ୧୧ରେ 'ଆନ୍ତର୍ଜାତିକ ବାଳିକା ଦିବସ' ପାଳନ କରାଯାଉଛି। ବାଳିକାମାନଙ୍କୁ ସେମାନଙ୍କ ଅଧିକାର, ଆହ୍ୱାନ ଏବଂ ସୁଯୋଗ ବିଷୟରେ ଅବଗତ କରାଇବା ପାଇଁ ଏହି ଦିବସ ପାଳନ କରାଯାଏ। ୧୯ ଡିସେମ୍ବର ୨୦୧୧ରେ ଜାତିସଂଘ ସାଧାରଣ ପରିଷଦରେ ଏହି ଦିବସ ପାଳନ କରାଯିବା ପାଇଁ ଘୋଷଣା କରାଯିବା ପରେ ୨୦୧୨ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଆଜି ବି ବାଳିକାମାନେ ସବୁ କ୍ଷେତ୍ରରେ ଉପେକ୍ଷିତ। ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ସମ୍ମୁଖୀନ ହେଉଛନ୍ତି। ଏଣୁ ସେମାନଙ୍କ ପାଇଁ ବି ଏକ ସୁରକ୍ଷିତ ପରିବେଶର ଆବଶ୍ୟକତା ରହିଛି। ଏହା ସହ ବାଲ୍ୟ ବିବାହ, ଭ୍ରୂଣହତ୍ୟା ରୋକିବାର ଆବଶ୍ୟକତା ରହିଛି। ଏହି କଥାକୁ ଗମ୍ଭୀରତାର ସହ ଉପଲବ୍ଧି କରି ମିଳିତ ଜାତିସଂଘ ପକ୍ଷରୁ ବାଳିକାଙ୍କ ସଶକ୍ତୀକରଣ ପାଇଁ ପ୍ରତିବର୍ଷ ଅକ୍ଟୋବର ୧୧ରେ 'ଆନ୍ତର୍ଜାତିକ ବାଳିକା ଦିବସ' ପାଳନ କରାଯାଉଛି। ବିଶ୍ୱରେ ଲିଙ୍ଗଗତ ସମାନତା ଏବଂ ବାଳିକାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଦିଗରେ ସଚେତନ ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ। ଭାରତ ସରକାର ବାଳିକାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାର ଆରମ୍ଭ କରିଛନ୍ତି। କେବଳ ସରକାର ନୁହେଁ, ଆମ ସମସ୍ତଙ୍କ ଭିତରେ କନ୍ୟା ଶିଶୁଟି ପ୍ରତି ଆନ୍ତରିକ ଭଲପାଇବା ସହ ତାଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ନିଜ ନିଜର ଦାୟିତ୍ୱବୋଧତାର ଅଗ୍ରଗତି ଜରୁରି। ତାହେଲେ ଯାଇ ଆଜି ଦିନଟିର ସାର୍ଥକତା ପ୍ରତିପାଦିତ ହେବ। ବିଶ୍ୱର କୋଣ ଅନୁକୋଣରେ ଥିବା ପ୍ରତିଟି ଝିଅ କିପରି ପାଠ ପଢ଼ିବେ, ଶିକ୍ଷିତ ହେବେ, ସମାନ ଅଧିକାର ପାଇବା ସହ କିପରି ସମାଜ କଲ୍ୟାଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ ସେ ବାବଦରେ ଧ୍ୟାନ ଦେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ।



## ଆସିବ 'ବାହୁବଳି ୩'

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଅଭିନୀତ 'ବାହୁବଳି' ଓ 'ବାହୁବଳି ୨'କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଦୁଇଟି ଯାକ ଫିଲ୍ମ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ଏବେ ଏହି ଦୁଇଟି ଫିଲ୍ମକୁ ମିଶାଇ ଏସ୍. ଏସ୍. ରାଜମୌଳି 'ବାହୁବଳି: ଦ ଏପିକ୍' ନିର୍ମାଣ କରିଛନ୍ତି। ଏହା ଏଇ ୩୧ରେ ରିଲିଜ୍ ହେବ। ଇତିମଧ୍ୟରେ ଫିଲ୍ମ ନିର୍ମାତା ଶୋଭୁ ୟାର୍ଲାଗଡ୍ଡା 'ବାହୁବଳି ୩'କୁ ନେଇ ଖୁଲାସା କରିଛନ୍ତି। 'ବାହୁବଳି: ଦ ଏପିକ୍'ର ପ୍ରଚାର ସମୟରେ 'ବାହୁବଳି ୩'କୁ ନେଇ କୌଣସି ପ୍ରକାରର ଘୋଷଣା କରାଯିବ ନାହିଁ ବୋଲି ସେ କହିଛନ୍ତି। ଯଦିଓ ଶୋଭୁ ଫିଲ୍ମ ରିଲିଜ୍ କେବେ ହେବ ସେନେଇ କିଛି କହିନାହାନ୍ତି କିନ୍ତୁ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ତେବେ 'ବାହୁବଳି: ଦ ଏପିକ୍'ର ଶେଷରେ ଫିଲ୍ମ ନିର୍ମାତା 'ବାହୁବଳି ୩' ବିଷୟରେ କିଛି ସୂଚନା ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି।

## ମୃତ୍ୟୁ ପରର ଦୁନିଆ ଦେଖିଥିବା କହିଲେ ଡାକ୍ତର



କଥାରେ ଅଛି, 'ରଖେ ହରି ତ ମାରେ କିଏ'। ଏହାର ଅର୍ଥ ଭଗବାନ ଯାହାକୁ ରକ୍ଷା କରିବାକୁ ଚାହିଁବେ ଅନ୍ୟ କୌଣସି ଶକ୍ତି ସେହି ପ୍ରାଣୀର ଜୀବନ ନେଇପାରିବ ନାହିଁ। ବିଶ୍ୱରେ ଅନେକ ଲୋକ ମୃତ୍ୟୁକୁ ଅତି ନିକଟରେ ଦେଖି ପୁଣି ଜୀବିତ ରହିଥିବା କଥା ଯୁକ୍ତି ବାଢ଼ନ୍ତି। ଏଭଳି ଏକ ଘଟଣା ବିଷୟରେ ନିକଟରେ ଖୋଦ୍ ଜଣେ ଡାକ୍ତର କହିଛନ୍ତି। ଭାରତୀୟ ବଂଶୋଦ୍ଭବ ରାଜୀବ ପାରତୀ ଏକଦା ଆମେରିକାର କାଲିଫର୍ଣ୍ଣିଆ ସ୍ଥିତ ବେକର୍ସଫିଲ୍ଡ ହାର୍ଟ ହସ୍‌ପିଟାଲର ମୁଖ୍ୟ ନିଶ୍ଚେତକ ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଥିଲେ। ଏକଦା ସେ କିପରି ମୃତ୍ୟୁକୁ ଅତି ନିକଟରେ ଦେଖିଥିଲେ ସେକଥା ନିକଟରେ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ୨୦୦୮ ମସିହାରେ ତାଙ୍କୁ ୫୧ ବର୍ଷ ହୋଇଥିବାବେଳେ ତାଙ୍କର ମୂତ୍ରାଶୟ କର୍କଟ ଅସ୍ତ୍ରୋପଚାର କରାଯାଇଥିଲା। ଏହିସମୟରେ ହଠାତ୍ ତାଙ୍କର ହୃଦ୍‌ସ୍ପନ୍ଦନ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା। କିଛି ସମୟ ପାଇଁ ସେ ମରି ଯାଇଥିଲେ ବୋଲି କହିଛନ୍ତି। ତାଙ୍କ କହିବାନୁସାରେ, ମୃତ୍ୟୁ ପରେ ସେ ଯନ୍ତ୍ରଣା ଜର୍ଜରିତ କିଛି ଲୋକଙ୍କ ଆର୍ତ୍ତ ଚିତ୍କାର ଶୁଣିଥିଲେ। ଏହି ସମୟରେ ସେ ଏକ ଜଳନ୍ତା ରାସ୍ତାରେ ଥିବାର ଅନୁଭବ କଲେ। ତାଙ୍କୁ ପୋଡ଼ା ମାଂସର ଗନ୍ଧ ଆସିଥିଲା। ଧୂଆଁ ତାଙ୍କ ନାକରେ ଭର୍ତ୍ତି ହୋଇଗଲା। ସେତେବେଳେ ସେ ନର୍କଦ୍ୱାରରେ ଥିବା ପରି ଅନୁଭବ କରିଥିବା କୁହନ୍ତି। ଏହାପରେ ତାଙ୍କୁ ଦୁଇଜଣ ଦେବଦୂତ ମିଳିଥିଲେ। ସେମାନେ ତାଙ୍କୁ ନର୍କରୁ ଏକ ସୁଡ଼ଙ୍ଗ ପରି ଦ୍ୱାର ଦେଇ ଏକ ଅଦ୍ଭୁତ ଓ ସୁନ୍ଦର ସ୍ଥାନକୁ ନେଇଗଲେ। ସେଠାରେ ସେ କେବଳ ଉଜ୍ଜ୍ୱଳ ଆଲୋକ ଦେଖିପାରୁଥିଲେ। ସେହି ଆଲୋକରୁ ଜଣେ ବ୍ୟକ୍ତି ବାହାରି ଡାକ୍ତରଙ୍କୁ କିଛି ପ୍ରଶ୍ନ ପଚାରିଥିବା ସେ କହିଥିଲେ। ସେହିସମୟରେ ସେ ଅସ୍ତ୍ରୋପଚାର ଟେବୁଲ ଉପରେ ନିଜକୁ ପଡ଼ିଥିବାର ମଧ ଦେଖିଥିଲେ। ଏହା ତାଙ୍କର ମୃତ୍ୟୁ ପରର ଜୀବନ ଥିଲା ବୋଲି ଡାକ୍ତର ଜଣକ ଦାବି କରିଛନ୍ତି। ଏହି ଘଟଣା ପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା। ସେ ତାଙ୍କ ଡାକ୍ତରୀ ପେସା ମଧ ଛାଡ଼ିଦେଇଥିଲେ।

## ଆମ ବିଦ୍ୟାଳୟ



କ୍ଷମାନିଧି ଭୋଇ

ଆମ ବିଦ୍ୟାଳୟ ଶିକ୍ଷାର ଭଣ୍ଡାର
ଦିଶଇ କେଡ଼େ ସୁନ୍ଦର
ଆମକୁ ଦିଅଇ କେତେ କେତେ ଶିକ୍ଷା
ଅଭୁଲା ତା' ଉପକାର ।
ତା' ପାଖରେ କେତେ ଗୁରୁଜୀ ଗୁରୁମା
ଅଟନ୍ତି ସତେ ଈଶ୍ୱର
ଶିକ୍ଷା ଦେଇଥାନ୍ତି ସେନେହ ସହିତ
ଅଜ୍ଞାନକୁ କରି ଦୂର।
ବଗିଚା ତାହାର ଆହା କି ସୁନ୍ଦର
ମନ ପ୍ରାଣ ନିଏ ଟାଣି
ସୁରଭିତ ଫୁଲ ସୁଆଦିଆ ଫଳ
ଭରି ରହିଅଛି ପୁଣି ।
ପରଜାପତି ଓ ଭଅଁର ଉଡ଼ନ୍ତି
ଫୁଲେ ଫୁଲେ ବୁମି ବୁମି
କେତେ ଆନନ୍ଦରେ ଡେଣାକୁ ମେଲେଇ
ଚାରିଆଡ଼େ ଯାନ୍ତି ଘୂମି ।
କେତେ ବୈଜ୍ଞାନିକ କେତେ ଗାଣିତିକ
କେତେ କେତେ ରାଜନେତା
ଗଢ଼ି ଦେଇଅଛି ବିଦ୍ୟାଳୟ ଏହି
ଦେଖାଇ ତା' ମହାନତା ।
କେତେ ଶାସ୍ତ୍ର ଜ୍ଞାନ କେତେ ତର୍କ ଜ୍ଞାନ
ଇଂରାଜୀ ଓ ଚିତ୍ରାଙ୍କନ
ସାମାଜିକ ପାଠ କେତେ ନାଚ ଗୀତ
ଶିଖିଅଛୁ ତା'ଠୁଁ ପୁଣ ।
ଆହା କି ସୁନ୍ଦର ଆମ ବିଦ୍ୟାଳୟ
ଅଟଇ ଶିକ୍ଷା ମନ୍ଦିର
ମଣିଷ ଗଢ଼ା ଏ କାରଖାନା ପରା
ଆମେ ରତନ ତାହାର ।
ଆମକୁ ଗଢ଼ଇ ମଣିଷ ପରି ସେ
ସେନେହ ଆଦର କରି
ଆସ ଆମେ ତା'ର କରିବା ବିକାଶ
ତନୁ ମନ ପ୍ରାଣ ଭରି ।■

ସାଗୁନପାଲି, ସମ୍ବଲପୁର
ମୋ -୪୩୮୨୯୨୯୩୩




## ବାଇଆ ବସା






ମନୀଷା ପଣ୍ଡା

କି ଦିନ ରାତି ଖରା ବରଷା
ଆନନ୍ଦେ ଝୁଲୁଥାଏ
ଦେଖିଲେ ତା'ର ଟିକି ବସାଟି
ସବୁରି ମନ ପାଏ।
ଗୋଟେଇ ନେଇ କାଠି କୁଟାକୁ
ଥଣ୍ଟେ ପତର ଚିରି,
ବାୟା ଚଢ଼େଇ ଗଢ଼ଇ ବସା
କେତେ ଯତନ କରି ।
ବସାଟି ତା'ର ଏଡ଼େ ସୁନ୍ଦର
ଧନ୍ୟ ତା' କାରିଗରୀ,
ଟିକି ମୁଣ୍ଡରେ ଗଦାଏ ବୁଦ୍ଧି
ବିହି ଦେଇଛି ଭରି।
ମାଟିଆ ରଙ୍ଗ ଦେହଟି ତା'ର
ଥଣ୍ଟରେ ପୋକ ଖୁଣ୍ଟି,
ପେଟର ଭୋକ ମେଣ୍ଟାଇ ନିଏ
ଛୁଆଙ୍କୁ ଦିଏ ବାଣ୍ଟି।
ଝୁଲାମୁଣି ଭଳି ଝୁଲାଇ ବସା
ଭିତରେ ଖୋପ କରି,
ଛୁଆଙ୍କୁ ତା'ର ଅତି ଯତନେ
ଆହାର ଦିଏ ଭରି।
କଳି କଜିଆ ରାଗ ରୁଷାରୁ
ବାଇଆର କି' ଯାଏ!
ଗଛରେ ଥାଇ ବାଆ ବେଳେ ତା
ବସାରେ ଝୁଲୁଥାଏ ।■

ଅଙ୍ଗରାନ୍ତିପୁର, ଢେଙ୍କାନାଳ
ମୋ-୮୨୪୯୬୮୬୦୯୩

## ସୁମନ

## ଭାଲୁର ଆଳୁ ଚାଷ



ରମେଶ ଚନ୍ଦ୍ର ଦାଶ

ବିଲୁଆ ଆଳୁ ଚାଷ କରିବା ଦେଖି ବଣରାଇଜର ସମସ୍ତ ପ୍ରାଣୀ ପ୍ରଶଂସା କଲେ। ଏହା ଦେଖି ଭାଲୁ ବି ଆଳୁ ଚାଷ କରିବାକୁ ବାହାରିଲା। ସେ ଦିନେ ସଂଧ୍ୟାରେ ବିଲୁଆ ପାଖରେ ପହଞ୍ଚି ଆଳୁ ଚାଷ ବିଷୟରେ ପଚାରି ବୁଝିଲା। ବିଲୁଆ ବି ଯାହା ଜାଣିଥିଲା ସବୁ କହିଲା। ଶେଷରେ ବିଲୁଆ ଭାଲୁକୁ କହିଲା- ଆଉ ଯାହା ଜାଣିବାର ଅଛି, ଚାଷ ସମୟରେ ନିଜେ ଚେଷ୍ଟାକଲେ ଜାଣିପାରିବ। ଏଥିରେ ଭାଲୁର ମନ ବୁଝିଲା ନାହିଁ। ସେ ବିଲୁଆକୁ କହିଲା- ତୁ ମୋତେ ଅସଲ କଥା ଲୁଚାଉଛୁ। ଆଳୁ ଚାଷ କଲେ ସମସ୍ତେ ମୋତେ ପ୍ରଶଂସା କରିବେ ବୋଲି ତୁ ଈର୍ଷା କରୁଛୁ। ଏତକ କହିବା ସହିତ ଭାଲୁ ନିଜେ ଆଳୁ ଚାଷ କଲା। ମଝିରେ ମଝିରେ ଯାହା ଦରକାର ପଡ଼େ ବିଲୁଆ ପାଖକୁ ଯାଇ ବୁଝେ। ତା'ର ଆଗ୍ରହ ଥିବାରୁ ଆଳୁଚାଷ ଭଲ ହେଲା। ଏହା ଦେଖି ସମସ୍ତେ ପ୍ରଶଂସା କଲେ। ଏପରିକି ନିଜେ ବିଲୁଆ ମଧ ପ୍ରଶଂସା କଲା। ଦିନେ ଭାଲୁ ବିଲୁଆକୁ କହିଲା- ମୋର ବୁଦ୍ଧି ଅଧିକ ଯୋଗୁଁ ମୁଁ ତୋ ଠାରୁ ବଢ଼ିଆ ଆଳୁଚାଷ କଲି। ଏଥିରେ ବିଲୁଆ ଆଶ୍ଚର୍ଯ୍ୟ ହୋଇଗଲା। ସେ ଆଉ କିଛି ନ କହି କହିଲା- ହଁ ହଁ ନିଶ୍ଚୟ। ତୁମେ ତ ବୟସରେ ବଡ଼। ତୁମର ବୁଦ୍ଧି ବି ଅଧିକ। ତେଣୁ ତୁମ ଆଳୁ ଚାଷ ବଢ଼ିଆ ହୋଇଛି। ମୋର ସେଭଳି କରିବାର ଯୋଗ୍ୟତା ନାହିଁ। ଏହା ଶୁଣି ଭାଲୁର ମନ କୁଣ୍ଢେମୋଟ ହୋଇଗଲା। ବିଲୁଆ ଓ ଭାଲୁର କଥାବାର୍ତ୍ତା ସମୟରେ ଶୁଆଟିଏ ସେଇବାଟେ ଯାଉଥିଲା। ଭାଲୁ ଯେଉଁଦିନ ବିଲୁଆ ପାଖକୁ ଯାଇ ଆଳୁଚାଷ ସମ୍ପର୍କରେ ବୁଝୁଥିଲା, ସେଦିନ ବି ଶୁଆଟି ଗଛ ଡାଳରେ ରହି ସବୁ ଶୁଣିଥିଲା। ସେ ନିଜକୁ ସମ୍ଭାଳି ନ ପାରି ଭାଲୁକୁ କହିଲା- ମଉସା, ତୁମେ ବଡ଼ ଠକ। ତୁମକୁ ଆଳୁଚାଷ ବିଷୟରେ କିଛି ଜଣା ନ ଥିଲା। ବିଲୁଆ ଠାରୁ ଶିଖି ଆଳୁ ଚାଷ କଲ। ସେଥିରେ ବିଲୁଆକୁ ଧନ୍ୟବାଦ ନ ଦେଇ ନିଜକୁ ବୁଦ୍ଧିଆ ବୋଲି କହୁଛ, ଲାଜ ଲାଗୁନାହିଁ। ଏହା ଶୁଣି ଭାଲୁର ମୁହଁ ଶୁଖିଗଲା। ସେ ବିଲୁଆ ପାଖରେ ନିଜର ଭୁଲ ପାଇଁ କ୍ଷମା ପ୍ରାର୍ଥନା କଲା।■

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ-୯୭୭୬୨୩୮୫୨୨

## ପ୍ରହେଳିକା

ହେମନ୍ତ ଋତୁରେ ସେ ମାସ ଆସେ
ଧର୍ମ ମାସ ବୋଲି ରାଇଜ ହସେ
ବୃନ୍ଦାବତୀ ପାଶେ ବସିକି ଆଇ
ତପ ଜପ କରେ ପ୍ରଭୁଙ୍କୁ ଧ୍ୟାୟୀ
ଶିରୀ ମନ୍ଦିରରେ ହୁଏ ଗହଳି
ବ୍ରତ ପାଳିଥାନ୍ତି ହବିଷିଆଳୀ
ପଞ୍ଚୁକରେ ହୁଏ ଶରତ ରାସ
ଏବେ କୁହ ମିତ ସେ କେଉଁ ମାସ।

ଉତ୍ତର-କାର୍ତ୍ତିକ ମାସ

ବାରଟିଏ ସିଏ କାର୍ତ୍ତିକ ମାସେ
ସାରା ଶୈବପୀଠ ଗହଳି ଦିଶେ
ସଭିଏଁ କରନ୍ତି ଜଳ ଅର୍ପଣ
ଶିବ କରିଥାନ୍ତି ରିଷ୍ଟ ଖଣ୍ଡନ
ଶୁଭ ବାର ବୋଲି ଖ୍ୟାତ
ଶିବ ପୂଜା କଲେ ପୂଣ୍ୟ ମିଳିଥାଏ
କୁହ ତା'ର ନାମ ମିତ।

ଉତ୍ତର-ସୋମବାର


ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୭୩୪୩୪୬






ଅଦ୍ୱିତା ବିଶ୍ୱାଳ
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର






ଶାନ୍ତନୁ ଶାନ୍ତିସ୍ୱରୂପ
ଷଷ୍ଠ ଶ୍ରେଣୀ
ସରସ୍ୱତୀ ବିଦ୍ୟାମନ୍ଦିର
ଭୀମଟାଙ୍ଗି
ଭୁବନେଶ୍ୱର





କୀର୍ତ୍ତି କ୍ରିଷ୍ଟା ରାଉତ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ





ଆରୁଷି ପଟ୍ଟନାୟକ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଶାନ୍ତାସାହି, କେନ୍ଦ୍ରାପଡ଼ା



# କ୍ରୀଡ଼ା



## ଦ୍ୱିତୀୟ ଟେଷ୍ଟ; ୧୭୩ ରନ୍‌ରେ ଜୟସ୍ୱାଲ ଅପରାଜିତ

# ପ୍ରଥମ ଦିନରେ ଭାରତର ପ୍ରାଧାନ୍ୟ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି)



ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କର ଆକ୍ରମଣାତ୍ମକ ୧୭୩ ରନ୍ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଛି। ଜୟସ୍ୱାଲ ତାଙ୍କ ଟେଷ୍ଟ କ୍ୟାରିୟରର ୭ମ ଶତକ ଓ ଦ୍ୱିତୀୟ ୱିକେଟ ଯୋଡିରେ ସାଇ ସୁଦର୍ଶନଙ୍କ ସହ ୧୯୩ ରନ୍ ସଂଗ୍ରହ କରିବା ଫଳରେ ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ପ୍ରଥମ ଇନିଂସରେ ୨ ୱିକେଟ ହରାଇ ୩୧୮ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜୟସ୍ୱାଲଙ୍କ ସହ ଅଧିନାୟକ ଶୁବମନ ଗିଲ ୨୦ ରନ୍‌ରେ ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ଆଉଟ ହୋଇଥିବା ଦୁଇ ଖେଳାଳିଙ୍କ ମଧ୍ୟରୁ ଓପନର ଲୋକେଶ ରାହୁଲ ୩୮ ଓ ସୁଦର୍ଶନ ୮୭ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ବାମହାତୀ ସ୍ପିନର ଜୋମେଲ ୱାରିକାନ ୨ଟି ଯାକ ୱିକେଟ ଅକ୍ତିଆର କରିଥିଲେ। ଟସ୍ ଜିତିଥିବା ଭାରତ ଏଠାରେ ସିରିଜ୍ ସୁଇପ୍ ଲକ୍ଷ୍ୟ ନେଇ ପ୍ରଥମେ ବ୍ୟାଟିଂ କରିଥିଲା। ଅନ୍ୟ ପକ୍ଷରେ କ୍ରମାଗତ କ୍ଲିନ୍ ସୁଇପ୍ ଏଡାଇବା ଲାଗି ୱେଷ୍ଟଇଣ୍ଡିଜ୍ ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି ଅଧିନାୟକ ରୋଷ୍ଟୋନ ଚେଜ୍ କହିଥିଲେ।

ଏଠାରେ ଟସ୍ ଜିତିବା ପରେ ଶୁବମନ ଗିଲ୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦୁଇ ଓପନର ଜୟସ୍ୱାଲ ଓ ରାହୁଲ ପ୍ରଥମ ୱିକେଟରେ ୫୮ ରନ୍ ଉଠାଇଥିଲେ। ଏମାନେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ ମଧ୍ୟ ପ୍ରତିପକ୍ଷ ବାମହାତୀ ସ୍ପିନର ଜୋମେଲ ୱାରିକାନ୍‌ଙ୍କ ପ୍ରଥମ ଓଭରରେ ଓଭର ଷ୍ଟେପ୍ କରି ସଟ୍ ମାରିବାକୁ ଚେଷ୍ଟା କରିଥିବା ରାହୁଲ ୩୮ ରନ୍‌ରେ ଷ୍ଟମ୍ପ୍ ଆଉଟ ହୋଇଯାଇଥିଲେ। ଯାହା ଫଳରେ ୱେଷ୍ଟଇଣ୍ଡିଜ୍‌କୁ ବ୍ରେକ୍ ଥ୍ରୁ ଦେବାରେ ୱାରିକାନ ସମର୍ଥ ହୋଇଥିଲେ। ରାହୁଲଙ୍କ ଆଉଟ ପରେ ଜୟସ୍ୱାଲଙ୍କ ଓ ସାଇ ସୁଦର୍ଶନ ଲଞ୍ଚ୍ ସୁଦ୍ଧା ୧ ୱିକେଟରେ ୯୪ ରନ୍ କରିଥିଲା। ଲଞ୍ଚ୍ ପରେ ଉଭୟ ଖେଳାଳି ଆକ୍ରମଣାତ୍ମକ ବ୍ୟାଟିଂ କରି ଉନ୍ନତ ହାରରେ ରନ୍ ସଂଗ୍ରହ କରିଥିଲେ। ଯାହା ଫଳରେ ସୁଦର୍ଶନ ୫୮ ରନ୍ କରିଥିଲାବେଳେ ଆଉଟ ହେବାର ଏକ ସୁଯୋଗ ଦେଇଥିଲେ। ତାହାକୁ କିନ୍ତୁ ୱେଷ୍ଟଇଣ୍ଡିଜ୍ ହାତଛଡ଼ା କରିଥିଲା। ଯାହା ଫଳରେ ଜୟସ୍ୱାଲ ଓ ସୁଦର୍ଶନଙ୍କ ଭାଗୀଦାରିରୁ ୧୯୩ ରନ୍ ମିଳିଥିଲା। ସୁଦର୍ଶନ ତାଙ୍କ ସ୍ୱଳ୍ପ ଟେଷ୍ଟ କ୍ୟାରିୟରରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଅନ୍ୟ ପକ୍ଷରେ ଜୟସ୍ୱାଲ ୨୬ତମ ଟେଷ୍ଟରେ ୭ମ ଶତକ ହାସଲ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ୭ଟି ଶତକ ମଧ୍ୟରେ ସେ ୫ମଥର ଲାଗି ୧୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଡେବ୍ୟୁ ଟେଷ୍ଟରେ ୧୭୧ ରନ୍ ସାମିଲ। ଟେଷ୍ଟର ପ୍ରଥମ ଦିନରେ ଜୟସ୍ୱାଲ ଭାରତ ଲାଗି ଚତୁର୍ଥ ସର୍ବାଧିକ ସ୍କୋର କରିଛନ୍ତି। ତାଙ୍କ ପୂର୍ବରୁ ୨୦୦୭ରେ କୋଲକାତା ଟେଷ୍ଟର ପାକିସ୍ତାନ ବିପକ୍ଷରେ ୱାସିମ୍ ଜାଫର ୧୯୨, ୨୦୧୭ ଗଲ ଟେଷ୍ଟର ଶ୍ରୀଲଙ୍କା ବିପକ୍ଷରେ ଶିଖର ଧାୱନ ୧୯୦ ଓ ୨୦୨୪ ଭାଇଜାଗ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଜୟସ୍ୱାଲ ୧୭୯ ରନ୍ କରିଥିଲେ।

ତୃତୀୟ ସେସନରେ ସୁଦର୍ଶନଙ୍କ ଆଉଟ ହେବା ପରେ ଜୟସ୍ୱାଲଙ୍କ ସହ ଯୋଗ ଦେଇ ଅଧିନାୟକ ଶୁବମନ ଗିଲ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳିଙ୍କ ଡିଫେନ୍ସ ଏତେ ଷ୍ଟ୍ରଙ୍ଗ୍ ହୋଇଥିଲା ଯେ, ୱେଷ୍ଟଇଣ୍ଡିଜ୍ ବୋଲରମାନେ ଆଉଟ କରିବାକୁ ସୁଯୋଗ ସୃଷ୍ଟି କରିପାରି ନ ଥିଲେ। ଗିଲ ୨୦ ରନ୍ କରି ଜୟସ୍ୱାଲଙ୍କ ସହ ଅପରାଜିତ ରହିଥିଲେ। ସେ ୨୫୩ଟି ବଲ୍‌ର ସାମ୍ନା କରି ୨୨ ଚୌକା ସହ ୧୭୩ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ।

ୱେଷ୍ଟଇଣ୍ଡିଜ୍ ପକ୍ଷରୁ କୌଣସି ବୋଲର ଭାରତୀୟ ବ୍ୟାଟରଙ୍କ ଉପରେ ପ୍ରଭାବ ବିସ୍ତାର କରିବାରେ ସମର୍ଥ ହୋଇ ନ ଥିଲେ। କିନ୍ତୁ ୨ରୁ ୩ଟି ସ୍ପେଲ୍‌ରେ ଟାଇଟ ବୋଲିଂ କରି ରନ୍ ସଂଗ୍ରହ ହାର କମାଇଦେଇଥିଲେ। ଦଳର ବାମହାତୀ ସ୍ପିନର ଜୋମେଲ ୱାରିକାନ୍‌ଙ୍କୁ ୨ଟି ଯାକ ଭାରତୀୟ ୱିକେଟ ମିଳିଥିଲା। ରାହୁଲଙ୍କୁ ଆଉଟ କରିବା ଲାଗି ସେ ୮.୪ ଡିଗ୍ରି ଓ ସୁଦର୍ଶନଙ୍କୁ ଏଲବିଡବ୍ଲ୍ୟୁ କରିବାକୁ ୬.୪ ଡିଗ୍ରିରେ ବଲ ଟର୍ଣ୍ଣ କରାଇଥିଲେ। ଏହାକୁ ବାଦ୍ ଦେଲେ ଆଉ କୌଣସି ବଲ ଏତେ ଟର୍ଣ୍ଣ ନେଇ ନ ଥିଲା। ପ୍ରଥମ ଟେଷ୍ଟରେ ଇନିଂସ ବିଜୟ ହାସଲ କରିଥିବା ଭାରତୀୟ ଦଳ କୌଣସି ଖେଳାଳି ପରିବର୍ତ୍ତନ ନ କରି ଏହି ମ୍ୟାଚ୍ ଖେଳିଥିଲା। କିନ୍ତୁ ୱେଷ୍ଟଇଣ୍ଡିଜ୍ ଦୁଇ ଜଣ ଖେଳାଳି ବଦଳାଇଥିଲା। ବ୍ରାଣ୍ଡନ କିଙ୍ଗ୍‌ଙ୍କ ସ୍ଥାନରେ ଯୁବ ୱିକେଟରକ୍ଷକ ଟେଭିନ ଇମ୍‌ଲାଚ୍ ଏଠାରେ ଡେବ୍ୟୁ କରିଛନ୍ତି। ସେହିପରି ଜୋହାନ ଲେନ୍‌ଙ୍କ ସ୍ଥାନରେ ଆଣ୍ଡରସନ ଫିଲିପ୍‌ଙ୍କୁ ସାମିଲ କରାଯାଇଛି।

### ସ୍କୋର ବୋର୍ଡ

**ଭାରତ ପ୍ରଥମ ଇନିଂସ : ୩୧୮/୨, ୯୦ ଓଭର**
(ଯଶସ୍ୱୀ ଜୟସ୍ୱାଲ-ବ୍ୟାଟିଂ-୧୭୩, ଲୋକେଶ ରାହୁଲ-ଷ୍ଟମ୍ପ୍. ଇମ୍‌ଲାଚ୍ ବୋ.ୱାରିକାନ୍-୩୮, ସାଇ ସୁଦର୍ଶନ-ଏଲ୍‌ବିଡବ୍ଲ୍ୟୁ ବୋ.ୱାରିକାନ୍-୮୭, ଶୁବମନ ଗିଲ-ବ୍ୟାଟିଂ-୨୦, ଅତିରିକ୍ତ-୦)।

**ୱିକେଟ ପତନ**: ୧/୫୮ (ରାହୁଲ), ୨/୨୫୧ (ସୁଦର୍ଶନ)।

**ବୋଲିଂ ବିଶ୍ଳେଷଣ (ୱେଷ୍ଟଇଣ୍ଡିଜ୍)**: ଜେଡେନ ସିଲ୍ସ: ୧୬-୧-୫୯-୦, ଆଣ୍ଡରସନ ଫିଲିପ୍: ୧୩-୨-୪୪-୦, ଜଷ୍ଟିନ ଗ୍ରିଭ୍‌ସ: ୮-୧-୨୬-୦, ଖାରୀ ପିଏରେ: ୨୦-୧-୭୪-୦, ଜୋମେଲ ୱାରିକାନ୍: ୨୦-୩-୬୦-୨, ରୋଷ୍ଟୋନ ଚେଜ୍: ୧୩-୦-୫୫-୦।

## କିଂବଦନ୍ତିଙ୍କ ସହ ସମକକ୍ଷ ହେଲେ ଯଶସ୍ୱୀ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ୧୭୩ ରନ୍ କରି କିଂବଦନ୍ତିଙ୍କ ସହ ସମକକ୍ଷ ହୋଇପାରିଛନ୍ତି। ୧୪୫ ବଲ୍‌ରେ ୭ମ ଟେଷ୍ଟ ଶତକ ହାସଲ କରିଥିବା ଏହି ଯୁବ ଓପନର ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ୨୪ ବର୍ଷ ପୂର୍ବରୁ ଜୟସ୍ୱାଲ ୭ଟି ଶତକ ହାସଲ କରି ପାକିସ୍ତାନର ଜାଭେଦ୍ ମିଆଁଦାଦ୍, ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ୍, ଇଂଲଣ୍ଡର ଆଲିଷ୍ଟର କୁକ୍ ଓ ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନଙ୍କ ସହ ସମକକ୍ଷ ହୋଇଛନ୍ତି। ଏମାନଙ୍କଠାରୁ କେବଳ ୩ଜଣ ଖେଳାଳି ୨୪ ବର୍ଷ ବୟସରେ ଅଧିକ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ସେମାନେ ହେଲେ ଡନ୍ ବ୍ରାଡ୍‌ମ୍ୟାନ୍ ୧୨ଟି, ସଚିନ ତେନ୍ଦୁଲକର ୧୧ଟି ଓ ଗାରଫିଲ୍ଡ ସୋବର୍ସ ୯ଟି ଶତକ ହାସଲ କରିଥିଲେ। ଯଶସ୍ୱୀ ଜୟସ୍ୱାଲ ଟେଷ୍ଟ ଡେବ୍ୟୁ କରିବା ପରେ ୭ଟି ଶତକ ହାସଲ କରିଥିଲାବେଳେ ତାଙ୍କର ପାର୍ଟନର ହୋଇଥିବା ସମସ୍ତ ଖେଳାଳି ମାତ୍ର ୬ଟି ଶତକ କରିପାରିଛନ୍ତି। ଏହି ସମୟରେ ଇଂଲଣ୍ଡର ବେନ୍ ଡକେଟ ୪ଟି ଶତକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହାଛଡ଼ା ଅନ୍ତର୍ଜାତୀୟ କ୍ରିକେଟରେ ଯଶସ୍ୱୀ ୫୦ତମ ମ୍ୟାଚ୍‌ରେ ୩୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଛନ୍ତି। ଏହି ରନ୍ ସହ ସେ କେତେ ପରିପକ୍ୱ ହୋଇଛନ୍ତି, ତାହାର ଝଲକ ଏଠାରେ ଦେଇଛନ୍ତି।

■ ମହିଳା ବିଶ୍ୱକପ୍ କ୍ରିକେଟ

## ବାଂଲାର ଶୋଚନୀୟ ପ୍ରଦର୍ଶନ

ଗୁଆହାଟୀ,୧୦।୧୦(ଏଜେନ୍ସି): ଏଠାରେ ଶୁକ୍ରବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ମହିଳା ବିଶ୍ୱକପ୍ ମୁକାବିଲାରେ ବାଂଲାଦେଶ ଶୋଚନୀୟ ପ୍ରଦର୍ଶନ କରିଛି। ନ୍ୟୁଜିଲାଣ୍ଡ ପ୍ରଦତ୍ତ ୨୨୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୨୭ ଓଭର ଖେଳ ଶେଷସୁଦ୍ଧା ବାଂଲାଦେଶ ୭ ୱିକେଟରେ ୭୫ ରନ୍ କରି ପରାଜୟର ସମ୍ମୁଖୀନ ହୋଇଛି। ଏହି ସମୟରେ ଫାହିମା ଖାତୁନ ୧୯ ଓ ରାବେୟା ଖାନ୍ କୌଣସି ରନ୍ ନକରି ବ୍ୟାଟିଂ କରୁଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ୩ ପେସ ବୋଲର ରୋଜ୍‌ମେରୀ ମେୟାର, ଜେସ୍ କେର ଓ ଲିଆ ତାହୁହୁ ୨ଟି ଲେଖାଏଁ ୱିକେଟ ନେଇ ବାଂଲାର ବ୍ୟାଟିଂ ବିପର୍ଯ୍ୟୟ ରଚନା କରିଥିଲେ। ପୂର୍ବରୁ ଅଧିନାୟିକା ସୋଫି ଡିଭାଇନଙ୍କ ୬୩ ଓ ବ୍ରୁକ୍ ହ୍ୟାଲିଡେ'ଙ୍କ ୬୯ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୨୨୭ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଜି ବେଟ୍ସ ୨୯ ଓ ମ୍ୟାଡି ଗ୍ରୀନ୍ ୨୫ ରନ୍ କରି ଉପଯୋଗୀ ସହାୟତା ଦେଇଥିଲେ। ବାଂଲା ପକ୍ଷରୁ ରାବେୟା ଖାନ୍ ସର୍ବାଧିକ ୩ଟି ୱିକେଟ ପାଇଥିଲେ।

**ଆଜିର ମ୍ୟାଚ୍**
ଇଂଲଣ୍ଡ-ଶ୍ରୀଲଙ୍କା
ଆରମ୍ଭ : ଅପରାହ୍ଣ ୩ଟା
ସ୍ଥାନ : କଲମ୍ବୋ

● ସିକେ ନାଇଡୁ ଟ୍ରଫି

## ସାଇଦୀପଙ୍କୁ ରାଜ୍ୟ ଦଳର ନେତୃତ୍ୱ

କଟକ,୧୦।୧୦(ସମିସ): ଆସନ୍ତା ୧୬ ତାରିଖରୁ ୨୩ବର୍ଷରୁ କମ୍ ପୁରୁଷ ସି.କେ ନାଇଡୁ ଟ୍ରଫି ଆରମ୍ଭ ହେବ। ଏଥି ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ୧୫ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଦଳ ଚୟନ କମିଟି ସଦସ୍ୟ ଅବକାଶ ଖଟୁଆ, ୨୩ବର୍ଷରୁ କମ୍ ପୁରୁଷ ଦଳର ମୁଖ୍ୟ କୋଚ୍ ସୁବିତ ବିଶ୍ୱାଳ, ସହକାରୀ କୋଚ୍ ବିଭୂଦତ୍ତ ପଣ୍ଡା ଉପସ୍ଥିତ ରହି ଦଳ ଘୋଷଣା ନେଇ ସୂଚନା ଦେଇଥିଲେ। ସାଇଦୀପ ମହାପାତ୍ର ରାଜ୍ୟ ଦଳର ନେତୃତ୍ୱ ନେବେ। ଓମ ଟି ମୁଣ୍ଡେଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ମିଳିଛି। ଦଳରେ ଆୟୁଷ ସୂତାର, ପାନକଲ ଶଶାଙ୍କ, ଶ୍ରେୟାଂଶ ଭରଦ୍ୱାଜ, ସୁଜଳ ସିଂହ, ଦିନେଶ ମାଝୀ(ୱିକେଟ କିପର), ଆକାଶ ମହାପାତ୍ର(ୱିକେଟ କିପର), ବିମଳ କୁମାର, ମହମ୍ମଦ ଡାନିସ୍, ସୌମ୍ୟ ରଞ୍ଜନ ଲେଙ୍କା, ଆୟୁଷ ବାରିକ, ରିତେଶ ପ୍ରିୟରଞ୍ଜନ, ମହମ୍ମଦ ସୋହେଲ, ଆଶୁତୋଷ ଛୁରିଆ ସ୍ଥାନ ପାଇଛନ୍ତି। ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମରେ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଘରୋଇ ହାଇଦ୍ରାବାଦ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

● ୧୯ ବର୍ଷରୁ କମ୍ ମହିଳା ଟି-୨୦

## ୧୬ ଜଣିଆ ରାଜ୍ୟ ଦଳ ଘୋଷିତ

କଟକ,୧୦।୧୦(ସମିସ): ଅକ୍ଟୋବରୁ ୨୬ରୁ ୧୯ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି ଆରମ୍ଭ ହେବ। ଆଜି ଓସିଏ ସମ୍ମିଳନୀ କକ୍ଷରେ ମହିଳା ଚୟନ କମିଟି ସଦସ୍ୟା ଶୁଭ୍ରାଂଶୁବାଳା ଭୂୟାଁ ଓ ୧୯ବର୍ଷରୁ କମ୍ ମହିଳା ଦଳ କୋଚ୍ କାଦମ୍ବିନୀ ମହାକୁଡ ଉପସ୍ଥିତ ରହି ରାଜ୍ୟ ଦଳ ଘୋଷଣା କରିଥିଲେ। ଘୋଷିତ ୧୬ଜଣିଆ ଦଳରେ ପ୍ରିୟଙ୍କାରୀ ମୁଦୁଲିଙ୍କୁ ନେତୃତ୍ୱ ଦିଆଯାଇଛି। ଅନନ୍ୟା ପ୍ରିୟଦର୍ଶିନୀ ରାଉତ, ଆଞ୍ଜେଲ ରାଜ(ୱିକେଟ କିପର), ଅନୁଷ୍କା ମହାନ୍ତି(ୱିକେଟ କିପର), ଅନ୍ୱେଷା ବିଶ୍ୱାଳ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ଇପସିତା ପରିଡା, ଯଶମଣି ମୁର୍ମୁ, ମେଘା ପ୍ରଧାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ପରମାଣିକ, ଶୀତଲ ରାଉତ, ଶ୍ରେୟା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂହ, ସ୍ୱାତିକା ବେହେରା, ଯୁବଲୀପି ପରିଡ଼ା ଦଳରେ ରହିଛନ୍ତି। ରାୟପୁରର ଆରଡିସିଏ ଗ୍ରାଉଣ୍ଡରେ ସୌରାଷ୍ଟ୍ର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

● ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତା

## ପ୍ରଥମ ଦିନରେ ଓଡ଼ିଶାକୁ ୬ ପଦକ




ଭୁବନେଶ୍ୱର,୧୦।୧୦(ସମିସ): ଜାତୀୟ ୨୧ ବର୍ଷରୁ କମ୍ ଏବଂ ବରିଷ୍ଠ ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶାକୁ ୬ଟି ପଦକ ମିଳିଛି। ଉତ୍ତରପ୍ରଦେଶର ସାହରଣପୁରଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ୩ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ହାସଲ କରିଛନ୍ତି। ବରିଷ୍ଠ ମହିଳା ଫାଇଟିଂ ସିଷ୍ଟମରେ ଅନୁପମା ସ୍ୱାଇଁ ଓ ରୋଜାଲିନ୍ ପାଲ, ୨୧ ବର୍ଷରୁ କମ୍ ନେ-ୱାଜାର ୪୫ କିଲୋଗ୍ରାମ୍‌ରେ ସୁମନ୍ତ କୁମାର ସାହୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ବରିଷ୍ଠ ଫାଇଟିଂରେ ନିରୁପମା ସ୍ୱାଇଁ, ବିଦ୍ୟା ପୃଷ୍ଟି ଓ ପ୍ରିୟଦର୍ଶିନୀ ଘଟୁଆରୀ ରୌପ୍ୟ ପଦକ ହାସଲ କରିଛନ୍ତି।

ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ ସିରିଜ୍

## କିସ୍‌ର ଡୁମୁଣି ଭାରତର ଉପଅଧିନାୟିକା

ଭୁବନେଶ୍ୱର,୧୦।୧୦ (ସମିସ): କିସ୍‌ର ଛାତ୍ରୀ ଡୁମୁଣି ମାର୍ଣ୍ଡି ଏସିଆ ରଗ୍‌ବୀ ସେଭେନ୍ସ ସିରିଜ୍ ଲାଗି ଭାରତୀୟ ମହିଳା ଦଳର ଉପଅଧିନାୟିକା ମନୋନୀତ ହୋଇଛନ୍ତି। ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନ ପକ୍ଷରୁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାରୁ ୪ଜଣ ସ୍ଥାନ ପାଇଥିଲାବେଳେ କିସ୍‌ରୁ ୩ଜଣ ରହିଛନ୍ତି। କିସ୍‌ର ଅନ୍ୟ ଦୁଇ ଖେଳାଳି ହେଲେ ତରୁଲତା ନାୟକ ଓ ନିର୍ମାଲ୍ୟ ରାଉତ। ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ ଚତୁର୍ଥ ଓଡ଼ିଆ ଖେଳାଳି ଭାବେ ଏହି ଦଳରେ ସ୍ଥାନ ପାଇଛନ୍ତି। ଶ୍ରୀଲଙ୍କାର କଲମ୍ବୋଠାରେ ଏହି ସିରିଜ୍ ଅକ୍ଟୋବର ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଖେଳାଯିବ। କୋଲକାତାର ସାଇ ସେଣ୍ଟରଠାରେ ଅନୁଷ୍ଠିତ ନ୍ୟାସନାଲ କୋଚିଂ କ୍ୟାମ୍ପରେ ଏହି ଖେଳାଳିମାନେ ପ୍ରଶିକ୍ଷଣ ନେଇଥିଲେ। ଭାରତ ଲାଗି ମନୋନୀତ ସମସ୍ତ ଖେଳାଳିଙ୍କୁ କିଟ୍ ତଥା କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ନିର୍ମାଲ୍ୟ ରାଉତ, ଡୁମୁଣି ମାର୍ଣ୍ଡି ଓ ତରୁଲତା ନାୟକ

## ଜାତୀୟ ଦଳରେ ମୟୂରଭଞ୍ଜ ଝିଅ ସନ୍ଧ୍ୟା

ବାରିପଦା, ୧୦।୧୦ (ସମିସ): ଶ୍ରୀଲଙ୍କାର କଲମ୍ବୋଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ ସିରିଜ-୨୦୨୫ ଲେଗ୍-୨ରେ ଖେଳିବା ପାଇଁ ବରିଷ୍ଠ ମହିଳା ଦଳରେ ସ୍ଥାନ ପାଇଛନ୍ତି ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ। ଗତ ମାସ ଚୀନରେ ଅନୁଷ୍ଠିତ ଲେଗ୍-୧ ସିରିଜରେ ପ୍ରଥମଥର ପାଇଁ ଭାରତୀୟ ଦଳରେ ସ୍ଥାନ ପାଇ ସନ୍ଧ୍ୟାରାଣୀ ସର୍ବାଧିକ ୨୪ ପଏଣ୍ଟ ହାସଲ କରି ଇତିହାସ ରଚିଥିଲେ। ତାଙ୍କର ଚମତ୍କାର ଖେଳ ପ୍ରଦର୍ଶନ ପାଇଁ ଭାରତୀୟ ଦଳ ଏସିଆରେ ୧୦ମ ସ୍ଥାନରୁ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇପାରିଥିଲା। ଏବେ ସେ ପୁଣିଥରେ ଭାରତୀୟ ଦଳରେ ସ୍ଥାନ ପାଇଥିବାରୁ ମୟୂରଭଞ୍ଜରେ ଖୁସିର ଲହରି ଖେଳିଯାଇଛି।



ଗତ ୨୦୨୩ ଓ ୨୦୨୫ ମସିହାରେ ଜାତୀୟ କ୍ରୀଡ଼ାରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣପଦକ ଆଣିବାରେ ସନ୍ଧ୍ୟାରାଣୀଙ୍କ ଭୂମିକା ଉଲ୍ଲେଖନୀୟ ଥିଲା। ଫ୍ରାନ୍ସଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟସ୍ତରୀୟ ରଗବୀ ପ୍ରତିଯୋଗିତା-୨୦୨୪ରେ ମଧ୍ୟ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳରେ ସ୍ଥାନ ପାଇ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଫିଉଚର୍ ଷ୍ଟାର୍ ସ୍ପୋର୍ଟସ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ କହିଛନ୍ତି ଯେ ସନ୍ଧ୍ୟାଙ୍କ ସଫଳତାର କାହାଣୀ ଆଗାମୀପିଢ଼ିକୁ ପ୍ରେରଣା ଯୋଗାଉଥିବ। ଜିଲ୍ଲାପାଳ ହେମକାନ୍ତ ସଏ, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଜିଲ୍ଲା କ୍ରୀଡ଼ାଧିକାରୀ ଶୁଭାଶିଷ ନାୟକ, ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ସନ୍ଧ୍ୟାଙ୍କୁ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି।

# କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍

ଭୁବନେଶ୍ୱର, ୧୦।୧୦ (ସମିସ)

ସ୍ଥାନୀୟ ଆଇକନିକ୍ କଳିଙ୍ଗ ଷ୍ଟାଡ଼ିୟମ୍ ଆଥଲେଟିକ୍ସ ସେଣ୍ଟର ଠାରେ ଆସନ୍ତାକାଲି ଠାରୁ ଅର୍ଥାତ୍ ଅକ୍ଟୋବର ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍‌ର ଆୟୋଜନ କରାଯିବ। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯିବ। ଦୀର୍ଘ ୧୬ ବର୍ଷ ପରେ ଭାରତରେ ଏସୀୟ ଟେବୁଲ ଟେନିସ୍ ଚାମ୍ପିୟାନସିପ୍‌ର ଆୟୋଜନ କରାଯାଉଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ଆୟୋଜିତ ହେଉଛି।

୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପରେ ପ୍ରାୟ ୨୨ଟି ଦେଶ ଯଥା ଭାରତ, ଚୀନ, ଜାପାନ, କୋରିଆ ରିପବ୍ଲିକ, ଡେମୋକ୍ରାଟିକ ପିପୁଲ୍ସ ରିପବ୍ଲିକ ଅଫ କୋରିଆ, ତାଇୱାନ, ହଙ୍ଗକଙ୍ଗ, ସିଙ୍ଗାପୁର, ଚାଇନିଜ ମକାଓ, ବାଙ୍ଗଲାଦେଶ, ଇରାନ, କାଜାକିସ୍ତାନ, କିରଗୀଜସ୍ତାନ, ମାଲେସିଆ, ମାଳଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କତାର, ଶ୍ରୀଲଙ୍କା, ଥାଇଲାଣ୍ଡ, ଉଜବେକିସ୍ତାନରୁ ୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍, ସପୋର୍ଟ ଷ୍ଟାଫ ଆଦି ଅଂଶଗ୍ରହଣ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ଟିମ୍ ଏହି ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରୁଛନ୍ତି। ଏହି ଚାମ୍ପିୟନସିପ୍‌ରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟିମ୍ ଗୁଡ଼ିକ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁ ଥିବା ଆଇଆଇଟିଏଫ ୱାର୍ଲ୍ଡ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍-୨୦୨୬ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଶ୍ୱର ଟପ୍ ରାଙ୍କିଙ୍ଗ ଟେବୁଲ ଟେନିସ୍ ଖେଳାଳିମାନେ ଏହି ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍‌ରେ ଅଂଶ ଗ୍ରହଣ କରିଛନ୍ତି। ଭାରତରୁ ମହିଳା ବିଭାଗରେ ଶ୍ରୀଜା ଅକୁଲା, ମନିକା ବତ୍ରା, ଦିୟା ଚିତଲେ, ଯଶସ୍ୱିନୀ ଘୋରପଡ଼େ, ସ୍ୱସ୍ତିକା ଘୋଷ ଏବଂ ପୁରୁଷ ବିଭାଗରେ ଅଙ୍କୁର ଭଟ୍ଟାଚାର୍ଯ୍ୟ, ପୟାସ ଜୈନ୍, ମାନୁଷ ଶାହା, ସ୍ନେହିତ ସୁରବଜ୍ଜୁଲା, ମାନବ ଠକ୍କର ଆଦି କ୍ରୀଡାବିତ୍ ଅଂଶଗ୍ରହଣ କରିଛନ୍ତି। ଇତି ମଧ୍ୟରେ ବିଭିନ୍ନ ଦେଶରୁ କ୍ରୀଡ଼ାବିତ୍‌ମାନେ ଆସି ଭୁବନେଶ୍ୱର ଠାରେ ପହଞ୍ଚିଛନ୍ତି। ଖେଳାଳୀମାନେ ପ୍ରତିଯୋଗିତା ପାଇଁ ନିଜର ଅଭ୍ୟାସ ମଧ୍ୟ ଆରମ୍ଭ କରିଛନ୍ତି। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତିକୁ ବିଭାଗ ପକ୍ଷରୁ ସୁନିଶ୍ଚିତ କରାଯାଇଛି। ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ବୁକ୍ ମାଇ ସୋ (Book My Show) ୱେବ୍‌ସାଇଟରେ ମଧ୍ୟ ଟିକେଟ ବୁକିଂ ବ୍ୟବସ୍ଥା କରାଯାଇଛି। କ୍ରୀଡ଼ାପ୍ରେମୀ ଓ ଦର୍ଶକମାନେ ବୁକ୍ ମାଇ ସୋ (Book My Show) ୱେବସାଇଟକୁ ଯାଇ ଏସୀୟ ଟେବୁଲ ଟେନିସ୍ ଚାମ୍ପିଅନସିପ୍ ଦେଖିବା ପାଇଁ ନିଜର ଟିକେଟ ବୁକ୍ କରିପାରିବେ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ।




ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଏସିଆ ଟେବୁଲ ଟେନିସ୍ ୟୁନିୟନ୍‌ର ରିଜିଓନାଲ ଭାଇସ୍ ପ୍ରେସିଡ଼େଣ୍ଟ ଶେଖ୍ ହୟାତ୍ ଅଲ୍ ଖଲିଫା, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଏନ. ଗଣେଶନ, ଅଲମ୍ପିଆନ୍ ତଥା ପଦ୍ମଶ୍ରୀ ଅଚନ୍ତା ଶରତ କମଲ ପ୍ରମୁଖ ଉପସ୍ଥିତ ଥିଲେ।

## ନ୍ୟାସ୍‌ନାଲ୍ ଜୁନିଅର ଆଥଲେଟିକ୍ସ ଆରମ୍ଭ

ଭୁବନେଶ୍ୱର,୧୦।୧୦ (ସମିସ): କଳିଙ୍ଗ ଷ୍ଟାଡ଼ିୟମ ଠାରେ ଆଜିଠାରୁ ୪୦ତମ ନ୍ୟାସନାଲ ଜୁନିଅର ଆଥଲେଟିକ୍ସ ଚାମ୍ପିୟନସିପ୍ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହା ଆସନ୍ତା ଅକ୍ଟୋବର ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ପ୍ରାୟ ୨୦୦୦ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିବା ବେଳେ ଓଡ଼ିଶାରୁ ୩୮ଜଣ ପୁରୁଷ ଏବଂ ୩୭ଜଣ ମହିଳା ସର୍ବମୋଟ ୭୫ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରେ ଏକା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଟୁର୍ଣ୍ଣାମେଣ୍ଟର ଆୟୋଜନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ବିଗତ ଅଗଷ୍ଟ ମାସରେ ଭାରତର ପ୍ରଥମ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜର ଆୟୋଜନ ମଧ୍ୟ କଳିଙ୍ଗ ଷ୍ଟାଡ଼ିୟମରେ ସଫଳତାର ସହ କରାଯାଇଥିଲା। ବିଶ୍ୱ ସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଠାରୁ ନେଇ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାର ଆୟୋଜନ କରିବା ସହ ବିଶ୍ୱ କ୍ରୀଡ଼ା ଜଗତରେ ଓଡ଼ିଶା ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି କ୍ରୀଡ଼ାମନ୍ତ୍ରୀ ସୂରଜ ମତପ୍ରକାଶ କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS